

ଦୁଇଟି ପାର୍ଟରେ ଆସିବ ଧୁରନ୍ଧର

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-145 ◆FRIDAY ◆21 NOVEMBER 2025 ◆PAGE-12 ◆₹ 6.00

BHUBANESWAR

◆ବର୍ଷ-୪୩ ◆ସଂଖ୍ୟା-୧୪୫ ◆ଶୁକ୍ରବାର ◆୨୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ହିତାଧିକାରୀଙ୍କୁ ରାସନ ଛନକା

## କାର୍ଡ କାଟିବାକୁ ଘରଘର ବୁଲୁଛନ୍ତି ସରକାରୀ ଅଧିକାରୀ

■ ଭୁବନେଶ୍ୱର, ୨୦।୧୧ (ସମିସ): ସାରା ରାଜ୍ୟରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଘାରିଛି ରାସନ କାର୍ଡ ଛନକା । କେୱାଇସି ଯାଞ୍ଚ କରିବା ଓ ସରକାରୀ ନଥିପତ୍ରରେ ଅଯୋଗ୍ୟ ମନେ ହେଉଥିବା ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ କାଟିବା ପାଇଁ ସରକାରୀ ଅଧିକାରୀମାନେ ଘରଘର ବୁଲିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି । କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୯୨.୮୯ ଲକ୍ଷ ହିତାଧିକାରୀ ସାମିଲ ଥିବା ବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୯.୭୬ ଲକ୍ଷ ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇ ଦିଆଯାଉଛି । ତେବେ ମାସିକ ୧୦ ହଜାର ଟଙ୍କାରୁ ଅଧିକ ରୋଜଗାର, ୨ରୁ ବଖରାରୁ ଅଧିକ ପକ୍କା ଘର, ୩ ଚକିଆ ଗାଡ଼ି, ମୋଟର ଚାଳିତ ଡଙ୍ଗା ଓ କୃଷି ଯନ୍ତ୍ରପାତି ଆଦି ରହିଥିଲେ ରାସନ କାର୍ଡ କଟିବ ବୋଲି ଏବେ ପ୍ରଚାର ହେଉଛି । ସେହିପରି ଅଢେଇ ଏକର



### ସାରା ରାଜ୍ୟରୁ ବାଦ ପଡ଼ିବେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

ଜମି ଥିବା ହିତାଧିକାରୀମାନେ ମଧ ରାସନ କାର୍ଡରୁ ବାଦ ପଡ଼ିବେ ବୋଲି ସରକାରୀ ଅଧିକାରୀମାନେ କହୁଛନ୍ତି । ଯାହାକୁ ନେଇ ହିତାଧିକାରୀଙ୍କ ମନରେ ଛନକା ସୃଷ୍ଟି କରିଛି ।

ସୂଚନା ଅନୁଯାୟୀ କେନ୍ଦ୍ର ସରକାର ସାରା ଦେଶ ପାଇଁ ଏକ ସନ୍ଦିଗ୍ଧ ତାଲିକା ପ୍ରସ୍ତୁତ କରିଛନ୍ତି । ଏହି ତାଲିକାରେ ଦେଶର ୧ କୋଟି ୧୭ ଲକ୍ଷ ହିତାଧିକାରୀଙ୍କ ନାମ ରହିଛି । ଏହି ସନ୍ଦିଗ୍ଧ ତାଲିକାରେ ଥିବା ହିତାଧିକାରୀମାନେ ରାସନ ପାଇବା ପାଇଁ ଯୋଗ୍ୟ ନ ଥିବା କେନ୍ଦ୍ର ସରକାର ଅନୁଭବ କରୁଛନ୍ତି । ଅର୍ଥାତ ଏହି ତାଲିକାରେ ଥିବା ହିତାଧିକାରୀମାନେ ଅଯୋଗ୍ୟ ହୋଇ ମଧ ରାସନ ସାମଗ୍ରୀ ନେଉଥିବା କେନ୍ଦ୍ର କହିଛି । ଏଥିପାଇଁ ରାଜ୍ୟଗୁଡ଼ିକୁ ଏହି ତାଲିକା ପ୍ରଦାନ କରିବା ସହ ତାଲିକାରେ ଥିବା ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରି ସେମାନଙ୍କୁ ତାଲିକାରୁ ହଟାଇବାକୁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି । ଆୟକର ବିଭାଗ, ପରିବହନ ବିଭାଗ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଆଦି ବିଭାଗଗୁଡ଼ିକର ତଥ୍ୟକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ଓଡ଼ିଶାରେ ସରକାରୀ ସ୍ତରରେ ଧରପଗଡ଼ ଆରମ୍ଭ ହୋଇଛି । ସାରା ରାଜ୍ୟରେ ଅନ୍ୟୁନ ୧୦ ଲକ୍ଷ ହିତାଧିକାରୀଙ୍କ ନାମ ଏହି ସୂଚୀରୁ ବାଦ ଦେବାକୁ ଲକ୍ଷ୍ୟ ଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ▶ପୃଷ୍ଠା-୭

ବିଲ୍ ଅନୁମୋଦନ ମାମଲା: ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପାଇଁ ନାହିଁ ସମୟସୀମା

## ବିଳମ୍ବ ହେଲେ ଅଦାଲତଙ୍କ ହସ୍ତକ୍ଷେପ



### ରାଷ୍ଟ୍ରପତିଙ୍କୁ ମତାମତ ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କୋର୍ଟ ସେମାନଙ୍କୁ ଏଥିଲାଗି ବାଧ୍ୟ କରିପାରିବେ ନାହିଁ । ତେବେ ବିନା କାରଣରେ ଏହି ବିଲ୍ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ ରାଜ୍ୟପାଳ । ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ । ରାଷ୍ଟ୍ରପତିଙ୍କ ପ୍ରେସିଡେନସିଆଲ ରେଫେରେନ୍ସର ଉତ୍ତର ଦେବାକୁ ଯାଇ ସୁପ୍ରିମକୋର୍ଟ ଆଜି ଏଭଳି ମତାମତ ଦେଇଛନ୍ତି ।

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ବିଲ ଉପରେ ନିଷ୍ପତ୍ତି ନେବା ଲାଗି କୋର୍ଟ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ କ୍ଷେତ୍ରରେ ସମୟସୀମା ଧାର୍ଯ୍ୟ କରିପାରିବେ କି? ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରଶ୍ନକୁ ନେଇ ଲୋଡ଼ିଥିବା ମତାମତ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଆଜି ଉପରୋକ୍ତ ମତ ଦେଇଛନ୍ତି । ଜଷ୍ଟିସ ଗଭାଇ କହିଲେ ଯେ ବିଧାନସଭା ବିଲ୍ ପଠାଇଲେ ଏହା ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ । ତାଙ୍କ ପାଖରେ ତିନିଟି ବିକଳ୍ପ ରହିଛି । ବିଲ ଉପରେ ମୋହର ମାରିବେ, ଅନୁଧ୍ୟାନ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ନଚେତ ବିଲ୍ ଫେରାଇଦେବେ । ତେବେ ବିଲ୍ କାହିଁକି ଫେରାଇଲେ ତାହାର କାରଣ ଦର୍ଶାଇବାକୁ ପଡ଼ିବ । ବିଲ ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ପଦକ୍ଷେପ ନନେଲେ ଏହା ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ▶ପୃଷ୍ଠା-୭

## ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ



### ୨୬ ମନ୍ତ୍ରୀ ମଧ ନେଲେ ଶପଥ

### ବିଜେପିର ୧୪, ଜେଡିୟୁର ୮, ଚିରାଗଙ୍କ ୨ମନ୍ତ୍ରୀ ସାମିଲ

### ମନ୍ତ୍ରିମଣ୍ଡଳରେ ୩ ମହିଳା, ଜଣେ ମୁସଲମାନ

■ ପାଟନା, ୨୦।୧୧ (ଏଜେନ୍ସି): ନୀତୀଶ କୁମାର ରେକର୍ଡ କରିଛନ୍ତି । ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ପାଟନାର ଗାନ୍ଧୀ ମୈଦାନରେ ଆଜି ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏଥିସହିତ ନୀତୀଶ ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତାରେ ଥିବା ଦେଶର ଅଷ୍ଟମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଯଦି ଏହି କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରନ୍ତି ତେବେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷମତାରେ ଥିବା ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିବେ । ପୂର୍ବରୁ ଏହି ରେକର୍ଡ ସିକିମ ନେତା ପବନ ଚାମଲିଙ୍ଗଙ୍କ ନାମରେ ରହିଛି ।

ନୀତୀଶଙ୍କ ସହିତ ୨୬ ମନ୍ତ୍ରୀ ମଧ ଶପଥ ନେଇଛନ୍ତି । ଏମାନଙ୍କ ମଧ୍ୟରେ ବିଜେପି କୋଟାରୁ ୧୪ ଜଣ, ଜେଡିୟୁରୁ ୮, ଚିରାଗ ପାଶ୍ୱାନଙ୍କ ଏଲଜେପିଆରରୁ ୨ ଜଣ, ଜିତନ ରାମ ମାନ୍ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଦଳରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି । ଏହି ମନ୍ତ୍ରିମଣ୍ଡଳରେ ତିନି ମହିଳା ଏବଂ ଜଣେ ମୁସଲିମ ବ୍ୟକ୍ତି ସାମିଲ ଅଛନ୍ତି । ଜେଡିୟୁ ପୁଣିଥରେ ଜମା ଖାନ୍‌ଙ୍କୁ ମନ୍ତ୍ରୀ କରିଛି । ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ପୁଣି ଉପ-ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି । ନୀତୀଶଙ୍କ ଏହି ନୂଆ କ୍ୟାବିନେଟରେ ୧୩ ନୂଆ ମୁହଁ ସାମିଲ ହୋଇଛନ୍ତି । ନିଜର ୮ ମନ୍ତ୍ରୀଙ୍କୁ ନୀତୀଶ ପୁଣି ସୁଯୋଗ ଦେଇଛନ୍ତି । ତେବେ ବିଜେପିରୁ ୭ ଜଣ ନୂଆ କରି ମନ୍ତ୍ରୀ ହୋଇଛନ୍ତି । ▶ପୃଷ୍ଠା-୭

ସପ୍ତାହେ ପରେ ଶୀତ ଅଧିବେଶନ

## ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଗଭିଡ଼ା

### ଯେଉଁ ପ୍ରସଙ୍ଗକୁ ଛୁଇଁବ, ସେଥିରେ ସରକାର ବିଫଳ: ବିଜେଡି

### ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଦଳ ବିତର୍କ କରିବ: କଂଗ୍ରେସ

■ ଭୁବନେଶ୍ୱର, ୨୦।୧୧ (ସମିସ): ଆଉ ସପ୍ତାହେ ପରେ ଅର୍ଥାତ୍ ୨୭ ତାରିଖରୁ ଓଡ଼ିଶା ବିଧାନସଭାର ପଞ୍ଚମ(ଶୀତକାଳୀନ) ଅଧିବେଶନ ଆରମ୍ଭ ହେବ । ବିଭିନ୍ନ ପ୍ରସଙ୍ଗ ଯୋଗୁଁ ଏହି ଅଧିବେଶନଟି ଚର୍ଚ୍ଚାରେ ରହିବାକୁ ଯାଉଥିବା ବେଳେ ସରକାରଙ୍କୁ ଘେରିବାକୁ ବିରୋଧୀ ଏବେଠାରୁ ପାଗ ଭିଡ଼ା ଆରମ୍ଭ କଲେଣି । ଅଧିବେଶନ ପ୍ରାରମ୍ଭରୁ ଗୃହରେ ବିରୋଧୀ ସକ୍ରିୟ ରହିବା ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି । ଅପରପକ୍ଷେ ନୂଆପଡ଼ା ଉପନିର୍ବାଚନରେ ବିଶାଳ ବିଜୟକୁ ।।ନେଇ ଶାସକ ଦଳ ବିଜେପି ଉତ୍ସାହିତ ଥିବାବେଳେ ବିରୋଧୀଙ୍କ ସବୁ ଆକ୍ରମଣର ପ୍ରତ୍ୟୁତ୍ତର ଦିଆଯିବ ବୋଲି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି । ଅପରପକ୍ଷେ ଓଡ଼ିଶା ବିଧାନସଭା ଇତିହାସରେ ରାଷ୍ଟ୍ରପତି ପ୍ରଥମଥର ପାଇଁ ଉଦବୋଧନ ଦେବେ ଓ ଅଧିବେଶନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବା ନେଇ ସୂଚନା ମିଳିଛି ।

ସୂଚନାଯୋଗ୍ୟ ଯେ ଗତ ମୌସୁମୀ ଅଧିବେଶନ ମାତ୍ର ୭ ଦିନ ଚାଲିଥିବା ବେଳେ ବିରୋଧୀ କଂଗ୍ରେସ ଏବଂ ▶ପୃଷ୍ଠା-୭






ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୨୨ରେ ଲଘୁଚାପ, ୨୪ରେ ଅବପାତ

### ୨୮ରୁ ଡିସେମ୍ବର ୪ ମଧ୍ୟରେ ଅଧିକ ବର୍ଷା

### ଉଠିଲା ପାରଦ; କମିଲା ଶୀତର ପ୍ରଭାବ

■ ଭୁବନେଶ୍ୱର, ୨୦।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପୂର୍ବରୁ ଗୁରୁବାର ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ । 'ଷ୍ଟ୍ରିଟ୍ ଅଫ୍ ମାଲାକା' ମଧ ଅଂଶରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବଳୟ ଧୀରେ ଧୀରେ ବଙ୍ଗୋପସାଗର ମୁହାଁ ହେବ ଏବଂ ଏହାର ପ୍ରଭାବରେ ୨୨ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି । ଏହି ଲଘୁଚାପପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ବେଳକୁ ଆହୁରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର ମଧ ଭାଗରେ ଅବପାତରେ ପରିଣତ ହେବ । ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ । ଏହି ଲଘୁଚାପ ସୃଷ୍ଟି ପରେ ଅଧିକ ଘନୀଭୂତ ହେବା ପାଇଁ ସବୁ ପ୍ରକାର ପାଣିପାଗ ମଡେଲ ସୁହାଉ ଥିବାରୁ ଏହା ବାତ୍ୟାରେ ପରିଣତ ହୋଇପାରେ ବୋଲି ମଧ ପ୍ରାଥମିକ ଭାବେ ଆକଳନ କରାଯାଉଛି । ଏହାର ପ୍ରଭାବରେ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି । ପୁନଶ୍ଚ ଏହା ଯଦି ▶ପୃଷ୍ଠା-୭

ପୁଲିସ ଚାକିରି ବେପାର

## ଶଙ୍କର, ସୁରେଶ, ସାଗରଙ୍କ ଜାମିନ ଆବେଦନ ଖାରଜ

■ ବ୍ରହ୍ମପୁର, ୨୦।୧୧ (ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତଭାର ସିବିଆଇକୁ ଦେବା ନିମନ୍ତେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ ପିଟିସନ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ । ସେପଟେ ମାମଲାର ତଦନ୍ତ ପାଇଁ ବ୍ରହ୍ମପୁରରେ ପହଞ୍ଚିଛି ସିବିଆଇ ଟିମ୍ । ଜଣେ ଓକିଲଙ୍କ ସମେତ ସିବିଆଇର ୪ ଜଣିଆ ଟିମ୍ ପ୍ରଥମେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପହଞ୍ଚିଥିଲେ । କୋର୍ଟରେ ସିବିଆଇ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପତ୍ରକୁ ଦାଖଲ କରାଯାଇଥିଲା । ପରେ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟି, ସିଲିକନ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ଼ଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିବିଆଇ ଓକିଲ ଜାମିନ ଆବେଦନକୁ ବିରୋଧ କରିଥିଲେ । ଉଭୟପକ୍ଷର ଓକିଲଙ୍କଠାରୁ ଶୁଣିବା ପରେ ଭିଜିଲାନ୍ସ ଜଜ୍ ▶ପୃଷ୍ଠା-୭

ଆଡ୍‌ମିସନ୍ ପରେ ବଦଳିଗଲା ନିଟ୍ ର୍ୟାଙ୍କ

## ଗୋଟିଏ କ୍ଲାସ୍ ପରେ ବିଦା କରିଦେଲା ଭିମସାର୍



■ ସମ୍ବଲପୁର, ୨୦।୧୧ (ସମିସ): ସେଦିନ ପୁଅର ନିଟ୍ ର୍ୟାଙ୍କ ଦେଖି ବାପାର ଛାତି କୁଣ୍ଢେମୋଟ ହୋଇଯାଇଥିଲା । ଚଷାଘର ପୁଅ ଡାକ୍ତର ହେବ, ରୋଗୀ ସେବା କରିବ, ନାଁ କମେଇବ; ଦିନ ଆଲୁଅରେ ଠିଆଠିଆ ଏମିତି କେତେ ସ୍ୱପ୍ନ ଦେଖିଯାଇଥିଲେ ବରଗଡ଼ର ସୁଦାମ ସାହୁ । ପୁଅ ମୁକେଶ ସାହୁ ସର୍ବଭାରତୀୟ ସ୍ତରରେ ନିଟ୍ ରାଙ୍କ ୨୬,୪୫୯ ରଖି ସରକାରୀ ମେଡିକାଲ କଲେଜରେ ନିଜର ସିଟ୍‌ଟିଏ ପକା କରିଦେଇଥିଲା । ଦିନ ଗଡ଼ିବା ସହ ଆଡ୍‌ମିସନ୍ ପ୍ରକ୍ରିୟା ଆଗେଇଲା । କାଉନସେଲିଂ, ଆଡ୍‌ମିସନ୍ ପ୍ରକ୍ରିୟାରେ ଯେପରି କୌଣସି ତ୍ରୁଟି-ବିଚ୍ୟୁତି ନ ରୁହେ, ସେଥିପ୍ରତି ପୂରା ଧ୍ୟାନ ଦେଇ ଭୀମସାର୍‌ରେ ପୁଅର ଆଡମିସନ୍ କରାଇଲେ ସୁଦାମ । ଏଥିପାଇଁ ସ୍ତ୍ରୀର ଗହଣାଗାଣ୍ଠିକୁ ବି ବନ୍ଧା ପକାଇଦେଲେ । କିନ୍ତୁ, ପୁଅ ସେଠି ଗୋଟିଏ ଦିନ କ୍ଲାସ୍ କରିବା ପରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ତାଙ୍କୁ ବାହାର କରିଦେଲେ । କର୍ତ୍ତୃପକ୍ଷଙ୍କ କହିବା କଥା, ମୁକେଶଙ୍କ ଉପଯୁକ୍ତ ର୍ୟାଙ୍କ ନାହିଁ । ୱେବ୍‌ସାଇଟ୍‌ରେ ଦେଖିଲେ, ଏବେ ମୁକେଶଙ୍କ ର୍ୟାଙ୍କ ୧୭ ଲକ୍ଷ ଦେଖାଉଛି । ତେବେ ରାତାରାତି ପୁଅର ର୍ୟାଙ୍କ କିପରି ବଦଳିଗଲା, ତାହା ସୁଦାମଙ୍କ ଚାଷୀମୁଣ୍ଡରେ ପଶୁନାହିଁ । ମୁକେଶ ବି କିଛି ବୁଝିପାରୁନାହାନ୍ତି । ଏବେ ବାପ-ପୁଅ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛନ୍ତି । କାହା ପାଖକୁ ଯିବେ, ଅଭିଯୋଗ କରିବେ; କିଛି ଜାଣିପାରୁନାହାନ୍ତି ।

ମୁକେଶଙ୍କ କହିବାନୁସାରେ, ସେ ଆଡମିସନ୍ ନେବା ସହ ଆଜି ବାୟୋକେମେଷ୍ଟ୍ରି କ୍ଲାସ୍ ମଧ କରିଥିଲେ । କିନ୍ତୁ ହଷ୍ଟେଲ ଆଡମିସନ୍ ପାଇଁ ଗଲା ବେଳକୁ ସବୁ ଓଲଟପାଲଟ ହୋଇଗଲା । ତାଙ୍କର ପର୍ଯ୍ୟାପ୍ତ ର୍ୟାଙ୍କ ନାହିଁ ଓ ପାଠପଢ଼ା ହୋଇପାରିବ ନାହିଁ ବୋଲି ତାଙ୍କୁ ଜଣାଇବା ସହ ଭିମସାରରୁ ବାହାର କରି ଦିଆଯାଇଛି । ସେପଟେ, ଏଭଳି ଘଟଣା ପରେ ବାପା ସୁଦାମ ଭାଙ୍ଗି ▶ପୃଷ୍ଠା-୭

ସକାଳ
THE SAKALA
www.sakalaepaper.com

## ୬ ମାସ ମଧ୍ୟରେ ଟ୍ରମ୍ପଙ୍କ ଶିବିରକୁ ଫେରିଲେ ମସ୍କ

ୱାସିଂଟନ, ୨୦ ।୧୧(ଏଜେନ୍ସି): ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ପୁଣିଥରେ ଆମେରିକା ରାଜନୀତିର କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିବାଦ ଓ ମୁକାବିଲାମୂଳକ ସ୍ଥିତି ପରେ ସେ ରାଜଧାନୀ ୱାସିଂଟନରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସାଉଦି ରାଜକୁମାର ମହମ୍ମଦ ବିନ୍ ସଲମାନଙ୍କ ସମ୍ମାନରେ ଆୟୋଜିତ ଟ୍ରମ୍ପଙ୍କ ନୈଶ୍ୟଭୋଜିରେ ମସ୍କ ସାମିଲ ହୋଇଥିଲେ । ମସ୍କ ଏଥିସହ ନିଜର ନୂଆ ପାର୍ଟି ଗଢ଼ିବା ଯୋଜନାକୁ ମଧ୍ୟ ରଦ୍ଦ କରିଛନ୍ତି । ୨୦୨୬ରେ ଆୟୋଜନ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ସମର୍ଥନ କରିବେ ଓ ଏଥିପାଇଁ ପାଣ୍ଠି ପ୍ରଦାନ କରିବେ ବୋଲି କହିଛନ୍ତି । ଟ୍ରମ୍ପଙ୍କ ସହ ସେ ଆଉ ବିବାଦ ନୁହେଁ, ବନ୍ଧୁତ୍ୱ ସ୍ଥାପନ କରିବାକୁ ଇଚ୍ଛୁକ ବୋଲି କହିଛନ୍ତି । ୬ ମାସ ତଳେ ମସ୍କ ଓ ଟ୍ରମ୍ପ ମୁହାଁମୁହିଁ ହୋଇଥିଲେ । ସେତେବେଳେ ଟ୍ରମ୍ପ ପ୍ରଶାସନର 'ବିଗ୍ ବ୍ୟୁଟିଫୁଲ ବିଲ୍' ଓ ନିଜର ନକଟତର ଜେରେଡ ଆଇଜ୍ୟାକମ୍ୟାନଙ୍କୁ ନାସା ମୁଖ୍ୟ ନ କରିବାରୁ ମସ୍କ ଅସନ୍ତୁଷ୍ଟ ଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଥିଲା । କେବଳ ସେତିକି ନୁହେଁ, ଟ୍ରମ୍ପ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ସମ୍ପର୍କରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ । ଫଳରେ ଦୁହିଁଙ୍କ ସମ୍ପର୍କ ଆହୁରି ଖରାପ ହୋଇଥିଲା । ଏପଷ୍ଟିନଙ୍କ ସହ ଜଡିତ କାଗଜପତ୍ରକୁ ଏଥିପାଇଁ ଟ୍ରମ୍ପ ଜାରି କରିନାହାନ୍ତି । କାରଣ ସେ ମଧ୍ୟ ଜଡିତ ଅଛନ୍ତି ବୋଲି ମସ୍କ କହିଥିଲେ । ଫଳରେ ଟ୍ରମ୍ପ ଓ ମସ୍କଙ୍କ ବିବାଦ ଆହୁରି ଘନୀଭୂତ ହୋଇଥିଲା ।

## ଭାରତରୁ ପ୍ରତିଦିନ ୧୫୦ ବେଆଇନ ବାଂଲାଦେଶୀ ଫେରୁଛନ୍ତି: ବିଏସ୍‌ଏଫ୍

ନୂଆଦିଲ୍ଲୀ/କୋଲକାତା, ୨୦ ।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭାରତ ଓ ବାଂଲାଦେଶ ସୀମାରେ ନିୟୋଜିତ ଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ବଡ଼ ଦାବି କରିଛି । ରାଜ୍ୟରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଚାଲିଥିବାରୁ ଭାରତରେ ରହୁଥିବା ବହୁ ସଂଖ୍ୟାରେ ଅବୈଧ ବାଂଲାଦେଶ ନାଗରିକ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଉତ୍ତର ୨୪ ପ୍ରଗଣା, ମୁର୍ଶିଦାବାଦ୍ ଓ ମାଲଦା ଜିଲ୍ଲାର ବିନା ବାଡ଼ ଥିବା ଅଞ୍ଚଳ ଦେଇ ଦିନକୁ ୧୫୦ ବାଂଲାଦେଶୀ ନିଜ ଘରକୁ ଫେରୁଛନ୍ତି । ଚେକ୍ ପୋଷ୍ଟରେ ଛୋଟ ବ୍ୟାଗ୍‌ରେ ନିଜ ଜିନିଷଧରି ଧାଡ଼ିରେ ଠିଆ ହେଉଛନ୍ତି ବୋଲି ବିଏସ୍‌ଏଫ୍‌ର ଯବାନମାନେ କହିଛନ୍ତି । ଏମାନେ ଖୋଲାଖୋଲି ଭାବେ ନିଜକୁ ବାଂଲାଦେଶୀ ଓ ବହୁ ବର୍ଷ ତଳେ ବେଆଇନ୍ ଭାବେ ଭାରତ ଆସିଥିବା କଥା ସ୍ୱୀକାର କରୁଛନ୍ତି । ସୀମାରେ ଏହି ଅବୈଧ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଏସ୍‌ଏଫ୍ ଓ ପଶ୍ଚିମବଙ୍ଗ ପୁଲିସ ଉପରେ ଚାପ ବୃଦ୍ଧି ପାଇଛି । ଏମାନଙ୍କୁ ଦୁଇପଟେ ଧରାଯାଉଥିବା ବ୍ୟକ୍ତିଙ୍କର ବାୟୋମେଟ୍ରିକ ଭେରିଫିକେଶନ, ପଚରାଉଚରା ଓ ଆପରାଧିକ ପୃଷ୍ଠଭୂମି ନେଇ ଯାଞ୍ଚ୍ କରିବାକୁ ପଡୁଛି । ଅନ୍ୟପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏସ୍‌ଆଇଆରକୁ ରୋକିବା ପାଇଁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଚିଠି ଲେଖିଛନ୍ତି । ସେ ଏହି ପ୍ରକ୍ରିୟାକୁ ବିପଜ୍ଜନକ ଏବଂ ଜୋର ଜବରଦସ୍ତି ଲଦା ଯାଇଥିବା କହିଛନ୍ତି । ଏସ୍‌ଆଇଆରକୁ ରଦ୍ଦ କରିବା ପାଇଁ ମମତା ଦାବି କରିଛନ୍ତି । ଏହି ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଥିବା ସେ ଅଭିଯୋଗ କରିଛନ୍ତି ।

## ଶିକ୍ଷିତ ଆତଙ୍କବାଦୀ ସବୁଠୁ ବିପଜ୍ଜନକ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୦ ।୧୧(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଗୁରୁବାର ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣିରେ ଦିଲ୍ଲୀ ପୁଲିସ୍ ପକ୍ଷରୁ ମତ ରଖାଯାଇଛି । କୁହାଯାଇଛି, ଶିକ୍ଷିତ ଲୋକେ ଯେତେବେଳେ ଆତଙ୍କବାଦୀ ହୁଅନ୍ତି ସେମାନେ ସାଧାରଣ ଦଙ୍ଗାକାରୀଙ୍କଠାରୁ ଆହୁରି ବିପଜ୍ଜନକ ହୋଇଥାନ୍ତି । ଦେଶ ବିରୋଧୀ ଗତିବିଧି ସହ ଡାକ୍ତର ଓ ଇଞ୍ଜିନିୟରମାନେ ସାମିଲ ହେବା ଏବେ ଏକ ଟ୍ରେଣ୍ଡରେ ପରିଣତ ହୋଇଛି । ଏମାନେ ସରକାରଙ୍କ ଅର୍ଥରେ ପାଠପଢ଼ିଥାନ୍ତି ଓ ପରେ ଦେଶ ବିରୋଧରେ କାର୍ଯ୍ୟ କରିଥାନ୍ତି । ଦିଲ୍ଲୀ ପୁଲିସ ଏହି ଶୁଣାଣିରେ ସରଜିଲ ଇମାମଙ୍କ ଉତ୍ତେଜକ ଭାଷଣର ଭିଡିଓ କୋର୍ଟରେ ଉପସ୍ଥାପନ କରିଥିଲା । ଏହି ଭିଡିଓରେ ସରଜିଲ୍ ନାଗରିକତା ସଂଶୋଧନ ଆଇନ୍ (ସିଏଏ) ଓ ଏନ୍‌ଆରସି ବିରୋଧରେ ଏହି ଉତ୍ତେଜକ ଭାଷଣ ଦେଉଥିବାର ଦେଖାଯାଇଛି । ଏହି ଭାଷଣ ଦ୍ୱାରା ସ୍ଥିତି ବିଗିଡ଼ିଥିଲା ଓ ଜନତାଙ୍କୁ ଉସ୍‌କାଇବା ଭଳି କାର୍ଯ୍ୟ ହୋଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଆସିବା ସମୟରେ ହିଁ ଦଙ୍ଗାସୃଷ୍ଟି କରିବାକୁ ଗଭୀର ଓ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଥିଲା । ଏହି ଦଙ୍ଗାରେ ୫୩ ଜଣ ମୃତ୍ୟୁବରଣ କରିଥିଲେ ।

## ଏଟିଏମ୍ ଭ୍ୟାନ୍‌ରୁ ୭ କୋଟି ଲୁଟ୍


ବେଙ୍ଗାଲୁରୁ, ୨୦ ।୧୧(ଏଜେନ୍ସି): ବେଙ୍ଗାଲୁରୁରେ ଚଳଚ୍ଚିତ୍ର ଶୈଳୀରେ ଏକ ବଡ଼ଧରଣର ଲୁଟ୍ ହୋଇଛି । ଏକ ଏଟିଏମ୍ କ୍ୟାସ ଭ୍ୟାନରୁ ଲୁଟେରାମାନେ ୭ କୋଟି ଟଙ୍କା ଲୁଟ୍ କରିଛନ୍ତି । ବୁଧବାର ଅପରାହ୍ଣ ୧୨.୩୦ରେ ଏହି ଘଟଣା ଘଟିଛି । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଅଧିକାରୀ ପରିଚୟ ଦେବା ସହ ଲୁଟେରାମାନେ କ୍ୟାସ୍ ଭ୍ୟାନ୍‌କୁ ରାସ୍ତାରେ ଅଟକାଇ ଟଙ୍କା ନେଇ ପଳାଇଯାଇଥିଲେ । ଏହାପରେ ପୁଲିସ ଏହି ଭ୍ୟାନକୁ ଜୟଦେବ ସର୍କଲ ଫ୍ଲାଏଓଭର ପୋଲ ନିକଟରେ ଠାବ କରିଥିଲା । ପୁଲିସ ଭ୍ୟାନର ଡ୍ରାଇଭର, ଦୁଇଜଣ ସୁରକ୍ଷାକର୍ମୀ ଓ ଜଣେ କ୍ୟାସ୍ ଡିପୋଜିଟରଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି ।

## ପ୍ରଶାନ୍ତ କିଶୋରଙ୍କ ମୌନବ୍ରତ

ପାଟନା, ୨୦।୧୧ (ଏଜେନ୍ସି):ଦଶମ ଥର ପାଇଁ ନୀତୀଶ କୁମାର ଆଜି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ନିର୍ବାଚନରେ କୌଣସି ଖାତା ଖୋଲି ପାରି ନ ଥିବା ପ୍ରଶାନ୍ତ କିଶୋର ମୌନ ବ୍ରତ କରିଛନ୍ତି । ସେ ଭିତିହାରୱା ଗାନ୍ଧୀ ଆଶ୍ରମରେ ଏହି ଦିନିକିଆ ବ୍ରତ କରି କେବେ ପଛଘୁଞ୍ଚା ଦେବେ ନାହିଁ ବୋଲି ସଙ୍କେତ ଦେଇଛନ୍ତି । ସେ ପୂର୍ବରୁ କହିଥିଲେ ଯେ ବିହାରକୁ ଉନ୍ନତ ନ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବେ । କାହିଁକି ନୂଆ ବ୍ୟବସ୍ଥାର ଆବଶ୍ୟକତା ରହିଛି ତାହା ଲୋକଙ୍କୁ ବୁଝାଇବାରେ ସେ ବିଫଳ ହୋଇଥିବା ମଧ୍ୟ ସ୍ୱୀକାର କରିଥିଲେ ।

### ୧୦୦ଥର ବସ୍‌ଉଠ କରାଇଥିବା ଶିକ୍ଷୟିତ୍ରୀ ଗିରଫ


## ଅସୁସ୍ଥ ଅନୁଭବ କରିବା ପରେ ମୃତ୍ୟୁବରଣ କରିଥିଲେ ଛାତ୍ରୀ



ପାଲ୍‌ଘର, ୨୦ ।୧୧(ଏଜେନ୍ସି): ମହାରାଷ୍ଟ୍ର ପାଲଘରରେ ଜଣେ ଶିକ୍ଷୟିତ୍ରୀ ତାଙ୍କର ଜଣେ ଛାତ୍ରୀଙ୍କୁ ବିଳମ୍ବରେ ସ୍କୁଲକୁ ଆସିବାରୁ ୧୦୦ ଥର ବସ୍‌ଉଠ୍ ହେବାର ଦଣ୍ଡ ପ୍ରଦାନ କରିଥିଲେ । ଏହାପରେ ଅସୁସ୍ଥ ହୋଇ ୧୨ ବର୍ଷର ଏହି ଛାତ୍ରୀ ମୃତ୍ୟୁବରଣ କରିଥିଲେ । ଗୁରୁବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପୁଲିସ ଗିରଫ କରିଛି । ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରାଯାଇଛି । ଏହି ଘଟଣା ନଭେମ୍ବର ୮ରେ ଘଟିଥିଲା । ଛାତ୍ରୀଜଣଙ୍କ ଅସୁସ୍ଥ ହେବା ପରେ ତାଙ୍କ ଚିକିତ୍ସା କରାଯାଇଥିଲା । କିନ୍ତୁ ୭ ଦିନ ପରେ ନଭେମ୍ବର ୧୩ରେ ଛାତ୍ରୀଜଣକ ମୃତ୍ୟୁବରଣ କରିଥିଲେ । ଏହି ଶିକ୍ଷୟିତ୍ରୀଙ୍କ ନାମ ହେଉଛି ମମତା । ତାଙ୍କୁ ବସଇ ଅଞ୍ଚଳରେ ଥିବା ସତୀବାଲିର ଘରୋଇ ସ୍କୁଲ୍‌ରୁ ପୂର୍ବରୁ ହଟାଇ ଦିଆଯାଇଛି । ଏହା ପରେ ପୁଲିସ ମାମଲା ରୁଜୁ କରି ମମତାଙ୍କୁ ଗିରଫ କରିଛି । ଏହି ଘଟଣା ନେଇ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଏର କରାଯାଇଥିଲା । ହାଇକୋର୍ଟ ନିଜେ ଏ ମାମଲାରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ଆଇଟି ଯାଞ୍ଚ୍ କରିବାକୁ ଓ ସ୍କୁଲ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

### ଦିଲ୍ଲୀ ଛାତ୍ର ଆତ୍ମହତ୍ୟା ମାମଲା

## ସର୍ବସାଧାରଣରେ ଶିକ୍ଷକ ଅପମାନିତ କରିଥିବା ଅଭିଯୋଗ



ନୂଆଦିଲ୍ଲୀ, ୨୦ ।୧୧(ଏଜେନ୍ସି): ଦିଲ୍ଲୀର ସେଣ୍ଟ କଲମ୍ବିଆ ସ୍କୁଲ୍‌ର ଛାତ୍ର ସୌର୍ଯ୍ୟଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି । ସ୍କୁଲର ଶିକ୍ଷକ ସର୍ବସାଧାରଣରେ ଛାତ୍ରଙ୍କୁ ଅପମାନିତ କରିଛନ୍ତି ବୋଲି ତାଙ୍କ ମାତାପିତା ଅଭିଯୋଗ କରିଛନ୍ତି । ସୌର୍ଯ୍ୟଙ୍କୁ ଅପମାନିତ କରାଯାଇଥିଲା ବୋଲି ତା'ର ସହପାଠୀ କହିଥିବା ପିତା ପ୍ରଦୀପ ପାଟିଲ ଉଲ୍ଲେଖ କରିଛନ୍ତି । ନଭେମ୍ବର ୧୮ରେ ଏକ ନୃତ୍ୟ ଅଭ୍ୟାସରେ ଗୋଡ଼ ଖସିଯିବା କାରଣରୁ ସୌର୍ଯ୍ୟ ତଳେ ପଡ଼ିଯାଇଥିଲେ । ଫଳରେ ଜଣେ ଶିକ୍ଷକ ତାଙ୍କୁ ଗାଳି କରିଥିଲେ । ସେ ଯେତେବେଳେ କାନ୍ଦିଥିଲା, ଶିକ୍ଷକ କହିଥିଲେ ଯେ, କାନ୍ଦେ ଯେତେ କାନ୍ଦିବୁ ମୋ ଉପରେ କୌଣସି ଫରକ ପଡ଼ିବ ନାହିଁ । ଏତିକି ବେଳେ ସ୍କୁଲ୍‌ର ପ୍ରିନସପାଲ ମଧ୍ୟ ଉପସ୍ଥିତ ଥିଲେ । କିନ୍ତୁ କେହି ତାଙ୍କୁ ସମବେଦନା ଜଣାଇ ନ ଥିଲେ । ଫଳରେ ନଭେମ୍ବର ୧୮ରେ ୧୬ ବର୍ଷୀୟ ସୌର୍ଯ୍ୟ ରାଜେନ୍ଦ୍ର ନଗର ମେଟ୍ରୋ ଷ୍ଟେସନ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ । ବୁଧବାର ପ୍ରଦୀପ ପ୍ରିନ୍‌ସପାଲ, କୋର୍ଡିନେଟର ଓ ଶିକ୍ଷକମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । ପୁଅ ଉପରେ ସ୍କୁଲ ତରଫରୁ ଲଗାତର ମାନସିକ ଚାପ ପ୍ରୟୋଗ କରାଯାଉଥିଲା । ତାଙ୍କ ପତ୍ନୀ ତଥା ସୌର୍ଯ୍ୟଙ୍କ ମା ଏ ନେଇ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ପ୍ରଦୀପ କହିଛନ୍ତି ।

# ଭାରତ ବିରୋଧରେ ଟ୍ରମ୍ପଙ୍କ ଅପପ୍ରଚାର

## ■ 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠୁ ହାରିଛି ଭାରତ: ଆମେରିକା ରିପୋର୍ଟ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣି ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି । ଗୋଟିଏ ପଟେ ବନ୍ଧୁତ୍ୱର ହାତ ବଢ଼ାଉଥିବାବେଳେ ଅନ୍ୟପଟେ ବିଶ୍ୱାସଘାତ କରୁଛି । ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅପପ୍ରଚାର ଚଳାଇ ଭାରତକୁ ବଦନାମ କରିବାକୁ ପ୍ରୟାସ କରିଚାଲିଛି । ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୪ ଦିନ ପର୍ଯ୍ୟନ୍ତ ହୋଇଥିବା ସଂଘର୍ଷ ତଥା 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠାରୁ ଭାରତ ହାରି ଯାଇଥିଲା ବୋଲି ଆମେରିକା ପକ୍ଷରୁ ଜାରି ଏକ ରିପୋର୍ଟରେ ଦାବି କରାଯାଇଛି । ଏଥିରେ ପହଲଗାମ ଆକ୍ରମଣକୁ ମଧ୍ୟ ଆତଙ୍କବାଦୀ ଘଟଣା



କୁହାଯାଇ ନାହିଁ । ଏହାକୁ 'ବିଦ୍ରୋହୀଙ୍କ ଆକ୍ରମଣ' ଧରାଯାଇଛି । ୮୦୦ ପୃଷ୍ଠାର ଏହି ରିପୋର୍ଟକୁ ୟୁଏସ-ଚୀନ୍ ଇକୋନମିକ ଆଣ୍ଡ ସିକ୍ୟୁରିଟି ରିଭ୍ୟୁ କମିଶନ ତଥା ୟୁଏସସିସି ପକ୍ଷରୁ ଜାରି କରାଯାଇଛି । କଂଗ୍ରେସ ନେତା ଜୟରାମ ରମେଶ ଏହି ରିପୋର୍ଟକୁ ତୀବ୍ର ବିରୋଧ କରିଛନ୍ତି । ସେ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ଏହି ରିପୋର୍ଟକୁ ନେଇ ଆପତ୍ତି ଉଠାଇ ବିରୋଧ କରିବେ କି ବୋଲି ପଚାରିଛନ୍ତି । ଏହା ଭାରତର କୂଟନୀତି ପାଇଁ ବଡ଼ ଝଟ୍‌କା ବୋଲି ରମେଶ କହିଛନ୍ତି ।

### ■ ପହଲଗାମ ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ମାନିଲାନି

ରିପୋର୍ଟରେ କୁହାଯାଇଛି ଯେ 'ଅପରେସନ ସିନ୍ଦୂର'ରେ ଭାରତର ୬ଟି ଲଢୁଆ ବିମାନକୁ ପାକିସ୍ତାନ ଖସାଇ ଥିବା ଦାବି କରିଥିଲା । ଏଥିରେ ରାଫେଲ ସାମିଲ ଥିବା ମଧ୍ୟ କୁହାଯାଇଛି । ତେବେ ପ୍ରକୃତରେ କେବଳ ତିନୋଟି ବିମାନ ଖସା ଯାଇଥିବା ସୂଚନା ମିଳିଥିବା ଉଲ୍ଲେଖ କରାଯାଇଛି । ଏହା ଦ୍ୱାରା ରାଫେଲର ଛବି ଖରାପ ହୋଇଛି । ୟୁଏସସିସି ପକ୍ଷରୁ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ଏହି ଯୁଦ୍ଧକୁ ନିଜର ଆଧୁନିକ ଅସ୍ତ୍ରଶସ୍ତ୍ରକୁ ବିଶ୍ୱକୁ ଦେଖାଇବା ପାଇଁ ବ୍ୟବହାର କରିଥିଲେ । ସଂଘର୍ଷ ପରେ ଚୀନ୍ ଦୂତାବାସ ସାରା ବିଶ୍ୱରେ ନିଜ ଅସ୍ତ୍ରଶସ୍ତ୍ରର ପ୍ରଶଂସା କରିଥିଲା । ଭାରତୀୟ ଲଢୁଆ ବିମାନକୁ ଖସାଇବା ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିବା କୁହାଯାଇଥିଲା । ଭାରତ-ପାକିସ୍ତାନ ସଂଘର୍ଷର ୫ ମାସ ପରେ ଚୀନ୍ ଇଣ୍ଡୋନେସିଆକୁ ୪୨ଟି ଜେ-୧୦ସି ଲଢୁଆ ବିମାନ ବିକିବା ପାଇଁ ଚୁକ୍ତି କରିଥିଲା । ରିପୋର୍ଟ ଅନୁଯାୟୀ ପାକିସ୍ତାନ ଏହି ଲଢ଼େଇରେ ଚୀନ୍‌ର ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ, ପିଏଲ-୧୫ କ୍ଷେପଣାସ୍ତ୍ର ଏବଂ ଜେ-୧୦ ଲଢୁଆ ବିମାନ ବ୍ୟବହାର କରିଥିଲା ।

## ଆରବ ସାଗରରେ ଆମେରିକା ସମର୍ଥନରେ ଦୀପ ନିର୍ମାଣ କରିବ ପାକିସ୍ତାନ

ଇସ୍‌ଲାମାବାଦ୍, ୨୦ ।୧୧(ଏଜେନ୍ସି): ପାକିସ୍ତାନ ଆରବ ସାଗରରେ ଏବେ ଏକ କୃତ୍ରିମ ଦୀପ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି । ସମୁଦ୍ରରେ ତୈଳ ଖୋଜିବା ପ୍ରକ୍ରିୟା ପାଇଁ ଏକ ସ୍ଥାୟୀ ପୃଷ୍ଠଭୂମି ଭଳବେ ଏହି ଦୀପକୁ ବ୍ୟବହାର କରାଯିବ ବୋଲି ପାକିସ୍ତାନ ସରକାର କହିଛନ୍ତି । ପାକିସ୍ତାନ ପେଟ୍ରୋଲିୟମ ଲିମିଟେଡ (ପିପିଏଲ୍) ଏହି ପ୍ରସ୍ତାବିତ ପ୍ରକଳ୍ପର ନେତୃତ୍ୱ ନେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ମିଳିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି । ଗତ ଜୁଲାଇରେ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଆମେରିକା ଓ ପାକିସ୍ତାନ ମିଳିତ ଭାବେ ତୈଳ ଭଣ୍ଡାରର ବିକାଶ କରିବେ । ଯଦି ଏଥିରେ ତୈଳ ମିଳେ ଭାରତ ମଧ୍ୟ ପାକିସ୍ତାନଠୁ କ୍ରୟ କରିବ ବୋଲି ଟ୍ରମ୍ପ କହିଥିଲେ । ଏହି କୃତ୍ରିମ ଦୀପ ସାହଯ୍ୟରେ ପାକିସ୍ତାନ ୨୫ଟି ତୈଳକୂପ ଖୋଳିବାକୁ ଯୋଜନା ରଖିଛି । ସିନ୍ଧ ରାଜ୍ୟ ଉପକୂଳରୁ ୩୦କିମି ଦୂରରେ ଥିବା ସୂଜାବଲ ଅଞ୍ଚଳରେ ଏହି ଦୀପ ସୃଷ୍ଟି କରାଯିବ । ସୂଜାବଲ କରାଚୀଠାରୁ ପାଖାପାଖି ୧୩୦ କିମି ଦୂରରେ ଅବସ୍ଥିତ । ସୂଚନା ଯୋଗ୍ୟ ଯେ, ପାକିସ୍ତାନ ଆଶୋଧିତ ତୈଳ କ୍ରୟ କରିବାରେ ୫୦ତମ ସ୍ଥାନରେ ରହିଛି । ପାକିସ୍ତାନ ୮୦ ପ୍ରତିଶତରୁ ଅଧିକ ଆଶୋଧିତ ତୈଳ କ୍ରୟ କରୁଛି ।

## ବିସ୍ଫୋରଣ ଷଡ଼ଯନ୍ତ୍ରକାରୀ ସମେତ ୫ ଗିରଫ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ କରୁଥିବା ଏନ୍‌ଆଇଏ ୫ ଜଣ ପ୍ରମୁଖ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିଛି । ଏ ପର୍ଯ୍ୟନ୍ତ ଏହି ମାମଲାରେ ଏନଆଇଏ ୭ ଜଣଙ୍କୁ ଗିରଫ କଲାଣି । ଗିରଫ ଅଭିଯୁକ୍ତ ଅନନ୍ତନାଗ କାଜିଗୁଣ୍ଡର ବାସିନ୍ଦା ତଥା ସକ୍ରିୟ ଷଡ଼ଯନ୍ତ୍ରକାରୀ ଜସିର ବିଲାଲ ୱାନୀ ଓରଫ ଦାନିଶ ରହିଛି । ଅନ୍ୟମାନଙ୍କ ମଧ୍ୟରେ ପୁଲୱାମାର ଡ. ମୁଜାମିଲ ସକିଲ ଗନି, ଅନନ୍ତନାଗର ଡ. ଅଦିଲ ଅହମ୍ମଦ ରାଥର, ସୋପିଆନର ମୁଫ୍‌ତି ଇର୍ଫାନ ଅହମ୍ମଦ ଏବଂ ଲକ୍ଷ୍ନୌର ଡ. ସାହିନ ସୈୟିଦ ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଏହି ଚାରି ଜଣଙ୍କୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଛି । କୋର୍ଟ ଆଜି ଏହି ଚାରି ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଛନ୍ତି । ପୂର୍ବରୁ ଏହି ଅଭିଯୁକ୍ତ ଜମ୍ମୁ-କଶ୍ମୀର ସହିତ ଅନ୍ୟ ରାଜ୍ୟର ପୁଲିସ ହେପାଜତରେ ଥିଲେ । ଏନଆଇଏର ସୂଚନା ଅନୁଯାୟୀ, ଜସିର ଆତ୍ମଘାତୀ ଉମର ଉନ ନବିର ଘନିଷ୍ଠ ସହଯୋଗୀ ଥିଲା । ସେ ଡ୍ରୋନ ଏବଂ ରକେଟ ମାଧ୍ୟମରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯାନ୍ତ୍ରିକ ସହାୟତା ଦେଇଥିଲା । ରକେଟ ନିର୍ମାଣରେ ମଧ୍ୟ ସହାୟତା କରିଥିଲା । ଦିଲ୍ଲୀ ବିସ୍ଫୋରଣ ପାଇଁ ସେ ଆତ୍ମଘାତୀ ବୋମା ଉମର ନବି ସହ ମିଶି କାମ କରିଥିଲା । ସେହିପରି ଅନ୍ୟ ଚାରି ଜଣ ଡାକ୍ତର ଏହି ବିସ୍ଫୋରଣେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କୁହାଯାଇଛି ।

### ■ ଅଲ-ଫଲାହରୁ ପାସ୍ ହୋଇଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ନେଲା ଏଜେନ୍ସି

### ■ ବିଦେଶ ଯିବାକୁ ବାହାରି ଥିଲେ ଅଲ-ଫଲାହ ଅଧ୍ୟକ୍ଷ ସିଦ୍ଦିକୀ

ଅନ୍ୟପକ୍ଷରେ ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟିରୁ ପରିଚାଳିତ ଆତଙ୍କବାଦୀ କାର୍ଯ୍ୟରେ ସାମିଲ ଡାକ୍ତର ଗୁପ୍ତ ଭାବେ ସେମାନଙ୍କ କାମ ଜାରି ରଖିଥିଲେ । ଆତଙ୍କବାଦୀ ନେଟୱାର୍କ ପ୍ରସ୍ତୁତ କରିବା ପାଇଁ ଡ.ମୁଜାମିଲ ସକିଲକୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା । ନୂଆ ନିଯୁକ୍ତି ପରେ ଡ. ସାଇନ ସୈୟିଦ ଏବଂ ଡ. ଉମର ନବି ସେମାନଙ୍କୁ ଆର୍ଥିକ ସହାୟତା ଦେଇ ବ୍ରେନୱାସ କରାଉଥିଲା । ଏହି ନେଟୱର୍କରେ ସାମିଲ ଥିବା କର୍ମଚାରୀଙ୍କ ପରିବାର ସଦସ୍ୟ ଏହି ସୂଚନା ଦେଉଛନ୍ତି । ଏଠାରେ ମୁଜାମିଲ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ ବି ପରଦା ପଛରେ ରହି ଆତଙ୍କବାଦୀ ସୃଷ୍ଟି କରୁଥିଲା । ଏହି ୟୁନିଭର୍ସିଟିରୁ ପାସ୍ କରି ବିଭିନ୍ନ ସ୍ଥାନରେ ଚାକିରି କରୁଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରିଛି ଏନ୍‌ଆଇଏ । ଏମାନେ ଆତଙ୍କବାଦୀଙ୍କୁ ସହାୟତା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା କୁହାଯାଉଛି । କିଛି ବ୍ୟକ୍ତି ବଂଲାଦେଶ ଏବଂ ଆଫଗାନିସ୍ତାନ ଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି । ଏବେ ସେମାନଙ୍କୁ ଧରିବା ପାଇଁ ଏନଆଇଏ ପ୍ରୟାସ ଆରମ୍ଭ କରିଛି ।

ଦିଲ୍ଲୀ ବିସ୍ଫୋରଣ ମାମଲାକୁ ନେଇ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଯାଞ୍ଚ ଏଜେନ୍ସିର ରାଡାରରେ ରହିଛି । ଆତଙ୍କବାଦୀଙ୍କ ଶିକ୍ଷାକେନ୍ଦ୍ର ପାଲଟି ଥିବା ଏହି ବିଶ୍ୱବିଦ୍ୟାଳୟର ଅନେକ ଗୁମର ଖୋଲିବାରେ ଲାଗିଛି । ଏହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରି ଇଡି ରିମାଣ୍ଡକୁ ନେଇଛି । ତେବେ ସେ ବିଦେଶ ପଳାଇବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି ।

## କଶ୍ମୀର ଟାଇମ୍ସରେ ଏସ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୦ ।୧୧(ଏଜେନ୍ସି) ଜମ୍ମୁ-କଶ୍ମୀର ପୁଲିସର ଷ୍ଟେଟ୍ ଇନଭେଷ୍ଟିଗେସନ ଏଜେନ୍ସି (ଏସଆଇଏ) ଗୁରୁବାର 'କଶ୍ମୀର ଟାଇମ୍ସ' ଖବରକାଗଜ ଅଫିସରେ ଚଢ଼ଉ କରିଛି । ଏଠାରୁ ଏକେ-୪୭ ରାଇଫଲର କ୍ୟାଟ୍ରିଜ, ପିସ୍ତଲ ରାଉଣ୍ଡ ଏବଂ ହ୍ୟାଣ୍ଡ ଗ୍ରେନେଡ଼ ଜବତ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି । ଏହି ପ୍ରକାଶନ ସଂସ୍ଥା ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ବୋଲି ପୁଲିସ ଅଧିକାରୀ କହିଛନ୍ତି । ତେବେ କଶ୍ମୀର ଟାଇମସ ପକ୍ଷରୁ ଏହାର ଖଣ୍ଡନ କରାଯାଇଛି । ଏହି ସମ୍ବାଦପତ୍ରର ସମ୍ପାଦକଙ୍କ ପକ୍ଷରୁ କୁହାଯାଇଛି ଯେ ବିଭିନ୍ନ ସମୟରେ ଏହାକୁ ହଇରାଣ କରାଯାଉଛି । ଯେଉଁଥିପାଇଁ ୨୦୨୨ରୁ ଏହି ସମ୍ବାଦପତ୍ରର ମୁଦ୍ରିତ ପ୍ରକାଶନ ବନ୍ଦ ରହିଛି । ତେବେ ଡିଜିଟାଲ ପ୍ରକାଶନ ଜାରି ରହିଛି । କାହାରି ନାଲି ଆଖି ଆଗରେ ସମ୍ବାଦପତ୍ରର ସ୍ୱର ଦବିଯିବ ନାହିଁ ।

## ବିବାଦରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା

ବ୍ୟାଙ୍କକ୍, ୨୦।୧୧ (ଏଜେନ୍ସି): ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା (୨୦୨୫)କୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି । ଗ୍ରାଣ୍ଡ ଫିନାଲେର ଦିନକ ପୂର୍ବରୁ ବ୍ରହ୍ମାଣ୍ଡ ସୁନ୍ଦରୀ ଚୟନ କମିଟିର ଅଧ୍ୟକ୍ଷ ଏବଂ ଇଟାଲୀ ରାଜକୁମାରୀ କ୍ୟାମିଲା ଡି ବୋରବୋନ ବିଚାରକମଣ୍ଡଳୀରୁ ଇସ୍ତଫା ଦେଇଛନ୍ତି । ତୃତୀୟ ବିଚାରପତି ଭାବେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି । ଏହା ପୂର୍ବରୁ ସଙ୍ଗୀତକାର ଓମାର ହାରଫୁସ ଏବଂ ଫ୍ରାନ୍ସର ପୂର୍ବତନ ଫୁଟବଲର କ୍ଲାଉଡ ମାକଲେଲେ ଏହି ଜୁରିରୁ ବାହାରି ଯାଇଥିଲେ । ଏହି ଚୟନ କମିଟି ମୋଟ ୮ ସଦସ୍ୟ ଥାଆନ୍ତି । ୩ ବିଚାରକ ଛାଡିବା ପରେ ସଂଗଠନ ନତାଲୀ ଗ୍ଲୋବୋୱାଙ୍କୁ ସାମିଲ କରିଥିଲା । ଏବେ ବିଚାରକ ମଣ୍ଡଳୀରେ ମୋଟ ୬ ସଦସ୍ୟ ଅଛନ୍ତି । ଶୁକ୍ରବାର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ । ଓମାର ଅଭିଯୋଗ ଲଗାଇ ଥିଲେ ଯେ ବିଚାରକ କମିଟି ପ୍ରସ୍ତୁତ ହେବା ପୂର୍ବରୁ ଆୟୋଜନକାରୀ ପ୍ରମୁଖ ୩୦ ପ୍ରତିଯୋଗୀଙ୍କୁ ଅଣ-ଆନୁଷ୍ଠାନିକ ଭାବେ ଚୟନ କରି ରଖିଥିଲା । ଆୟୋଜକଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିଥିବା ପ୍ରତିଯୋଗୀଙ୍କୁ ବଛା ଯାଇଥିଲା । ଏହା ପରେ ବିଚାରପତିମାନେ ଇସ୍ତଫା ଦେବାରେ ଲାଗିଥିଲେ ।

## ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ



ସିମାରା, ୨୦ ।୧୧(ଏଜେନ୍ସି): ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ ମୁଣ୍ଡ ଟେକିଛି । ମଧେଶ ରାଜ୍ୟର ବାଡ଼ାରେ ବୁଧବାର ଜେନ୍ ବିକ୍ଷୋଭକାରୀ ଓ ଶାସକ ସିପିଏନ୍-ୟୁଏମ୍‌ଏଲ୍‌ର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା । ସ୍ଥିତି ନିୟନ୍ତ୍ରଣ ବାହରକୁ ଯିବା ପରେ ଅପରାହ୍ଣ ୧୨.୩୦ରୁ ରାତି ୮ ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା । ଫଳରେ ସିମରା ବିମାନ ବନ୍ଦରର କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା । ୟୁଏମ୍‌ଏଲ୍‌ର ଶୀର୍ଷ ନେତା ଶଙ୍କର ପୋଖରେଲ ଓ ମହୋଶ ବେସ୍ନେତ ବୁଧବାର ପାର୍ଟିର 'ଯୁବି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସିମରା ଆସିବାର ଥିଲା । କିନ୍ତୁ ଏହାକୁ ଜେନ୍-ଜେଡ୍ ବିରୋଧ କରିବାକୁ ଅପିଲ କରିଥିଲେ । ଏହାପରେ ସକାଳେ ଶହେରୁ ଦେଢ଼ଶହ ସିମରା ଛକରେ ଏକାଠି ହୋଇଥିଲେ ଓ ପାର୍ଟି କାର୍ଯ୍ୟକର୍ତ୍ତା ସହ ସେମାନଙ୍କର ମୁହାଁମୁହିଁ ସ୍ଥିତି ଉପୁଜିଥିଲା । ପଥର ଫୋପଡ଼ା ଫୋପଡ଼ି ହେବା ସହ ମାଡପିଟ୍ ମଧ୍ୟ ହୋଇଥିଲା । ଫଳରେ ବିମାନ ବନ୍ଦରର ମୁଖ୍ୟ ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା । ଭିଡ଼କୁ ନିୟନ୍ତ୍ରଣ କରିବାକୁ ଲାଠିଚାର୍ଜ କରିଥିଲା । ଏବେ ଦୁଇ କକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି । ୟୁଏମ୍‌ଏଲ କାର୍ଯ୍ୟକର୍ତ୍ତା ବିରୋଧରେ ଜେନ୍-ଜେଡ୍ ଯୁବକମାନେ ପୁଲିସ ଥାନାରେ ଅଭିଯୋଗ କରିଛନ୍ତି ।

## କର୍ଣ୍ଣାଟକ, ମହାରାଷ୍ଟ୍ର ରାଜନୀତିରେ ହଲଚଲ: ଶିବକୁମାର, ସିନ୍ଦେଙ୍କ ଉପରେ ନଜର

ବେଙ୍ଗାଲୁରୁ/ମୁମ୍ବଇ, ୨୦।୧୧ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପଦ ପାଇଁ ଧାର୍ଯ୍ୟ ଅଢ଼େଇ ବର୍ଷର କଣ୍ଟ ସରିବା ପୂର୍ବରୁ ପୁଣି କର୍ଣ୍ଣାଟକ କଂଗ୍ରେସରେ କଳି ଆରମ୍ଭ ହୋଇଛି । ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗୋଷ୍ଠୀର ବିଧାୟକମାନେ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି । ତାଙ୍କର କିଛି ସମର୍ଥକ ନୂଆଦିଲ୍ଲୀରେ ମଧ୍ୟ ପହଞ୍ଚି ଯାଇଛନ୍ତି । ଏଠାରେ ସେ କଂଗ୍ରେସ ନେତୃତ୍ୱଙ୍କୁ ଭେଟି ଶିବକୁମାରଙ୍କ ପାଇଁ ଲବି କରିବେ ବୋଲି କୁହାଯାଉଛି । ଡିକେ ଶିବକୁମାର ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ନେଇ କହିବାର କିଛି ଘଣ୍ଟା ପରେ ଏଭଳି ହୋଇଛି । ସେ ଖୁବଶୀଘ୍ର ଅଧ୍ୟକ୍ଷ ପଦ ଛାଡିବେ ବୋଲି କହିଥିଲେ । ସେ କହିଥିଲେ ଯେ ଏହି ପଦରେ ସବୁବେଳେ ରହିବେ ନାହିଁ । ଏବେ ଅନ୍ୟ ନେତାଙ୍କୁ ବି ସୁଯୋଗ ମିଳିବା ଉଚିତ । ତେବେ ନେତୃତ୍ୱରେ ନ ରହିଲେ ମଧ୍ୟ ସମ୍ମୁଖରେ ରହିବି । ଶିବକୁମାରଙ୍କ ଏହି ବୟାନ ମୁଖ୍ୟମନ୍ତ୍ରୀଙ୍କ ସହ ଚାଲିଥିବା ତାଙ୍କ ଟଣାଓଟରା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଆଜି ରାଜ୍ୟରେ କଂଗ୍ରେସ ସରକାରକୁ ଅଢେଇ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ମ୍ୟୁମନ୍ତ୍ରୀ ବଦଳାଇବା ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି ।

ମହାରାଷ୍ଟ୍ରରେ ମଧ୍ୟ ଶାସକ ମେଣ୍ଟରେ କଳି ଆରମ୍ଭ ହୋଇଗଲାଣି । ରାଜ୍ୟରେ ବିଜେପିର ଅନ୍ୟତମ ପ୍ରମୁଖ ଅଂଶୀଦାର ଶିବସେନାର ମନ୍ତ୍ରୀ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭୀଷଣ କ୍ଷୁବ୍ଧ ଥିବା ଜଣାପଡ଼ିଛି । କ୍ୟାବନେଟ ବୈଠକରେ ଶିବସେନା ମନ୍ତ୍ରୀମାନେ ଯୋଗ ଦେଉ ନାହାନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ମନ୍ତ୍ରୀ ଥିଲେ ମଧ୍ୟ ସେମାନଙ୍କ ହାତରେ କ୍ଷମତା ନାହିଁ । ଅଫିସରମାନେ ସେମାନଙ୍କ କଥା ଶୁଣୁ ନାହାନ୍ତି । ଏଭଳି ଅଭିଯୋଗ ନେଇ ଶିବ ସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଦୁଇ ଦିନ ତଳେ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି । ରାଜ୍ୟ ସରକାରରେ ସେମାନଙ୍କୁ ଏକପ୍ରକାର ଏକଘରିକିଆ କରିଦିଆଯାଇଛି । ସେ ଅଭିଯୋଗ କରିଛନ୍ତି ଯେ ଆଉ କିଛି ଦିନ ପରେ ରାଜ୍ୟରେ ପୌର ନିର୍ବାଚନ ହେବାକୁ ଯାଉଛି । ଏହାପୂର୍ବରୁ ଶିବ ସେନାର ନେତାମାନଙ୍କୁ ନିଜ ଆଡ଼କୁ ନେବା ଲାଗି ସ୍ଥାନୀୟ ବିଜେପି ନେତାମାନେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି । ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଜଣାଇଲେ ମଧ୍ୟ ସେ ଶୁଣୁ ନାହାନ୍ତି ।

# ଶପଥ ନେଲେ ଜୟ ଢୋଲକିଆ



ଭୁବନେଶ୍ୱର,୨୦ା୧୧(ସମିସ): ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ଆଜି ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଦ୍ୟସମାପ୍ତ ନୂଆପଡ଼ା ଉପନିର୍ବାଚନରେ ଶ୍ରୀ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିଲେ।

■ ଦେବ ଦୀପାବଳି ଉତ୍ସବ

# କୌଶଲ୍ୟା, ଦଶରଥଙ୍କୁ ଦୀପଦାନ



ଲକ୍ଷେ ଦୀପରେ ଝଲସୁଛି ବଡ଼ଦାଣ୍ଡ

ପୁରୀ, ୨୦ା୧୧(ସମିସ): ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ଗୁରୁବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି କରାଯାଇଥିଲା। ଠାକୁର ଶ୍ରାଦ୍ଧ ବେଶରେ ବିଭୂଷିତ ହୋଇଥିଲେ। ଅପରପକ୍ଷେ, ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବଦୀପାବଳି ଉତ୍ସବର ସୋମବାର ଶେଷ ଦିବସ। ଏହି ଶୁକ୍ଳ ପ୍ରତିପଦା ତିଥିରେ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ।

# ବାପା ଦଶାହରେ ଚାଲିଗଲା ପୁଅର ଜୀବନ

ଆସିକା, ୨୦ା୧୧(ସମିସ): 'ଦୁଃଖ' ସାଙ୍ଗସାଥୀ, ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ସାଙ୍ଗରେ ଆଣି ଆସେ। ବାପା ମୃତ୍ୟୁକୁ ଦିନ ୧୦ଟା ନବିତୁଣୁ ପୁଅର ଜୀବନ ଚାଲିଯାଇଛି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ଅତରଙ୍ଗ ଗ୍ରାମର ଉଦୟ ଗୌଡ଼ (୭୦)ଙ୍କ ପରିବାର ଉପରେ ଏବେ ଏମିତି ଦୁଃଖର ପାହାଡ଼ ଅଜାଡ଼ି ହୋଇପଡ଼ିଛି।

ସୂଚନାନୁଯାୟୀ, ଗତ ୧୧ ତାରିଖରେ ଉଦୟଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ଦଶାହ କର୍ମ ଥିଲା। ଏଥିପାଇଁ ପୁଅ ରାଜେନ୍ଦ୍ର ଗୌଡ଼ ସବୁ ଯୋଗାଡ଼ଯନ୍ତ୍ର ସାରିଥିଲେ। କିନ୍ତୁ ଆଜି ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରାଜେନ୍ଦ୍ରଙ୍କ ଶବ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ରାଜେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ବାପାଙ୍କ ଅନ୍ତେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବାପାଙ୍କୁ ଝୁରିଝୁରି ତାଙ୍କ ଜୀବନ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷେ, ରାଜେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୂରା ପରିବାର ବେସାହାରା ହୋଇଯାଇଛି। ଉଦୟଙ୍କ ଦଶାହ ଓ ରାଜେନ୍ଦ୍ରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କେମିତି ସଂପନ୍ନ ହେବ, ତାକୁ ନେଇ ପରିବାରଲୋକ, ବନ୍ଧୁବାନ୍ଧବ ଚିନ୍ତାରେ ପଡ଼ିଛନ୍ତି। ତେଣୁ, ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ, ୨୦ା୧୧ (ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଗୁରୁବାର ମାର୍ଗଶିର ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଜାତୀୟ ରାଜପଥରେ ମୁଖାପିନ୍ଧା ଲୁଟେରାଙ୍କ ଆତଙ୍କ

# ଲୁଟିନେଲେ ଦେଢ଼କେଜି ସୁନା, ୩୩ ଲକ୍ଷ ଟଙ୍କା

ପୁରୀ, ୨୦ା୧୧(ସମିସ): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। କାର୍ ଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦର୍ବୃତ୍ତମାନେ ଦେଢ଼କେଜି ସୁନା, ୩୩କେଜି ରୁପା ଓ ୩୩ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ଛଡ଼ାଇ ନେଇଛନ୍ତି। ଚନ୍ଦନପୁର ଥାନା ଅନ୍ତର୍ଗତ ସମଯାଜପୁର ଓଭରବ୍ରିଜ୍ ଉପରେ ସ୍ପଷ୍ଟ ଦିବାଲୋକରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଏନେଇ ଚନ୍ଦନପୁରସ୍ଥିତ ରାଧାକାନ୍ତ ଜୁଏଲର୍ସର ମାଲିକ ସଞ୍ଜୟ କୁମାର ଦାଶ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଖୋଳତାଡ଼ କରିଥିଲେ ହେଁ ଲୁଟେରାଙ୍କ ସୁରାକ୍ ପାଇପାରି ନାହାଁନ୍ତି।

ପୁଲିସ ସୂଚନାନୁଯାୟୀ, ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ ରାଧାକାନ୍ତ ଜୁଏଲର୍ସ ମାଲିକଙ୍କ ଶଳା, ଜଣେ ସୁନା କାରିଗର ଏବଂ କାର୍ ଚାଳକ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ସେମାନେ ୧,୫୩୬ ଗ୍ରାମ୍ ସୁନା, ୩୩ କେଜି ରୁପା ଏବଂ ୩୩ଲକ୍ଷ ଟଙ୍କା ଏକ ବ୍ୟାଗ୍‌ରେ ଧରି ଜାତୀୟ ରାଜପଥ ଯାଉଥିଲେ। ସମଯାଜପୁର ଓଭରବ୍ରିଜ୍ ଉପରେ ଏକ କେଟିଏମ୍ ବାଇକ୍‌ରେ ତିନିଜଣ ଦୁର୍ବୃତ୍ତ ତାଙ୍କ କାର୍ ଆଗକୁ ଚାଲି ଆସି ବାଟ ଓଗାଳିଥିଲେ। ବାଇକ୍ ଚାଳକ ହେଲ୍‌ମେଟ ପିନ୍ଧିଥିବା ବେଳେ ଅନ୍ୟ ଦୁଇଜଣ ମୁଖା ପିନ୍ଧିଥିଲେ। କେହି କିଛି ବୁଝିବା ପୂର୍ବରୁ ଜଣେ ଦୁର୍ବୃତ୍ତ

**ମୁଣ୍ଡରେ ବନ୍ଧୁକ ଲଗାଇ ୩୩କେଜି ରୁପା ବି ନେଇଗଲେ**

କାର୍ ଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲା। ପରେ ଅନ୍ୟ ଜଣେ କାର୍ ପଛ ସିଟ୍‌ରେ ରଖାଯାଇଥିବା ଟଙ୍କା, ସୁନା ଓ ରୁପା ବ୍ୟାଗ୍‌କୁ ଧରି ଚନ୍ଦନପୁର ଦେଇ ନୂଆ ଜଗନ୍ନାଥ ସଡ଼କରେ ପଳାଇ ଯାଇଥିଲେ। ୩୩ ଲକ୍ଷ ଟଙ୍କା ସତ୍ୟବାଦୀସ୍ଥିତ ଆଇଆଇସି ବ୍ୟାଙ୍କରେ ଡିପୋଜିଟ୍ କରିଥା'ନ୍ତେ ଏବଂ ସୁନା, ରୁପା ଭୁବନେଶ୍ୱର ବଦଳ ପାଇଁ ଯାଉଥିବା ବେଳେ ଏଭଳି ବଡ଼ଧରଣର ଲୁଟ୍ ହୋଇଛି ବୋଲି ଆଇଆଇସି ଭୁବନମୋହନ ସାମନ୍ତରାୟ କହିଛନ୍ତି।

ଖବର ପାଇବା ପରେ ଚନ୍ଦନପୁର ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲା। ଏଥିସହ ସିସିଟିଭି ଫୁଟେଜ ମଧ୍ୟ ଯାଞ୍ଚ କରିଛି ପୁଲିସ। ପୁରୀ ସଦର ଏସ୍‌ଡିପିଓ ଓ ସ୍ପେଶାଲ ସ୍କ୍ୱାଡ୍ ଏଥିସହ ଜୁଏଲର୍ସକୁ ଯାଇ ତଦନ୍ତ କରିଛନ୍ତି। କାର୍ ଚାଳକ ଏବଂ ସେଥିରେ ଥିବା ଅନ୍ୟ ଦୁଇଜଣଙ୍କୁ ମଧ୍ୟ ପଚରାଉଚରା କରିଛି ପୁଲିସ। ସ୍ପଷ୍ଟ ଦିବାଲୋକରେ ଗାଡିମୋଟର ଯାତାୟାତ କରୁଥିବା ରାସ୍ତାରେ ଏଭଳି ଲୁଟ୍‌କୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ଚାଲିଥିବା ବେଳେ ଜୁଏଲର୍ସ ମାଲିକ ଶ୍ରୀ ଦାଶ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ନଂ.୨୬୪/୨୫ ରୁଜୁ କରି ଲୁଟେରାଙ୍କୁ କାବୁ କରିବା ଲାଗି ଉଦ୍ୟମ ଚଳାଇଛି। ଏଭଳି ଏକ ଲୁଟ୍‌କୁ ନେଇ ପୁରୀ ପୁଲିସର ଚିନ୍ତା ବଢ଼ିଯାଇଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଆଇଆଇସିଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ଅପରେଶନ 'ଚକ୍ର'

# ୧୦ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ୩ ବନ୍ଧୁକ ଓ ୪ ଗୁଳି ଜବତ

ପୁରୀ, ୨୦ା୧୧(ସମିସ): ପୁରୀ ପୁଲିସ୍ ପଞ୍ଝାରେ ୨ ଗ୍ୟାଙ୍ଗ୍‌ର ୧୦ଦୁର୍ଦ୍ଦାନ୍ତ ଅପରାଧୀ। ବଡ଼ଧରଣର ଅପରାଧ ଘଟାଇବା ପାଇଁ ବ୍ଲୁ-ପ୍ରିଣ୍ଟ ତିଆରି କରୁଥିବା ବେଳେ ଟାଉନ୍ ଥାନା ଓ ତାଳବଣିଆ ଥାନା ଏମାନଙ୍କୁ ପୃଥକ୍ ପୃଥକ୍ ଜାଗାରୁ ଧରିଛି। ଅଭିଯୁକ୍ତମାନେ ହେଲେ, ତଲୁଛ ସାହିର ଲୋକନାଥ ମିଶ୍ର, ବାସେଳିସାହି ଥାନା ମିଶ୍ର ସାହିର ସନ୍ତୋଷ କୁମାର ମିଶ୍ର, ସିଦ୍ଧମହାବୀର ବେହେରା ସାହିରେ ରହୁଥିବା ଛଇତନାର କାଳିଆ ପ୍ରଧାନ, ପୁରୀ ସଦର ଥାନା ଖଣ୍ଡିଆବନ୍ଧର ଦୁଃଶାସନ ସାହୁ, ସିପସରୁବାଲିରେ ରହୁଥିବା ଚନ୍ଦନପୁର ଗୋପୀନାଥପୁର ମାନସ କୁମାର ଭୋଇ। ତାଳବଣିଆ ଥାନା ପୁଲିସ ଭୂଦାନ ଜଙ୍ଗଲରୁ ଏମାନଙ୍କୁ ଗିରଫ କରିଛି। ସେହିପରି, ଟାଉନ୍ ଥାନା ପୁଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ବାଲିକୁଦ ରାମଚଣ୍ଡୀ ସାହିର ଶବି ନାୟକ, ବାପିନା ନାୟକ, ବାଲିସାହି ବଡଲମଠ ଗଳିର ସତ୍ୟପ୍ରିୟ ପ୍ରତିହାରୀ, ଘୋଡ଼ାବଜାର ଅଞ୍ଚଳରେ ରହୁଥିବା ଗଞ୍ଜାମ ସୁରେଖାଦେଇପୁରର ପ୍ରଫୁଲ୍ଲ ସ୍ୱାଇଁ ଏବଂ ପାରାନୋଳିଆ ସାହି ବାରବାଟୀ ଜାଗାର ସୁକାନ୍ତ ନାୟକ। ଏମାନଙ୍କୁ ପୁଲିସ ଲୋକନାଥ ରୋଡ୍ କୁସୁନୁ ଖୁଣ୍ଟିଆରୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ଟି ବନ୍ଧୁକ, ୪ଟି ଗୁଳି, ୩ଟି କଟୁରୀ, ଗୋଟିଏ ଲୁହାରଡ୍, ମୋବାଇଲ ଫୋନ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହତ୍ୟା, ଚୋରି, ଡକାୟତି, ଛିନ୍‌ତାଇ, ରାହାଜାନି ଆଦି ଅପରାଧରେ ସଂପୃକ୍ତ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ତତ୍ତ୍ୱାବଧାନରେ 'ଅପରେଶନ ଚକ୍ର' ଜାରି ରହିଛି। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ।

# ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ବୈଠକ

ଭୁବନେଶ୍ୱର,୨୦ା୧୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶଙ୍ଖ ଭବନରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦଳର ସାଂଗଠନିକ ବୈଠକ

**■ ଭାଗନେଲେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତି**
**■ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା**

ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତିମାନଙ୍କ ସହିତ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ବୈଠକରେ ପ୍ରତ୍ୟେକ୍ଷ ଭାବରେ କନ୍ଧମାଳ ଜିଲ୍ଲାର ସାଂଗଠନିକ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ବିଧାୟକ ଚନ୍ଦ୍ରମଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଉପସ୍ଥିତିରେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରାଯିବା ଉପରେ ଆଲୋଚନା କରାଯାଇଥିଲା।

ସେହିଭଳି ବୌଦ୍ଧ ଜିଲ୍ଲାର ସଭାପତି ମହିଧର ରଣା ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବରେ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ସଭାପତି ଅନୁଗୁଳର ବ୍ରଜ



କିଶୋର ପ୍ରଧାନ, ବରଗଡ଼ର ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକର ଜଗନ୍ନାଥ ସ୍ୱାଇଁ, ବଲାଙ୍ଗିରର ସରୋଜ କୁମାର ମେହେର, କଟକର ପ୍ରଫୁଲ୍ଲ ସିଂ, ଦେବଗଡ଼ର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଗଜପତିର ପ୍ରଦୀପ ନାୟକ, ଝାରସୁଗୁଡାର ହରିଶ ଗଣତ୍ରା, କଳାହାଣ୍ଡିର ପ୍ରଦୀପ କୁମାର ଦିଶାରୀ, କେନ୍ଦ୍ରାପଡ଼ାର ଶିବ ପ୍ରସାଦ ଭୋଇ, କେନ୍ଦୁଝରର ଆଶିଷ ଚକ୍ରବର୍ତ୍ତୀ, କୋରାପୁଟର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଡିକା ଓ ଦୁର୍ଗା ମିଶ୍ର, ମାଲକାନଗିରିର ମାନସ ମାଡକାମୀ, ମୟୂରଭଞ୍ଜ-୧ର ସୁଦାମ ମାରାଣ୍ଡି, ମୟୂରଭଞ୍ଜ-୨ର ଦେବାଶିଷ ମାରାଣ୍ଡି, ନବରଙ୍ଗପୁରର ମନୋହର ରନ୍ଧାରୀ, ନୟାଗ?ର ରମେଶ ବେହେରା, ନୂଆପଡାର ଅବନୀ ରଞ୍ଜନ ଯୋଶୀ, ରାଉରକେଲାର ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁରର ରୋହିତ ପୂଜାରୀ, ସୁବର୍ଣ୍ଣପୁରର ସରୋଜ କୁମାର କର୍ମ, ସୁନ୍ଦରଗଡର ଯୋଗେଶ ସିଂ, ରାୟଗଡାର ଜଗନ୍ନାଥ ସାରକାଙ୍କ ସହ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହିତ ବାକି ଥିବା ଜିଲ୍ଲା କମିଟି ଓ ବିଏଲ୍‌ଓଙ୍କ ନାମ ଦଳର ମୁଖ୍ୟାଳୟ (ଶଙ୍ଖ ଭବନ)ରେ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତ୍ୟେକ୍ଷ ଭାବରେ ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସହ ଦଳର ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଓ ବିଜୟ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ

# ଦୁର୍ଘଟଣାରେ ଚାଲିଗଲା ଅଜାଙ୍କ ଜୀବନ

ଆନନ୍ଦପୁର, ୨୦ା୧୧ (ସମିସ): ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ। ବାଟ ମଝିରେ ଟ୍ରକ୍ ଧକ୍କାରେ ଚାଲିଗଲା ଅଜାଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥର କୋଳିମାଟି ଛକ ନିକଟରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଖାଲୁର୍ ଗାଁୟର ଶରତ ଚନ୍ଦ୍ର ନାୟକ। ଏହି ଦୁର୍ଘଟଣାରେ ଶରତଙ୍କ ପତ୍ନୀ ମମତା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ନାତୁଣୀର ଜନ୍ମଦିନ ପାଳନ ପାଇଁ ଶରତ ଓ ମମତା ଏକ ବାଇକ୍‌ରେ ଯାଜପୁରରୋଡ୍‌ସ୍ଥିତ ନିଜ ଝିଅ ଘରକୁ ଯାଉଥିଲେ। କୋଳିମାଟି ଛକ ନିକଟରେ ଶରତ ଏକ ବସ୍‌କୁ ଓଭରଟେକ୍ କରୁଥିବା ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଷିପୁରା ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଶତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ୍।

## ମାଟ୍ରିକ୍ ପରୀକ୍ଷାକୁ ଆଉ ୨ ମାସ

# ଇଂରାଜୀ ବହିରେ ହାତ ମାରିନାହାନ୍ତି ସାର୍



ଉଦଳା, ୨୦ା୧୧ (ସମିସ): ୨ ମାସ ପରେ ବୋର୍ଡ ପରୀକ୍ଷା। କିନ୍ତୁ ଏଯାଏ ଇଂରାଜୀ ବହିରେ ହାତ ମରା ହୋଇନି। ଅଭିଯୋଗ କରି କରି ଥକିଯିବା ପରେ ଶିକ୍ଷକ ଶୁଣୁନାହାନ୍ତି। ଏପରି ଅଭିଯୋଗ ନେଇ ଆଜି ୨୪ ଜଣ ଛାତ୍ରଛାତ୍ରୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ବଡ଼ଖମଣ ସରକାରୀ ହାଇସ୍କୁଲର ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପଢ଼ାଉ ନାହାନ୍ତି। ଏନେଇ ଛାତ୍ରଛାତ୍ରୀମାନେ ବାରମ୍ବାର ଗୁହାରି କରିବା ପରେ ମଧ୍ୟ ସେ ଶୁଣୁନାହାନ୍ତି। ଫଳରେ ନିଜ ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି। ଏହାର ପ୍ରତିବାଦରେ ଆଜି ସକାଳେ ସ୍କୁଲର ୨୪ଜଣ ଛାତ୍ରଛାତ୍ରୀ ବସ୍‌ରେ ଉଦଳାରେ ପହଞ୍ଚି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଇଂରାଜୀ ପଢ଼ା ହେଉନଥିବା କହିଛନ୍ତି। ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଗୁହାରି ଜଣାଇବା ସହିତ ଇଂରାଜୀ ବିଷୟ ପଢ଼ାଇବା ଅନୁରୋଧ କରିଛନ୍ତି ଛାତ୍ରଛାତ୍ରୀ। ସେପଟେ, ଏଭଳି ସାଙ୍ଘାତିକ

**ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଛାତ୍ରଛାତ୍ରୀ**

ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଡକାଇ ତାଗିଦ୍ କରିଛନ୍ତି। ଇଂରାଜୀ କ୍ଲାସ କରିବାକୁ ତାଗିଦ କରିଛନ୍ତି। ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଏହି ଘଟଣାର ତଦନ୍ତ କରାଯିବା ସହ କ୍ଲାସ୍ ନକରି ଶିକ୍ଷାରେ ବାଧା ସୃଷ୍ଟି କରିଥିଲେ, ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଋଷିକୁଲ୍ୟା ମୁହାଣରେ ଅଲିଭ ରିଡଲେଙ୍କ ମିଳନ ଆରମ୍ଭ

ଗଞ୍ଜାମ, ୨୦ା୧୧(ସମିସ): ଗଞ୍ଜାମ ବ୍ଲକ୍‌ର ଋଷିକୂଲ୍ୟା ମୁହାଣରେ ଅଲିଭ ରିଡଲେଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ, ପରିବେଶବିତ୍, ପର୍ଯ୍ୟଟକ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପଟେ, ଏହାକୁ ନେଇ ବନ



ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ସାମୁଦ୍ରିକ କଇଁଛମାନଙ୍କ ସୁରକ୍ଷାକୁ ନେଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ଯୋଡ଼ା ଯୋଡ଼ା ହୋଇ ମାଈ ଓ ଅଣ୍ଡିରା କଇଁଚମାନଙ୍କ ମିଳନ ହେଉଥିବା ସ୍ଥାନୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଓ ବନବିଭାଗର ଦୃଷ୍ଟିଗୋଚର ହୋଇଛି। ବଙ୍ଗୋପସାଗରରେ ଦେଖାଯାଉଥିବା ବିରଳ ପ୍ରଜାତିର କଇଁଛ ସାରା ପୃଥିବୀର ୬୦ ପ୍ରତିଶତ ଭାରତରେ ଦେଖାଯାଇଥାନ୍ତି। ଓଡ଼ିଶାରେ ଏହି ବିରଳ ପ୍ରଜାତିର ସାମୁଦ୍ରିକ ଜିବ ୯୦ ପ୍ରତିଶତ ଦେଖିବାକୁ ମିଳିଥା'ନ୍ତି। ଓଡ଼ିଶା ଉପକୂଳର ଗଞ୍ଜାମର ଋଷିକୂଲ୍ୟା ମୁହାଣ, କେନ୍ଦ୍ରାପଡ଼ାର ଗହୀରମଥା ଓ ପୁରୀର ଦେବୀମୁହାଣ ଆଦି ସ୍ଥାନମାନଙ୍କରେ ନଭେମ୍ବରରୁ ଆରମ୍ଭ ହୋଇଥାଏ ମିଳନ ଋତୁ। କଲମ୍ବୋ, ଜାଫନା, କାଲମୋନାଇ କୋଷ୍ଟରେ ଏମାନେ ଖାଦ୍ୟ ଅନ୍ୱେଷଣରେ ଜୁନ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ରହିଥାନ୍ତି।

# ୮ ମତ୍ସ୍ୟଜୀବୀ ଗିରଫ; ଟ୍ରଲର ଜବତ

ରାଜନଗର,୨୦ା୧୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଚଢ଼ଉ କରି ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ଏକ ଟ୍ରଲର ଜବତ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବାଲେଶ୍ୱର ଅଞ୍ଚଳର




ଲୋହା ତାରିଣୀ-୧ ନାମକ ଟ୍ରଲର ଦ୍ୱାରା ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ସମୟରେ ବନ ବିଭାଗ ଟିମ୍ ଚଢ଼ଉ କରିଥିଲା। ଟ୍ରଲରରେ ଥିବା ତାୟବ ଅଲି ଖାଁ, ଉତ୍ତମ ଧଳ, ଚକ୍ରଧର ତରାଇ, ନିର୍ମଳ ସେଠୀ, ବାସୁଦେବ ସେଠୀ, ସଞ୍ଜୟ ସିଂ, ରାଜେଶ ନାୟକ, ଶରତ ଧଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ଏଥିସହ ଟ୍ରଲରରେ ଥିବା ଗୋଟିଏ ଜିପିଏସ, ୨ଟି ଭିଏଚ୍‌ଏଫ୍, ୧୧ଟି ଟ୍ରଲିଂ ନେଟ୍, ୧୪.୬୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର୍ ମହାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଟ୍ରଲରକୁ ଦେଖି ଚଢ଼ଉ କରିଥିଲେ।

# ୬୫ ହେକ୍ଟର ଜମିରେ 'କୁଫ୍ରି ଜ୍ୟୋତି' ଆଳୁ ଚାଷ ଲକ୍ଷ୍ୟ

**ଚାଷୀଙ୍କୁ ମିଳିବ ସ୍ୱତନ୍ତ୍ର ପ୍ରୋତ୍ସାହନ**

ପିପିଲି, ୨୦ା୧୧(ସମିସ): ଆଳୁ ଚାଷକୁ ପ୍ରାଧାନ୍ୟ ଦେବା ଏବଂ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟାନକୃଷି ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ପ୍ରୟାସ। ୨୦୨୫/୨୬ ଆର୍ଥିକ ବର୍ଷରେ ପିପିଲି ଅଞ୍ଚଳରେ ୬୫ ହେକ୍ଟର ଚାଷ ଜମିରେ ପଞ୍ଜାବର କୁଫ୍ରି ଜ୍ୟୋତି ଆଳୁ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାର ପିପିଲିର ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ରଶ୍ମିରେଖା ପଣ୍ଡା ସୂଚନା ଦେଇଛନ୍ତି। ପିପିଲିରେ ଜ୍ୟୋତି ଆଳୁ ବିହନ ପହଞ୍ଚିବା ମାତ୍ରେ ଚିହ୍ନଟ ହୋଇଥିବା ଆଗ୍ରହୀ ଚାଷୀଙ୍କୁ ବିହନ ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆଳୁ ବିହନ ଉନ୍ନତ କିସମର ହୋଇଥିବାରୁ ଏହା ଚାଷୀଙ୍କୁ ବେଶ ଲାଭଦାୟକ ହେବ ବୋଲି ଆଶା କରାଯାଉଥିବା ଶ୍ରୀମତୀ ପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ, ଏ ପର୍ଯ୍ୟନ୍ତ ଜମିରୁ ଧାନ କଟା ଆରମ୍ଭ ହୋଇ ନଥିବାରୁ ଚାଷୀ ଆଳୁ ବିହନ ଆଣି କରିବ କ'ଣ ? ବୋଲି ପ୍ରଶ୍ନ ଉଠିଛି। ଏହି ଆଳୁ ବିହନ ଚଷୀଙ୍କୁ ଏକ କିଲୋକୁ ୨୦ ଟଙ୍କାରେ ଯୋଗାଇ ଦିଆଯିବ। ଜମିରେ କରିଥିବା ଆଳୁ ଚାଷର ଜିପିଏସ ଫଟୋ କାର୍ଯ୍ୟାଳୟରେ ଦାଖଲ କରିବା ପରେ ଚାଷୀ ଆକାଉଣ୍ଟକୁ କିଲୋପ୍ରତି ଦଶ ଟଙ୍କା ହିସାବରେ ସବସିଡି ଯିବ। ଏଥିପ୍ରତି ଆଗ୍ରହ ସୃଷ୍ଟି କରିବାପାଇଁ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଆଳୁ ଚାଷୀ ଖୋଜା ଚାଲିଛି। ପ୍ରଥମ ପର୍ଯ୍ୟାୟରେ ପିପିଲି ବ୍ଲକର ବୀରପୁରୁଷୋତ୍ତମପୁର, ଜସୁଆପୁର, ଭାରତୀପୁର ଏବଂ ପାଣ୍ଡିଦୋଳରେ ଆଳୁ ଚାଷ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ତେବେ ପିପିଲିରେ ଥିବା ଶୀତଳ ଭଣ୍ଡାରଟି ଏବେ ଅଚଳ ଅବସ୍ଥାରେ ଥିବାରୁ ଆଳୁ ଚାଷ ଉପରୁ ଚାଷୀ ମୁହଁ ଫେରାଇ ନେଉଛି। ସେହି ଦୃଷ୍ଟିରୁ ଚଳିତ ବର୍ଷ ଆଳୁ ଚାଷ କରିବାକୁ ଚାଷୀ ଅନିଚ୍ଛୁକ ଥିବା ଜଣାପଡ଼ିଛି। ଖାଲି ଆଳୁ ନୁହଁ ସରକାରୀ ପ୍ରୋତ୍ସାହନ ଅଭାବରୁ ରାଶି, ଚିନାବାଦାମ, ଫେସ୍ତୁ, ସୋରିଷ, ଆଦି ଚାଷ ଉପରୁ ଚାଷୀ ମୁହଁ ଫେରାଇ ନେଲେଣି।

**ବିନା ଲାଇସେନ୍ସରେ ଔଷଧ ଦୋକାନ**

# ବାହାର ଏଜେନ୍ସି ମାଧ୍ୟମରେ ଔଷଧ ଯୋଗାଣ ଅଭିଯୋଗ

ଅସ୍ତରଙ୍ଗ, ୨୦ା୧୧(ସମିସ)

ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ଚାଲିଛି ବିନା ଲାଇସେନ୍ସରେ ମାଳମାଳ ଔଷଧ ଦୋକାନ। ବଜାରରେ ମାଳ ମାଳ ଔଷଧ ଏଜେନ୍ସିର ଏଜେଣ୍ଟଙ୍କ ଚକ୍ରବ୍ୟୁହରେ ଫସି ସରକାରୀ ଡାକ୍ତର ବି ଲେଖୁଛନ୍ତି ବାହାର ଦାମୀ ଔଷଧ। ଫଳରେ ସରକାରଙ୍କ 'ନିରାମୟ' ଯୋଜନା ବାଟବଣା ହେଉଛି। ଗୁରୁବାର ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ପୋଟଳ ଛକରେ ଥିବା ଜଗନ୍ନାଥ ମେଡିସିନ ଷ୍ଟୋର ଓ ମହାବୀର ମେଡିସିନ ଷ୍ଟୋର ନାମରେ ଗ୍ରାମବାସୀ ଆଣିଛନ୍ତି ଅଭିଯୋଗ। କୋଣାର୍କର ମିନା ଫାର୍ମାସୀର ଜଣେ ବ୍ୟକ୍ତି ଗୋଟେ ବ୍ୟାଗରେ କିଛି ଔଷଧ ଆଣି ଅନେକ ସମୟରେ ଏହି ଷ୍ଟୋରରେ ବିକ୍ରି ପାଇଁ ଦେଇଆସୁଛନ୍ତି। ଯାହାକୁ ଦେଉଛନ୍ତି ସେ ସମ୍ପୂର୍ଣ୍ଣ ଭାବେ ମେଡିସିନ ବାବଦରେ ଅନଭିଜ୍ଞ। ଗ୍ରାମବାସୀ ଏହି ଔଷଧ ଦୋକାନରୁ ଔଷଧ ନେଲେ ତାଙ୍କଠୁ ଅଧିକ ଅର୍ଥ ନେଉଥିବା ବେଳେ ସେହି ଔଷଧରେ ରୋଗ ଭଲ ହେଉନାହିଁ। ପୁଣି ଉକ୍ତ ଦୋକାନରୁ ହସ୍ପିଟାଲ ଅନେକ ଦୂରରେ। ପ୍ରଶାସନ ଗ୍ରାମାଞ୍ଚଳରେ ଏହି ମେଡିସିନ ଷ୍ଟୋର ଉପରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସମ୍ପୃକ୍ତ ମିନା ଫାର୍ମାରୁ ଆଣି ଆସିଥିବା କର୍ମୀଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ପୁଲିସକୁ ଖବର ଦେଇଥିଲେ। ଅସ୍ତରଙ୍ଗ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଅନ୍ୟପଟେ, ସରକାର କଫ ସିରପ ଉପରେ ରୋକ ଲଗାଇବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶରେ ଦେବାପାଇଁ କହୁଥିବା ବେଳେ ଗ୍ରାମାଞ୍ଚଳରେ ଏହି ଭଳି ମେଡ଼ିସିନ ଷ୍ଟୋରରେ କିପରି କଫ ସିରପ ବିକ୍ରି ଚାଲିଛି ? ତାକୁ ନେଇ ଉଠିଛି ପ୍ରଶ୍ନ। ପୋଟଳ ଛକରେ ଜଗନ୍ନାଥ ମେଡ଼ିସିନ ଷ୍ଟୋର ଏବଂ ମହାବୀର ମେଡିସିନ ଷ୍ଟୋର ମାଲିକ ପୁଲିସ ଚଢ଼ଉ ପୂର୍ବରୁ ବନ୍ଦ କରି ଚାଲି ଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ପକ୍ଷରୁ ଅଧିକ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ସାମ୍ନାକୁ ଆସିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।



# ସର୍ଟସର୍କିଟରୁ ଜଳିଗଲା ୩ ବଖରା

କୃଷ୍ଣପ୍ରସାଦ ୨୦ା୧୧ (ସମିସ): ରାମଲେଙ୍କା ପଞ୍ଚାୟତ ବାଲି ପାଟପୁର ଗ୍ରାମରେ ସର୍ଟସର୍କିଟ ହୋଇ ୩ ବଖରା ଘର ଗୁରୁବାର ଅପରାହ୍ନ ୧୦ଟା ସମୟରେ ଜଳିଯାଇଛି। ଘର ଚାଳ ଆସବାବପତ୍ରକୁ ନିଆଁ ଲାଗିଥିଲା। ବିହାରୀ ତରେଇଙ୍କ ୩ ବଖରା ଘର ଦେଖୁ ଦେଖୁ ଧ୍ୱଂସ ହୋଇଯାଇଥିଲା। ଗ୍ରାମବାସୀ ଏବଂ ମାଲୁଦରୁ ଅଗ୍ନିଶମ ବାହିନୀ ଅଗ୍ନିଶମ ଅଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମର ଅନ୍ୟ ଘର ସୁରକ୍ଷିତ ହୋଇଥିଲା। ଘରେ ଥିବା ଧାନ, ଆସବାବପତ୍ର, କଂସା, ବାସନ, ଲୁଗାପଟା, ବର୍ଷକ ଖାଦ୍ୟ ପଦାର୍ଥ, ମୂଲ୍ୟବାନ କାଗଜପତ୍ର ଆଦି



ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ରାମଲେଙ୍କା ପଞ୍ଚାୟତ ବିଜେପି ସଭାପତି ରାଜକିଶୋର ସାହୁ, ବରିଷ୍ଠ ବିଜେପି ନେତା ସୁରେନ୍ଦ୍ର କୁମାର ବିଶ୍ୱାଳ, କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ ପହଞ୍ଚି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ବସ୍ତ୍ର, ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି। ଗୃହଶୂନ୍ୟ ପରିବାରକୁ ଆବାସ ଯୋଜନାରେ ଗୃହ ସହ ଖାଦ୍ୟ, ବସ୍ତ୍ର, କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ଦେଉଛି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ଆଲୋଚନା



ଚାରିଛକ, ୨୦ା୧୧(ସମିସ): ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ "ବିକଶିତ ଭାରତ ୨୦୪୭ ପାଇଁ ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ପୁନଃକଳ୍ପନ' ଶୀର୍ଷକ ଏକଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଷ୍ଟ୍ରୀୟ ସଂଗୋଷ୍ଠୀରେ ମୁଖ୍ୟଅତିଥି ରୂପେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି, ଭୋପାଳର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ମୁଖ୍ୟବକ୍ତା ରୂପେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ମୁଖ୍ୟ ଡ ସସ୍ମିତା କର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ ପ୍ରଭାତଚନ୍ଦ୍ର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର କଲ୍ୟାଣୀ ପଟ୍ଟନାୟକ, ପ୍ରାକ୍ତନ ଅଧ୍ୟକ୍ଷା ସ୍ୱର୍ଣରଶ୍ମି ସାହୁ ଓ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ ଅଶୋକ ବିଶ୍ୱାଳ ଯୋଗ ଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗୋଷ୍ଠୀର ସଂଯୋଜିକା ଡ ଶ୍ରୀଲେଖା ନାୟକ ପାଠଚକ୍ରର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ କୀର୍ତ୍ତିମୟୀ ରାଉତରାୟ ପ୍ରଶ୍ନୋତ୍ତର ସତ୍ର ସଂଯୋଜନା କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପିକା ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗ ଦେଇଥିଲେ।

# ସୀତାରାମ ଆଶ୍ରମରେ ପାଲା ଗାୟକ ସମ୍ମିଳନୀ



କୃଷ୍ଣପ୍ରସାଦ, ୨୦ା୧୧(ସମିସ): କୃଷ୍ଣପ୍ରସାଦ ବ୍ଲକ୍ ଗୋମୁଣ୍ଡିଆ ସୀତାରାମ ଆଶ୍ରମରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଅଧୀନ ମା' କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ତରଫରୁ ୩୫ତମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୀତାରାମ ଆଶ୍ରମ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ ଯୁବ ସମାଜସେବୀ ଅଭୟ କୁମାର ତରେଇ ଉଦଘାଟନ କରିଥିଲେ। ମଣ୍ଡଳ ସଭାପତି କେଦାରନାଥ କର ଅଧ୍ୟକ୍ଷତା କରିଥିଲେ। ପୁରୀ ଜିଲ୍ଲା ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ, ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ବନବିହାରୀ ପଟ୍ଟନାୟକ, କାଶୀନାଥ ଜେନା, ଗଣେଶ ନାୟକ, ଅଧ୍ୟାପକ ପ୍ରଦୀପ ଜେନା, ବରିଷ୍ଠ ପାଲା ଗାୟକ ବିଜୟ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶାର ଖ୍ୟାତିସମ୍ପନ୍ନ ବାୟକ ସୁବାସ ଦାସ ସମାଜ ପାଇଁ ପାଲା କଳାର ଅବଦାନ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ଗାୟକ ବାଣୀଭୂଷଣ ଅଧ୍ୟାପକ ଗୋପାଳକୃଷ୍ଣ ଜେନା ପରିଚୟ ଦେଇଥିବା ବେଳେ ଗାୟକ ଧନେଶ୍ୱର ପଲେଇ ଧନ୍ୟବାଦ ଦେଇଥିଲେ। ସୀତାରାମ ଆଶ୍ରମର ମୁଖ୍ୟ ପରିଚାଳକ ସୁସଂଗଠକ ବାଙ୍କନିଧି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଆଞ୍ଚଳିକ ପାଲା ମଣ୍ଡଳ ଉପସଭାପତି ଯୋଗେନ୍ଦ୍ର ଜେନା, ଅନୁଷ୍ଠାନର ସମ୍ପାଦକ ମୋହନ ଜେନା, ଗୋଲଖ ତରେଇ, ସୁଧାକର ପଲେଇ ସହଯୋଗ କରିଥିଲେ। ୬ମେଳ ପାଲା, ୩ମେଳ ସଂକୀର୍ତ୍ତନ, ୧ମେଳ ଦାସକାଠିଆ, ମୃଦଙ୍ଗ ବାଦନ ଦଳ ଯୋଗ ଦେଇଥିଲେ। ଶ୍ରେଷ୍ଠ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଖପାଖରୁ ଜନସାଧାରଣଙ୍କ ସମାଗମ ହୋଇଥିଲା।

# ମନ୍ଦିରରେ ବିବାହ; ସୁରକ୍ଷା ଲୋଡ଼ିଲେ ପ୍ରେମୀଯୁଗଳ



ଗୋପ, ୨୦ା୧୧(ସମିସ): ପ୍ରେମରେ ବଇରୀ ସାଜିଥିଲା ପ୍ରେମିକାଙ୍କ ପରିବାର। ଫଳରେ ଏକ ପ୍ରେମୀଯୁଗଳ ପରିବାରର ନିଷ୍ପତ୍ତି ବିରୋଧରେ ଯାଇ କାକଟପୁର ମଙ୍ଗଳା ମନ୍ଦିରରେ ମାର୍ଗଶୀର ଗୁରୁବାର ବିବାହ କରିବାକୁ ସ୍ଥିର କରିଥିଲେ। ବିବାହ କାର୍ଯ୍ୟ ପରେ ଏହି ପ୍ରେମୀଯୁଗଳ ଗୋପ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁସାରେ, ଗିରିମା ଗ୍ରାମର ବଣ୍ଟି ମହାନ୍ତି (୩୨) ଓ ଏରବଙ୍ଗ ଗ୍ରାମର ଯୁବତୀ ଲିପି ଜେନା (୨୩) ଗୁରୁବାର ପୂର୍ବାହ୍ନରେ କାକଟପୁର ମଙ୍ଗଳା ମନ୍ଦିରରେ ପ୍ରେମ ବିବାହ କରିଥିଲେ। ଭବିଷ୍ୟତରେ ପରିବାର ପକ୍ଷରୁ କୈଣସି ଅଘଟଣର ଆଶଙ୍କାରେ ସେମାନେ ସନ୍ଧ୍ୟାରେ ଗୋପ ଥାନାକୁ ଆସି ଏ ସଂକ୍ରାନ୍ତରେ ଜଣାଇଛନ୍ତି। ପ୍ରକାଶ ଯେ ଏହି ଦୁଇ ନବବିବାହିତା ଯୁବକଯୁବତୀଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ପାରସ୍ପରିକ ପ୍ରେମ ସମ୍ପର୍କ ରହିଆସିଥିଲା। କ୍ରମେ ଏହାକୁ ଯୁବତୀଙ୍କ ପରିବାର ବିରୋଧ କରିଥିଲେ। ଏହାକୁ ଭ୍ରୂକ୍ଷେପ ନକରି ଗୁରୁବାର ଯୁବକଯୁବତୀ ମଙ୍ଗଳା ମନ୍ଦିରରେ ବିବାହ କରିଥିଲେ। ସନ୍ଧ୍ୟାରେ ପୁଲିସ ସେମାନଙ୍କ ପାଖରୁ ଏକ ଲିଖିତ ଅଭିଯୋଗ ସହ ଏକ ଫଟୋ ରଖି ଥାନାରୁ ଛାଡ଼ିଥିବା ଜଣାପଡ଼ିଛି। ଏ ସଂପର୍କରେ ଥାନାଧିକାରୀ ପ୍ରଶାନ୍ତ ପଢିହାରୀ କହିଛନ୍ତି, ଆଇନ୍ ଅନୁସାରେ ଉଭୟ ବିବାହ କରିଛନ୍ତି। ସେମାନଙ୍କ ସୁରକ୍ଷା ଓ ବୈବାହିକ ସମ୍ପର୍କ ନେଇ ଥାନାକୁ ଆସିଥିଲେ।

# ପୋଷ୍ଟ ଅଫିସରୁ ଲୁଟ୍



ସାକ୍ଷୀଗୋପାଳ, ୨୦ା୧୧(ସମିସ): ସତ୍ୟବାଦୀ ଥାନା ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ଅବସ୍ଥିତ ଉପ ଡାକଘରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ପୋଷ୍ଟ ଅଫିସ କବାଟ କବଜା ତାଡି ଅଫିସ ଭିତରେ ପସି ସିସିଟିଭି ହାର୍ଡଡିସ୍କ ଭାଙ୍ଗି ନଷ୍ଟ କରିଦେଇଥିଲେ। ଅନଲାଇନ କ୍ୟାମେରା ସଂଯୋଗ ଛିନ୍ନ କରିବା ପରେ ଗ୍ୟାସ କଟର ସାହାଯ୍ୟରେ ଟ୍ରେଜେରି କାଟି ଟ୍ରେଜେରି ମଧ୍ୟରୁ ୭୬ ହଜାର ଟଙ୍କା, ଡାକ ଟିକେଟ ଓ କାଗଜ ପତ୍ର ଲୁଟି ନେଇଛନ୍ତି। ଗୁରୁବାର ସକାଳେ ପ୍ରଥମେ ଝାଡୁଦାର ସଫେଇ କରିବାକୁ ଆସି କବାଟ ଭଙ୍ଗା ଯାଇଥିବା ଦେଖି ପୋଷ୍ଟ ମାଷ୍ଟର ବ୍ରଜ ମୋହନ ପ୍ରଧାନଙ୍କୁ ଖବର ଦେଇଥିଲେ। ପୋଷ୍ଟମାଷ୍ଟର ଶ୍ରୀ ପ୍ରଧାନ ସତ୍ୟବାଦୀ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ବିଜୟ କେତନ ବେହେରା ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ସତ୍ୟବାଦୀ ଥାନାଧିକାରୀ ଶ୍ରୀ ବେହେରା କହିଛନ୍ତି।

# ଅନ୍ନପୂର୍ଣ୍ଣା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଚାରିଛକ,୨୦ା୧୧ (ସମିସ): ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡାବିତଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ଚାରିଛକ ମେଡିକାଲଛକସ୍ଥିତ ବ୍ରହ୍ମେଶ୍ୱରଙ୍କ ଶୈବପୀଠରୁ ବାହାରି ଚାରିଛକ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ବିଦ୍ୟାଳୟ କ୍ରୀଡ଼ାସ୍ଥଳରେ ପହଞ୍ଚିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅଡଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ କ୍ରୀଡ଼ା ପତାକା ଉତ୍ତୋଳନକରି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ନିମାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡାବିତମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ସଭାପତିତ୍ୱ କରିଥିବା ବେଳେ କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଦୀପ୍ତଚନ୍ଦ୍ର ସାହୁ, ପ୍ରକାଶଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ରାନୀ ବସ୍ତିଆ, ବିଜୟ ପ୍ରସନ୍ନ ଦାସ, ଶିବବ୍ରତ ମଲ୍ଲ, ରଶ୍ମିତା ସାହୁ, ଟିକି ସ୍ୱାଇଁ ଓ ଏସଏମଡିସିର ସଭ୍ୟ ତଥା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଜେନା ସହଯୋଗ କରିଥିଲେ। ବାଳିକା ବିଭାଗରେ ଶୁଭସ୍ମିତା ଭୋଇ ଓ ବାଳକ ବିଭାଗରେ ପ୍ରକାଶ ଭୋଇ ଚାମ୍ପିଅନ ହୋଇଥିଲେ।



**ଅପରେସନ 'ଅଣ୍ଡର'**

# ଧଳା ଜହର ଜବତ; ଅଭିଯୁକ୍ତ ଗିରଫ

ବଳଙ୍ଗା, ୨୦ା୧୧ (ସମିସ): ଓଡ଼ିଶା ପୁଲିସ ବ୍ରାଉନସୁଗର କାରବାର ଏବଂ ଅପରାଧିକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଳାଇଛି 'ଅପରେସନ ଥଣ୍ଡର'। ଏହିକ୍ରମରେ ପୁରୀ ଜିଲ୍ଲାରେ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ଅଭିଯାନକୁ ଜୋର୍‌ଦାର କରାଯାଇଛି। ବଳଙ୍ଗା ଥାନା ଆଇଆଇସି ଦିବ୍ୟରଞ୍ଜନ ପଣ୍ଡା ଗୁରୁବାର ମଧ୍ୟାହ୍ନରେ ଶାଳଜଙ୍ଗ ଛକରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା ନିକଟରୁ ୧୬.୫ ଗ୍ରାମ ଧଳା ଜହର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୬୫ ହଜାର ହେବ। ଅଭିଯୁକ୍ତ ଜଣକ ହେଲା ବଳଙ୍ଗା ଥାନା ଅଧୀନ ହରିପୁର ହରିଜନ ସାହିରେ ଯୁଧିଷ୍ଠିର ବେହେରା (ଗାଲୁଆ, ୩୮ ବର୍ଷ) ବୋଲି ପୁଲିସ ସୂଚନା ଦେଇଛି। ଯୁଧିଷ୍ଠିର ନିମାପଡ଼ା ପିପିଲି ରାସ୍ତାର ଶାଳଜଙ୍ଗ ଛକଠାରେ ଗ୍ରାହକ ଅପେକ୍ଷାରେ ରହିଥିଲା। ଏନେଇ ଥାନାରେ ଏନଡିପିଏସ ଆକ୍ଟରେ ୨୫୮/୨୫ ଏକ ମାମଲା ରୁଜୁ କରାଯାଇ ତାକୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ବଳଙ୍ଗା ଆଇଆଇସିଙ୍କ ନେତୃତ୍ୱରେ ଥାନା ତଦନ୍ତକାରୀ ଅଧିକାରିଣୀ ଶୁଭଲକ୍ଷ୍ମୀ ପଟ୍ଟନାୟକ, ଏଏସଆଇ ପ୍ରଶାନ୍ତ ବେହେରା, ହାବିଲଦାର ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ଚଢ଼ଉ ଦଳରେ ସାମିଲ ହୋଇଥିଲେ।

# ଯାମଳଗୋଡା ବିଦ୍ୟୁତ ଷ୍ଟ୍ରକ୍‌ଚର୍‌ରୁ ବିଦ୍ୟୁତ୍ ଯୋଗାଣ



କଣାସ, ୨୦ା୧୧(ସମିସ): କଣାସ ବ୍ଲକର ୨୮ଟି ପଞ୍ଚାୟତକୁ ଖୋର୍ଦ୍ଧା ବିଦ୍ୟୁତ୍ ସବଷ୍ଟେସନରୁ ଦୀର୍ଘ ୪୫ କିମି ଅତିକ୍ରମ କରି ବିଦ୍ୟୁତ୍ ଯୋଗାଣ ହେଉଥିଲା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ ତାର ବାରମ୍ବାର ଛିଣ୍ଡିବାରୁ ଘଣ୍ଟାଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହୁଥିଲା। ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଞ୍ଚଳବାସୀମାନେ ଦାବି କରିବାରୁ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଯାମଳଗୋଡ୍ ନିକଟରେ ଏକ ବିଦ୍ୟୁତ ସବଷ୍ଟେସନ ୨୦୧୩ରୁ ନିର୍ମାଣ ଆରମ୍ଭ କରିଥିଲେ। କିଛି ଦିନ ପରେ ସମ୍ପୃକ୍ତ ଠିକାଦାର ଏହାକୁ ଅଧପନ୍ତରିଆ କରି କାର୍ଯ୍ୟ ଛାଡ଼ି ଦେଇଥିଲା ବେଳେ ସ୍ଥାନୀୟ ସହକାରୀ ଯନ୍ତ୍ରୀ ରାକେଶ ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ ସଞ୍ଜୟ ଜେନାଙ୍କ ଉଦ୍ୟମକ୍ରମେ ବିଦ୍ୟୁତ ସବଷ୍ଟେସନ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇ ଆଜି ଗଡିଶାଗୋଦା, ଆଳିବାଡ, ଯାମଳଗୋଦା, ଗୋପୀନାଥପୁର, କାଦୁଆ, ବଡାଲ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିଦ୍ୟୁତ ଯୋଘାଣ ଆଜି ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ, ୧୯୭୫ରୁ ଏହି ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ଆରମ୍ଭ ସମୟରେ ମାତ୍ର ୨୦୦ ବିଦ୍ୟୁତ ଗ୍ରାହକ ଥିବାବେଳେ ବର୍ତ୍ତମାନ ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ ପଡ଼ା ଗ୍ରାମରେ ୧୫ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ ଗ୍ରାହକ ରହିଛନ୍ତି।

# ମାଟି ପକାଇ ରାସ୍ତା ମରାମତି କଲେ ଲୋକେ



ନୟାହାଟ,୨୦ା୧୧(ସମିସ): ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କଲାପରେ ମଧ ରାସ୍ତାରେ ହୋଇଥିବା ଖାଲଖମାକୁ ମରାମତି କରା ନଯିବା ଫଳରେ ବାଧହୋଇ ଲୋକମାନେ ପିଚୁ ରାସ୍ତାରେ ମାଟି ପକାଇ ଯାତାୟାତ କରୁଛନ୍ତି। ପ୍ରକାଶ ଯେ ନୟାହାଟରୁ ଶିଖରଘାଟ ରାସ୍ତା ଧୂମାଳ ଗଳିଠାରୁ ନରସିଂହପୁର ହାଟ ପର୍ଯ୍ୟନ୍ତ ବଡ ବଡ ଖାଲ ହୋଇ ବର୍ଷା ଦିନରେ ପାଣି ଜମି ରହୁଥିଲା। ଏସଂପର୍କରେ ଅଭିଯୋଗ ନେଇ ଗ୍ରାମଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେମାନେ ପ୍ରତିଶ୍ରୁତି ମଧ ଦେଇଥିଲେ କାମ କରାଯିବ କିନ୍ତୁ ରାସ୍ତା କାର୍ଯ୍ୟ ବିଳମ୍ବ ହୋଇଥିଲେ। ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବା ସହ ଯାତ୍ରୀବାହୀ ବସ୍ ଏବଂ ଅନ୍ୟାନ୍ୟ ଯାନବାହନ ଖାଲରେ ପଡ଼ି ବିପଦଜନକ ଅବସ୍ଥାରେ ଯିବା ଫଳରେ ବାଧହୋଇ ଲୋକମାନେ ଖାଲରେ ମାଟି ପକାଇ ରାସ୍ତା ମରାମତି କରିଛନ୍ତି।

# ଭାଗବତ ସପ୍ତାହ ଉଦ୍‌ଯାପିତ



ନିମାପଡ଼ା,୨୦ା୧୧(ସମିସ): ଖେଲାର ନିକଟସ୍ଥ ମଣି ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ମାର୍ଗଶୀରମାସ ଗୁରୁବାର କୃଷ୍ଣନବମୀ ଗତ ୧୩ ତାରିଖଠାରୁ ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ ହୋଇ ଦେବ ଦୀପାବଳୀ ୧୯ ତାରିଖ ସମାପିତ ହୋଇଯାଇଛି। ପ୍ରବକ୍ତା ଶିକ୍ଷାବିତ୍ ଶିବଶଙ୍କର ଦାସ ପ୍ରଥମସ୍କନ୍ଧରୁ ଦ୍ୱାଦଶସ୍କନ୍ଧ ପର୍ଯ୍ୟନ୍ତ ପାରାୟଣ ପାଠ କରିବା ସହ ଭାଗବତ କଥାମୃତ ଆଲୋଚନା କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରବକ୍ତା ଶ୍ରୀ ଦାସଙ୍କୁ 'ମଣି ମହାବୀର ସେବା ସମ୍ମାନ'ରେ ବାବା ବୈକୁଣ୍ଠ ନାଥ ଦାସ ମହାରାଜଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ହରିଦ୍ୱାରରୁ ଆସିଥିବା ବେଦଗୁରୁ ଅଭିନନ୍ଦନ ମିଶ୍ର ଆଶୀର୍ବଚନ କରିଥିଲେ। ବହୁ ସାଧୁସନ୍ଥ ଯୋଗଦେବା ସହ ଶ୍ରୀଶ୍ରୀ ରଘୁନାଥ ସେବାଶ୍ରମ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କୋଣାର୍କ ଉତ୍ସବ ପାଇଁ ପ୍ରସ୍ତୁତି ଅନୁଧ୍ୟାନ କଲେ ଜିଲ୍ଲାପାଳ



**ଚନ୍ଦ୍ରଭାଗାରେ ବାଲୁକା କଳା ଉତ୍ସବ ଓ ସୁଭଦ୍ରା ଶକ୍ତିମେଳା**

କୋଣାର୍କ,୨୦ା୧୧(ସମିସ): କୋଣାର୍କ ଉତ୍ସବ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଗୁରୁବାର ଅପରାହ୍ନରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କୋଣାର୍କ ଓ ଚନ୍ଦ୍ରଭାଗାରେ ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଆସନ୍ତା ୧ରୁ ୫ଦିନ ବ୍ୟାପି କୋଣାର୍କ ଉତ୍ସବ ଆୟୋଜିତ ହେଉଛି। ମୁକ୍ତାକାଶ ରଙ୍ଗମଞ୍ଚରେ ନୃତ୍ୟ ସଙ୍ଗୀତ, ଚନ୍ଦ୍ରଭାଗା ମେଳାପଡିଆରେ ସୁଭଦ୍ରା ଶକ୍ତି ମେଳା, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ହେଲିପ୍ୟାଡରେ ମୀନାବଜାର ଆୟୋଜିତ ହେଉଛି। ମେଳା ସମୟରେ ପ୍ରବେଶ, ପ୍ରସ୍ଥାନ, ଯାନବାହନ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା ଓ ସଫେଇକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ନିମନ୍ତେ ମେସିନ ସାହାଯ୍ୟରେ ବାଲି ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ନଭେମ୍ବର ୩୦ ସୁଦ୍ଧା ସମସ୍ତ କାର୍ଯ୍ୟ ସଠିକ ଭାବେ ତୁଲାଇବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ରାଜକିଶୋର ଜେନା, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ପର୍ଯ୍ୟଟନ ସହନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ୱାଟକୋ ମହାପ୍ରବନ୍ଧକ ବିକ୍ରମ ରାଉତ, ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, ବିଡିଓ ଛବିରାଣୀ ସାହୁ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବାଲି ବୋଝେଇ ହାଇୱା ଜବତ; ୪ ଗିରଫ

ସାକ୍ଷୀଗୋପାଳ, ୨୦ା୧୧(ସମିସ): ବେଆଇନ ଲଘୁ ଖଣିଜ ପଦାର୍ଥ ଅର୍ଥାତ ଚୋରା ବାଲି ଚାଲାଣ ଅଭିଯୋଗରେ ସତ୍ୟବାଦୀ ପୁଲିସ ଚାରି ବାଲି ବୋଝେଇ ହାଇୱା ଟ୍ରକକୁ ଜବତ କରିବା ସହ ୪ ଅଭିଯୁକ୍ତ ଗିରଫ କରିଛି। ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ୪ଟି ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ୪ ଜବତ ହୋଇଥିବା ହାଇୱା ଗାଡ଼ିର ନମ୍ବର ଓଡି ୦୨ ଡିଜେ ୧୧୭୫, ଓଡି ୦୭ୟୁ ୯୧୨୯, ଓଡି ୧୩ ଟି ୩୫୪୩, ଓଡି ୧୩ଏନ ୯୩୯୪। ସେହିପରି ଏଥିରେ ସମ୍ପୃକ୍ତ ଚାରି ଅଭିଯୁକ୍ତ ହେଲେ ବ୍ରହ୍ମଗିରି ଥାନାଞ୍ଚଳ ବିଦୁରବାଙ୍କର ପ୍ରଶାନ୍ତ ବେହେରା, ଖୋର୍ଦ୍ଧା ସଦର ଥାନାଞ୍ଚଳର ବାଦଲ ସିଂ, ପୁରୀ ସଦର ଥାନାଞ୍ଚଳ ମୂଳବସନ୍ତ ଗଡିଶା ଗୋଦା ଗ୍ରାମର ଅଖିଳ ପ୍ରଧାନ, ଚନ୍ଦନପୁର ଥାନା ପ୍ରତାପରାମଚନ୍ଦ୍ରପୁରର ଶିବରାମ ପରିଡା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥"



୰ ଲକ୍ଷ୍ମୀ ପୃଷ୍ଟି
ସ୍ୱା: ୰ ଅର୍ଜୁନ ପୃଷ୍ଟି
ଆବିର୍ଭାବ : ୨୪.୦୯.୧୯୪୦, ତିରୋଧାନ : ୦୮.୧୧.୨୦୨୫
ଆପଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

୨୦/୧୧/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୧୬,୪୪୩/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୬୧.୩୦୦ ଗ୍ରାମ୍





ଲକ୍ଷେ ଦୀପରେ ଝଲସିଲା ବଡ଼ଦାଣ୍ଡ

# ପାରମ୍ପରିକ ଭଜନରେ କମ୍ପିଲା ଶରଧାବାଲି




**ପୁରୀ, ୨୦।୧୧ (ସମିସ):** ଶ୍ରୀମନ୍ଦିରରେ ଚାଲିଛି ଦେବଦୀପାବଳି ଉତ୍ସବ। ଏହାକୁ ସ୍ମରଣୀୟ କରିବା ଏବଂ ଜଗତର କଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଜଳିଛି ଲକ୍ଷେ ଦୀପ। ସିଂହଦ୍ୱାରରୁ ଶରଧାବାଲି ଦୀପଶିଖାରେ ଝଲସିଥିଲା। ବିଶେଷକରି, ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାର ଏବଂ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ହଜାରହଜାର ଦୀପ ଜଳିବାର ଦୃଶ୍ୟ ଥିଲା ବେଶ୍ ନିଆରା। ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ଓ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର୍ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା।

ସିଂହଦ୍ୱାର ଏବଂ ଶରଧାବାଲିଠାରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟମାନେ ଉପସ୍ଥିତ ରହି ଦୀପଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ିଶା ଇଣ୍ଟରନ୍ୟାସନାଲ୍ ସେଣ୍ଟର୍‌ର ଭାବଗ୍ରାହୀ ଶାନ୍ତି, କୁମୁଦିନୀ ପଣ୍ଡା, ଉଦୟ କୁମାର ଶାନ୍ତି, ଡ. କିଶୋର ଚନ୍ଦ୍ର ପ୍ରଧାନ, ରତିକାନ୍ତ ପାଢ଼ୀ, ସୁମିତ୍ରା ପଣ୍ଡା, ସଂଯୁକ୍ତା ମହଲ, ସତ୍ୟସୁନ୍ଦର ପଣ୍ଡା, ଉମାଶଙ୍କର ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର, ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ବିନୋଦ କୁମାର ପଣ୍ଡା, ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ମଞ୍ଚରେ ଅଶୋକ କୁମାର ମହାନ୍ତି, ରଘୁନାଥ ପ୍ରତିହାରୀ, ସୁଚରିତା ପ୍ରତିହାରୀ, ଗୌରାଙ୍ଗ ଚରଣ ଖୁଣ୍ଟିଆ, ସୁରେନ୍ଦ୍ର ନାୟକ, ଶତ୍ରୁଘ୍ନ ନାୟକ, ସତ୍ୟପ୍ରିୟ ମହାପାତ୍ର, ସବିତା ମିଶ୍ର, ଅନ୍ନପୂର୍ଣ୍ଣା ତ୍ରିପାଠୀ, ଅଶୋକ କୁମାର ଦାସ, ସୂର୍ଯ୍ୟାଂଶୀ ରଥ, ସୋନାଲି ରଥ, ସିପ୍ରା ମହାନ୍ତି, ଦେବସ୍ମିତା ମହାନ୍ତି, ପ୍ରକାଶ ରଥ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ରବିନାରାୟଣ ଦାଶ, ଅନୀଲ କୁମାର ଦାସ, ଦିଲୀପ ପଣ୍ଡା, ହରୀଶ ଚନ୍ଦ୍ର ଦାଶ, ଚିନ୍ମୟ କୁମାର ମାଳ, ସତ୍ୟନାରାୟଣ ଗୁରୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଦେବଦୀପାବଳି ମହୋତ୍ସବ ଅବସରରେ ଶ୍ରୀମନ୍ଦିର ସେବାୟତ ଶଙ୍ଖମିତ୍ର ସିଂହାରୀ, ସୁରେନ୍ଦ୍ର ନାୟକ ଓ ସୁଧାଂଶୁ ରଥଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ଭଜନ ସମାରୋହ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଥିଲା।

● ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଅମାନ୍ୟ

# ଫସିଲେ ପିପିଲି ବିଧାୟକ

**ପୁରୀ,୨୦।୧୧(ସମିସ):** ପୁରୀ ଜିଲ୍ଲାର ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଦ୍ୱନ୍ଦ୍ୱ ଲାଗି ରହିଛି। ସଂଘ ଉପରେ ହାଇକୋର୍ଟ ଓ ଆଡିଶନାଲ ସିଭିଲ୍ କୋର୍ଟ ସିନିୟର ଡିଭିଜନ୍‌ଙ୍କର ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ଥିବା ବେଳେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସଭାପତି ହୋଇଥିବାରୁ ମକଦ୍ଦମାରେ ଛନ୍ଦି ହୋଇଯାଇଛନ୍ତି। ସି.ଏମ୍.ଏ. ନଂ. ୮୨/୨୦୨୫ ଅନୁଯାୟୀ ଆଡିଶନାଲ ସବଜଜ୍ ପିପିଲି ବିଧାୟକଙ୍କୁ କୈଫିୟତ ତଲବ କରିଛନ୍ତି। ଫଳରେ ଜଣେ ସାମ୍ବିଧାନିକ ପଦବିରେ ଥିବା ବିଧାୟକ ଆଇନ ଉଲ୍ଲଂଘନ ମକଦ୍ଦମାରେ ଆସନ୍ତା ୨୭ ତାରିଖରେ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

**କୈଫିୟତ ତଲବ କଲେ ଆଡିସନାଲ ସବ୍-ଜଜ୍**

ପ୍ରକାଶଥାଉ କି, ଶ୍ରୀକ୍ଷେତ୍ର ଟ୍ରକ ମାଲିକ ସଂଘରେ ପୂର୍ବରୁ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ସଭାପତି ପଦବୀ ଅଳଙ୍କୃତ କରିଥିଲେ। ତାଙ୍କ ଦେହାନ୍ତ ପରେ ତାଙ୍କର ପୁତ୍ର ବିଧାୟକ ସୁନିଲ ମହାନ୍ତି ମଧ୍ୟବର୍ତ୍ତୀ କମଚଳା ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସଂଘର କର୍ମକର୍ତ୍ତା ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ଓ ଆଇନ ଶୃଙ୍ଖଳା ବ୍ୟାହତ ହେବାର ଆଶଙ୍କା କରି ପୁରୀ ଜିଲ୍ଲାପାଳ, ପୁରୀ ବିଧାୟକ ଶ୍ରୀ ମହାନ୍ତି ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ଶାନ୍ତି କମିଟି ଗଠନ ହୋଇଥିଲା। ଏଥିସହ ପୁରୀ ବିଧାୟକ ସଭାପତି ପଦରୁ ଇସ୍ତଫା ଦେଇଥିଲେ ଓ ଜିଲ୍ଲାପାଳ ସଂଘର ନିର୍ବାଚନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ହାଇକୋର୍ଟ ସ୍ଥଗିତାବସ୍ଥା ଜାରି କରିଛନ୍ତି। ତତ୍‌ସହିତ ସଂଘର ସାଧାରଣ ସଭାରେ ସଂଘ ବାଇଲ ଅନୁଯାୟୀ ନିର୍ବାଚନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇ ନିର୍ବାଚନ ଅଧିକାରୀ ମନୋନୀତ ହେବା ପରେ ପୁନର୍ବାର ପୁରୀ ଆଡିସନାଲ ସବ୍‌ଜଜ୍ ସଂଘର ନିର୍ବାଚନ ଉପରେ ସ୍ଥଗିତାବସ୍ଥା ଜାହିର କରିବା ସହିତ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ, ଯାହା ବର୍ତ୍ତମାନ ସୁଦ୍ଧା ବଳବତ୍ତର ରହିଛି। କିନ୍ତୁ ଏହି ନିର୍ଦ୍ଦେଶକୁ ଖିଲାପ କରି ଗୋଟିଏ ଗୋଷ୍ଠୀ ବିନା ନିର୍ବାଚନରେ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ବୋଲି ନିଜକୁ ଘୋଷଣା କରିଛନ୍ତି। ପିପିଲି ବିଧାୟକ ଶ୍ରୀ ପଟ୍ଟନାୟକ ସେଥିରେ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘୋଷଣାକୁ ଆଧାର କରି କୋର୍ଟ ନିର୍ଦ୍ଦେଶ ଅବମାନନା କରିଥିବାରୁ ଆତ୍ମଘୋଷିତ କର୍ମକର୍ତ୍ତାମାନଙ୍କ ପ୍ରତି କାହିଁକି ଦଣ୍ଡବିଧାନ କରା ନଯିବ, ସେଥିନିମନ୍ତେ ପିପିଲି ବିଧାୟକଙ୍କ ସମେତ ୮ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଯାହା ଫଳରେ ପିପିଲି ବିଧାୟକଙ୍କ ଅଡୁଆ ବଢ଼ିଛି ବୋଲି ସଂଘର ପୂର୍ବତନ ସମ୍ପାଦକ ଅମିତ ଅରୁଣ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ

**ପୁରୀ,୨୦।୧୧(ସମିସ):** ଶିଶୁମାନଙ୍କ ପାଇଁ ଅଧିକାର ସୁରକ୍ଷିତ ଓ କାର୍ଯ୍ୟକାରୀ କରିବା ପାଇଁ ଶିଶୁ ସମାଚାର ପତ୍ରିକା ଗୁରୁବାର ସୁଖଲତା ସ୍ମୃତି ବାଳିକା ବିଦ୍ୟାଳୟରେ ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ କରିଛି। ଏଥିରେ ସୂଚନା ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି, ମନୋଜ କୁମାର ତ୍ରିପାଠୀ, ସିଦ୍ଧାର୍ଥ ରାୟ, ମହାବୀର ରୁଦ୍ରନାରାୟଣ ସାହୁ, ଅବନିଶ ରଥ, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ବିଜୟ ପଣ୍ଡା, ରେଣୁକା ମିଶ୍ର ଯୋଗଦେଇ କହିଥିଲେ ଯେ, ଶିଶୁମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହୋଇପାରିଲେ ଆଗକୁ ବଢ଼ିବେ ଓ ସମସ୍ତ ବିଷୟରେ ପାରଦର୍ଶିତା ଲାଭ କରିପାରିବେ। ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ସଭା ସଂଯୋଜନା କରି ସ୍ୱାଗତ କରିଥିଲା ବେଳେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ପୂର୍ବରୁ ବରିଷ୍ଠ ଓ କନିଷ୍ଠ ବର୍ଗ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଶୁଭ ନାରାୟଣ ଶତପଥୀ, ସିଦ୍ଧାର୍ଥ ରାୟ, ମହାବୀର ରୁଦ୍ର ନାରାୟଣ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ କନିଷ୍ଠ ବିଭାଗରେ ଋଷଭ ଦେବ ରଥ, ଦିବ୍ୟସା ମିଶ୍ର, ଆଞ୍ଜେଲା ଅପୂର୍ବ ଦାସ, ଆଦ୍ୟାଶା ପଣ୍ଡା ଓ ବରିଷ୍ଠ ବିଭାଗରେ ଅନୁଷ୍କା ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ, ପୁଷ୍ପାଞ୍ଜଳି ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ।

# ୨୨ରୁ ପୁରୀରେ ତିନିଦିନିଆ ଜାତୀୟ ଆମେଚର୍ ଗୋ-କ୍ରୀଡ଼ା ଉତ୍ସବ

**ପୁରୀ,୨୦।୧୧(ସମିସ):** ଆସନ୍ତା ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ପୁରୀରେ ଅନୁଷ୍ଠିତ ହେବ ଜାତୀୟ ଆମେଚର ଗୋ-କ୍ରୀଡ଼ା ଉତ୍ସବ। ଏ ନେଇ ଗୁରୁବାର ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଉପରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ତିନିଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା କ୍ରୀଡା ପ୍ରତିଯୋଗିତାରେ ୧୯ଟି ରାଜ୍ୟର କ୍ରୀଡ଼ାବିତ୍ ଓ ଅଫିସିଆଲ ପ୍ରାୟ ୩୫୦ ଜଣ ଯୋଗଦେବେ। ପୁରୁଷ ଓ ମହିଳା ବିଭାଗରେ ଜୁନିୟର, ସବ୍‌ଜୁନିୟର ଓ ସିନିୟର ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ତୃତୀୟ ଜାତୀୟ କ୍ରୀଡା ଭାବେ ପ୍ରଥମ କରି ଓଡିଶା ପୁରୀଠାରେ ଆୟୋଜନ ହେବା ପାଇଁ ଯାଉଛି ବୋଲି ଆମେଚର ଗୋ ଓଡ଼ିଶାର ରାଜ୍ୟ ସଭାପତି ବିନୟ ନୃସିଂହ ମହାପାତ୍ର କହିଛନ୍ତି।

୨୦୧୦ ମସିହାରୁ ଏସିଆଡ୍ ଗେମ୍‌ରେ ସାମିଲ ହୋଇ ପାଖାପାଖି ୭୬ଟି ଦେଶରେ ଏହି ଖେଳ ଖେଳାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଖେଲୋ ଇଣ୍ଡିଆ ସହ ସାମିଲ ହୋଇ ଭାରତବର୍ଷରେ ସୁଦୂର ପ୍ରସାର କରିବା ପାଇଁ ଇଣ୍ଡୋ ଆମେଚର ଗୋ ଆସୋସିଏସନ୍ ପ୍ରୟାସ ଜାରି ରଖିଛି। ବିଶେଷକରି, ଚାଇନା, ଆମେରିକା, ଜାପାନ, ଦକ୍ଷିଣ ଓ ଉତ୍ତର କୋରିଆ ଆଦି ବିଭିନ୍ନ ୟୁରୋପୀୟ ଦେଶମାନଙ୍କରେ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏହା ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହେବ। ଏହି ଜାତୀୟ କ୍ରୀଡ଼ାର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ରାଜକିଶୋର ମହାନ୍ତି, ଉପାଧ୍ୟକ୍ଷ ରବିନାରାୟଣ ଦାଶ, କୋଷାଧ୍ୟକ୍ଷ ଦେବଦତ୍ତ ମହାପାତ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ହରିହର ମହାପାତ୍ର, ରାଜ୍ୟ ଉପସଭାପତି ଡାକ୍ତର ଦେବସ୍ମିତା ରାୟ, ପ୍ରସନ୍ନ ମିଶ୍ର, ସୁଶ୍ରୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

■ ଟ୍ରାଏଙ୍ଗୁଲାର କମିଟି ବୈଠକ

# ବିନିଯୋଗ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ



**ପୁରୀ,୨୦।୧୧(ସମିସ):** କାର୍ଯ୍ୟାବଳୀରେ ସ୍ୱଚ୍ଛତା, ସରକାରୀ ଅର୍ଥର ସଠିକ ବିନିଯୋଗ, ବିନିଯୋଗ ପ୍ରମାଣ ପତ୍ରର ଯାଞ୍ଚ ବା ତନଖି ଦ୍ୱାରା ବ୍ୟବସ୍ଥାର ସଠିକତା ଅବଗତ କରାଯାଏ। ସେଥିପାଇଁ ବିଭିନ୍ନ ସମୟରେ ଟ୍ରାଙ୍ଗୁଲାର କମିଟି ବୈଠକ ବିଭିନ୍ନ ଜିଲ୍ଲାରେ ଆୟୋଜନ ହୋଇଥାଏ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତର ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ। ଗୁରୁବାର ସର୍କିଟ ହାଉସ୍‌ଠାରେ ବୋର୍ଡ ଅଫ୍ ରେଭିନ୍ୟୁ ବା ରାଜସ୍ୱ ପର୍ଷଦ ପକ୍ଷରୁ ଦୁଇଦିନିଆ ଟ୍ରାଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟର ତତ୍ତ୍ୱାବଧାନ ପାଇଁ ଶ୍ରୀ ପଟ୍ଟନାୟକଙ୍କ ସହ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ବସନ୍ତ କୁମାର ସେଠୀ ନିୟୋଜିତ ରହିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ପ୍ରମୁଖ ଯୋଗଦେଇ ଆପତ୍ତି ଥିବା ପାରାଗୁଡ଼ିକର ସଠିକ କମ୍ପ୍ଲିଆନ୍ସ ପ୍ରଦାନ ସହ ଯେଉଁଠାରେ ସମସ୍ୟା ରହୁଛି ତାହାର ସମାଧାନ ପାଇଁ ଅଡିଟ୍‌ରେ ଆସିଥିବା ଅଧିକାରୀମାନଙ୍କ ସହାୟତା ଓ ପରାମର୍ଶ ନେବାକୁ ପରାମର୍ଶ ଦେଇଥିଲେ।

ରାଜସ୍ୱ ପର୍ଷଦର ଅଡିଟ ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜିତ କୁମାର କୁଅଁର, ଗିରିଶ ଚନ୍ଦ୍ର ସୋରେନ, ପ୍ରମୋଦ କୁମାର ସାମଲ ପ୍ରମୁଖ ଅଡିଟ୍‌ରେ ସହଯୋଗ କରିଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରଶାନ୍ତ ଜେନା, ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ, ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ତହସିଲଦାର ଓ କର୍ମଚାରୀ ଏଥିରେ ଯୋଗଦେଇ କମ୍ପ୍ଲିଆନ୍ସ ରିପୋର୍ଟ ପ୍ରଦାନ କରିଥିଲେ।

# ଜୁନିୟର ବିଶ୍ୱକପ୍ ପୁରୁଷ ହକି ଟ୍ରଫି ଉନ୍ମୋଚିତ



**ପୁରୀ, ୨୦।୧୧(ସମିସ):** ତାମିଲନାଡୁଠାରେ ଚଳିତ ମାସ ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖରେ ଶେଷ ହେବ ଏଫ୍‌ଆଇଏଚ ଜୁନିୟର ପୁରୁଷ ହକି ବିଶ୍ୱକପ। ଏହି ବିଶ୍ୱକପ ଟ୍ରଫିକୁ ଗୁରୁବାର ଅପରାହ୍ନରେ ସିଂହଦ୍ୱାର ନିକଟରେ ସମର୍ପିତ ଓ ଉନ୍ମୋଚିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଟ୍ରଫିକୁ ଅନାବରଣ କରିବା ସହ ବିଶ୍ୱକପ ହକିର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଟ୍ରାଫିକ ଇନ୍‌ସପେକ୍ଟର ଜୟଦୀପ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଟ୍ରଫି ଉନ୍ମୋଚନରେ ସାମିଲ ହୋଇଥିଲେ। ପରେ ଟ୍ରଫିର ଫଟୋ ସେସନ୍ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗ ପକ୍ଷରୁ ହରେଶ କୁମାର ମିଶ୍ର, ହକି କୋଚ୍ ଗୌତମ ବେହେରା, ଜିଲ୍ଲା ସ୍କୁଲର ପୂର୍ବତନ ପିଇଟି ଗୋପାଳ ଚନ୍ଦ୍ର ବେହେରା ଓ ହକି ଖେଳାଳୀମାନେ ଉପସ୍ଥିତ ଥିଲେ। ପରେ ବ୍ଲୁ ଫ୍ଲାଗ ବିଚ୍‌ରେ ଟ୍ରଫିର ଫଟୋ ସେସନ୍ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ସଡ଼କର ହେଉନି ରକ୍ଷଣାବେକ୍ଷଣ

**କଣାସ,୨୦।୧୧(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ଖାରଦ ଦେଇ ଗୋପୀନାଥପୁରକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇଛି। ରାସ୍ତା କାମ କରିଥିବା ଠିକାଦାର ରାସ୍ତା ମରାମତି କରୁ ନଥିବାବେଳେ ବିଭାଗୀୟ ଅଧିକାରୀ ଚୁପ ହୋଇବସିଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଦୈନନ୍ଦିନ ଚଳାଚଳରେ ଜନସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ୨୦୨୨ ମସିହାରେ ଆରମ୍ଭ ହୋଇ ୨୦୨୩ ମସିହାରେ ଶେଷ ହୋଇଥିଲା। ୨୦୨୮ ମସିହା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ଚୁକ୍ତି କରିଥିଲେ ମଧ କାହିଁକି ଠିକାଦାର ମରାମତି କରୁନାହାନ୍ତି ସେନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍‌ର ଶିଶୁ ସୁରକ୍ଷା କର୍ମଶାଳା

# ଶିଶୁ ସୁରକ୍ଷା ଆଇନ କଡ଼ାକଡ଼ି କାର୍ଯ୍ୟକାରୀ ପାଇଁ ପରାମର୍ଶ





**ପୁରୀ,୨୦।୧୧(ସମିସ):** ପୁରୀ ଜିଲ୍ଲା ରିଜର୍ଭ ପୁଲିସ ସମ୍ମିଳନୀ କକ୍ଷରେ ପୁଲିସ ବିଭାଗର କିଶୋର ପୁଲିସ ୟୁନିଟ୍ କର୍ମଚାରୀଙ୍କ ପାଇଁ ଏକଦିବସୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ପି ପ୍ରତୀକ୍ ସିଂ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟବୋର୍ଡର ସଭ୍ୟ ମହାବୀର ରୁଦ୍ରନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ ଏବଂ ଡିଏସ୍‌ପି ଏର୍‌ଆରପିସି ସସ୍ମିତା ବେହେରା ଯୋଗ ଦେଇଥିଲେ। ବିଷୟ ବିଶାରଦ ଭାବେ ବିଜୁ ପଟ୍ଟନାୟକ ପୁଲିସ ତାଲିମ କେନ୍ଦ୍ରର ତାଲିମଦାତା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁରୁପ୍ରସାଦ ଶିବଶଙ୍କର ନନ୍ଦ ଏବଂ ୟୁନିସେଫ୍ ପରାମର୍ଶଦାତା ଘାସିରାମ ପଣ୍ଡା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏସ୍‌ପି ଶ୍ରୀ ସିଂ ଜିଲ୍ଲାର ୩୦ ଥାନାର ଅଧିକାରୀ ତଥା ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସ ଅଧିକାରୀମାନଙ୍କୁ ଶିଶୁ ସୁରକ୍ଷା ଆଇନ ଏବଂ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ ପାଇଁ ପରାମର୍ଶ ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କହିଥିଲେ ଯେ ଜଣେ ବି ଶିଶୁ ନ୍ୟାୟ, ସୁରକ୍ଷା ଓ ଅଧିକାର ପାଇବାରୁ ବଞ୍ଚିତ ନ ରୁହନ୍ତି ସେ ସମ୍ପର୍କିତ ଅଭିଯୋଗର ତତ୍କାଳ ବିଚାର କରାଯାଇ ତାଙ୍କୁ ସୁରକ୍ଷା ଓ ନ୍ୟାୟ ଯୋଗାଇ ଦିଆଯିବା ଦରକାର। ପ୍ରଶିକ୍ଷକ ଗୁରୁପ୍ରସାଦ ଶିବଶଙ୍କର ନନ୍ଦ ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସଙ୍କର କାର୍ଯ୍ୟ ଏବଂ ଦାୟିତ୍ୱ ସହ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫, ଶିଶୁମାନଙ୍କୁ ଯୌନ ଶୋଷଣ ସୁରକ୍ଷା ଆଇନ ୨୦୧୨ ବିଷୟରେ ଆଲୋଚନା କରିଥିଲେ। ୟୁନିସେଫ୍‌ର ପରାମର୍ଶ ଦାତା ଘାସିରାମ ପଣ୍ଡା ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଶିଶୁ ଚାଲାଣ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ମିଶନ ବାତ୍ସଲ୍ୟ ଏବଂ ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସ ତାଲିମର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ କିଶୋର ନ୍ୟାୟ ବୋର୍ଡ, ଚିଲିଡ୍ରେନ କୋର୍ଟଙ୍କ କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ପୀଡିତା କ୍ଷତିପୂରଣ ପାଣ୍ଠି ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କର ଥଇଥାନ ବାବଦରେ ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସର ସଭ୍ୟ ବିଜୟ କୁମାର ପରିଡ଼ା ଓ ରୋଜାଲିନ୍ ପାତ୍ର ଯୋଗଦେଇଥିଲେ। ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ଓ ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ସାମାଜିକ କର୍ମୀ କମଳା ମହାରଣା ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷା ଯଦି ଚରିତ୍ର ନିର୍ମାଣରେ ସହାୟ ନହୁଏ, ତେବେ ତାହା ସମ୍ପୂର୍ଣ୍ଣ ବୃଥା !
-ମହାତ୍ମା ଗାନ୍ଧୀ

## ତଥ୍ୟ ସୁରକ୍ଷା ସର୍ବୋପରି

ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍ସ୍ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏହାର ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍ସ୍ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହୋଇପାରେ।

ଅଧୁନା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ଗୋପନୀୟତାକୁ ନେଇ ବିପଦ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ଏହା ସହିତ ଯୋଡ଼ି ହୋଇଯାଇଛି ଆଧାର। ଅତୀତରେ ଆଧାରରେ ଥିବା ଭାରତୀୟଙ୍କ ତଥ୍ୟ ବିଦେଶର ତୃତୀୟ ପକ୍ଷ ସଂସ୍ଥା ହାତରେ ପଡ଼ିଥିବା ଅଭିଯୋଗ ଆସିବା ପରେ ଏହା ଆଉ ସୁରକ୍ଷିତ ନୁହେଁ ବୋଲି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଭାରତୀୟ ନାଗରିକଙ୍କ ତଥ୍ୟ ସୁରକ୍ଷା ଏ ପର୍ଯ୍ୟନ୍ତ ଭରସାଯୋଗ୍ୟ ହୋଇପାରିନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ ଆଧାରକୁ ବିଭିନ୍ନ ସେବା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ଓ ପ୍ରମାଣପତ୍ର ରୂପେ ବ୍ୟବହାର କରାଯାଉଛି। ଯେମିତି ଏବେ ବିନା ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ରେ ଜୀବନଯାତ୍ରା ଏକପ୍ରକାର ଅଚଳ, ଆଧାର ବିନା ସେବା ସେଭଳି ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ଆଧାର ସଂଲଗ୍ନ ଇ-କେୱାଇସି ନଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ଆଇନରୁ ବାଦ୍ ପଡ଼ି ଜୀବନ ହାରିବା ଭଳି ଉଦାହରଣ ମଧ୍ୟ ଦେଖିବାକୁ ମିଳୁଛି। ବୋଧହୁଏ ଆଉ କିଛିଦିନ ପରେ ବିନା ଆଧାରରେ ହାଟ ବଜାରରୁ ପରିବା ମଧ୍ୟ ମିଳିବ ନାହିଁ। ଏଭଳି ପରିସ୍ଥିତିରେ ତଥ୍ୟ ଚୋରି ହେବା ସ୍ୱାଭାବିକ।

ବିଳମ୍ବରେ ହେଲେ ମଧ୍ୟ ସରକାର ଏ ଦିଗରେ ଚେତିଛନ୍ତି ଏବଂ ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ଯୋଜନା କରୁଛନ୍ତି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଆଧାର ନମ୍ବରର ଆବଶ୍ୟକତାକୁ କାଣ୍ଟଛାଣ୍ଟ, ବିଶେଷକରି ଘରୋଇ ସେବା କ୍ଷେତ୍ରରେ ନିଷିଦ୍ଧ ନ କରିବା ଯାଏଁ ନାଗରିକଙ୍କ ତଥ୍ୟ ଚୋରି ଆଶଙ୍କା ସବୁବେଳେ ଲାଗି ରହିଥିବ। ଦେଶର ପ୍ରତିରକ୍ଷା ସହିତ ଆଧାରକୁ ଯୋଡ଼ା ଯାଉଛି; କିନ୍ତୁ ନିକଟରେ କାର ବୋମା ବିସ୍ଫୋରଣରେ ଜଡ଼ିତ ଏବଂ ତା'ପୂର୍ବରୁ ଗିରଫ ଆତଙ୍କବାଦୀ ଡାକ୍ତରମାନେ ମଧ୍ୟ ଭାରତୀୟ ଆଧାର କାର୍ଡଧାରୀ ଥିଲେ। ଆତଙ୍କବାଦୀମାନେ ଏକାଧିକ ଆଧାର କାର୍ଡ ପ୍ରସ୍ତୁତି ଓ ବ୍ୟବହାର କରି ନିଶ୍ଚିନ୍ତରେ ରହିଆସୁଥିବା ବେଳେ ବିଚରା ଗରିବ ସାଧାସିଧା ଜନତା ଅଧିକ ହଇରାଣ ହରକତ ହେଉଛନ୍ତି। ତଥ୍ୟ ଚୋରିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁକେତେକ ପଦକ୍ଷେପ ନେଉଛନ୍ତି ତାହା ପ୍ରଭାବଶାଳୀ କିମ୍ବା ସମୟୋପଯୋଗୀ ନ ହେବାରୁ ଦାନ୍ତ ଓ ନଖ ନଥିବା ବାଘ ଭଳି ହେଉଛି। କୋଟି କୋଟି ଭାରତୀୟଙ୍କ ଆଧାର କାର୍ଡ କିମ୍ବା ଅନ୍ୟ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେଲେ କେବଳ ସେହି ବ୍ୟକ୍ତିବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ, ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ତଥ୍ୟ ସୁରକ୍ଷା ଆଇନ ଓ ନିୟମାବଳୀକୁ ଅଧିକ କଠୋର ଓ ପ୍ରଭାବଶାଳୀ କରିବା ଆଜିର ଆହ୍ୱାନ। ●

## ସମ୍ବିଧାନର ଗରିମାକୁ ସମ୍ମାନ

ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏବଂ ସମ୍ପୃକ୍ତ ରାଜ୍ୟପାଳମାନଙ୍କ ଦ୍ୱାରା ପ୍ରେରିତ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ କେତେ ଦିନ ମଧ୍ୟରେ ଅନୁମୋଦନ କରିବେ ସେଥିପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ରୂପେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାପାର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ପରେ ଦୀର୍ଘଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟ ଓ ବିବାଦର ଅବସାନ ଘଟିଛି। ଏଥିସହିତ ସାମ୍ବିଧାନିକ ଗରିମା ଏବଂ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଅତୁଟ ରହିଛି। ଏକ ସାର୍ବଭୌମ ରାଷ୍ଟ୍ରରେ ରାଷ୍ଟ୍ରପତି ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିବାରୁ ତାଙ୍କ ଉପରେ ଶୃଙ୍ଖଳା ବା କଟକଣା ଲଦି ଦେବା ଅଶୋଭନୀୟ ଏବଂ ସମ୍ବିଧାନର ମୂଲ୍ୟବୋଧ ପ୍ରତି ଅସମ୍ମାନ ଭଳି। ଖଣ୍ଡପୀଠଙ୍କ ରାୟ ଏ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ।

ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସେତୁ ସଦୃଶ। ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେଲେ ମଧ୍ୟ ରାଜ୍ୟ ଶାସନରେ ଅଯଥା ହସ୍ତକ୍ଷେପ କରିପାରିବେ ନାହିଁ। କେବଳ ପରାମର୍ଶ ଦେଇପାରିବେ। ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ଅନୁମୋଦନ କରିପାରିବେ, ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇପାରିବେ କିମ୍ବା ଅନୁପଯୁକ୍ତ ମନେ ହେଲେ ବିଧାନସଭାକୁ ଫେରାଇ ପାରିବେ। ଯଦି ଦ୍ୱିତୀୟ ବାର ସମାନ ବିଧେୟକ ପାରିତ ହୁଏ ତେବେ ରାଜ୍ୟପାଳ ତାହାକୁ ଅନୁମୋଦନ କରିବାକୁ କିମ୍ବା ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ସାମ୍ବିଧାନିକ ବ୍ୟବସ୍ଥାରେ ବାଧ୍ୟ। କିନ୍ତୁ ରାଜନୈତିକ ଅସୂୟାର ବଶବର୍ତ୍ତୀ ହୋଇ କେତେକ ରଜ୍ୟର ରାଜ୍ୟପାଳ ଜାଣିଶୁଣି ବିଧେୟକଗୁଡ଼ିକୁ ପକେଇ ରଖୁଛନ୍ତି। ଏଥିରେ ରାଜ୍ୟ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ରାଜ୍ୟପାଳମାନଙ୍କର ଏଭଳି ଉଦ୍ଦେଶ୍ୟମୂଳକ ବାଛବିଚାର ନିଷ୍ପତ୍ତିର ସର୍ବାଧିକ କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ତାମିଲନାଡ୍ରୁ, କେରଳ ଓ ପଞ୍ଜାବ ରହିଛନ୍ତି। ରାଜ୍ୟପାଳଙ୍କ ଏଭଳି ମନମୁଖି କାର୍ଯ୍ୟ ବିରୋଧରେ ତାମିଲ୍‌ନାଡ୍ରୁ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଦୁଇଜଣିଆ ଖଣ୍ଡପୀଠ ବିଧେୟକଗୁଡ଼ିକୁ ଅନୁମୋଦନ କରିବା ସହିତ ରାଜ୍ୟପାଳମାନେ ସର୍ବାଧିକ କେତେ ସମୟ ମଧ୍ୟରେ ନିଷ୍ପତ୍ତି ନେବେ ତାହା ଧାର୍ଯ୍ୟ କରିଥିଲେ। ଏଥିସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ପ୍ରସଙ୍ଗକୁ ଆଣି ସେ ସର୍ବାଧିକ ତିନିମାସ ଭିତରେ ବିଧେୟକଗୁଡ଼ିକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ରାୟ ଦେଇଥିଲେ। ଏହା ସାମ୍ବିଧାନିକ ଅଧିକାରଗତ ଜଟିଳତା ସୃଷ୍ଟି କରିବାରୁ ମାମଲା ୫ଜଣିଆ ସମ୍ବିଧାନ ଖଣ୍ଡପୀଠକୁ ଯାଇଥିଲା।

ମାମଲାର ବିଚାର କରି ଖଣ୍ଡପୀଠ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ସମୟସୀମା ହଟାଇ ଦେବା ସହିତ ସାମ୍ବିଧାନିକ ପଦରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଧାରାରେ ସମୟସୀମା କିମ୍ବା ଶୃଙ୍ଖଳା ଲାଗୁ କରିବାର ଅଧିକାର ନ୍ୟାୟାଳୟଙ୍କର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିସହିତ ରାଜ୍ୟପାଳମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଧେୟକଗୁଡ଼ିକୁ ପକେଇ ରଖିବା ଅନୁଚିତ ବୋଲି ଯଥୋଚିତ ରାୟ ଦେଇଛନ୍ତି। ସାମ୍ବିଧାନିକ ଗରିମାର ସୁରକ୍ଷା ଓ ଲକ୍ଷ୍ମଣରେଖାର ମାନ୍ୟତା ବଜାୟ ରଖିବାକୁ ଯାଇ ଖଣ୍ଡପୀଠଙ୍କ ଏହି ସଂଶୋଧିତ ରାୟକୁ ଯଦି ସକାରାତ୍ମକ ରୂପେ ରାଜ୍ୟପାଳମାନେ ଗ୍ରହଣ କରନ୍ତି ତେବେ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ●

# ବୟୋବୃଦ୍ଧ: ଆଇନରେ ସୁରକ୍ଷିତ, ସମାଜରେ ଅବହେଳିତ

ଡକ୍ଟର ଅବଶ ପରିଡ଼ା

ବୟୋବୃଦ୍ଧଙ୍କ ଭରଣପୋଷଣ କରୁନାହାନ୍ତି, କିନ୍ତୁ ପିଲାମାନେ ସମ୍ପତ୍ତି ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଛନ୍ତି। ପିଲାମାନଙ୍କ ଦ୍ୱାରା ବାପାଙ୍କ ସମ୍ପତ୍ତିରେ ଅଧିକାରୀ ଜାହିର କରିବା ପାଇଁ ମାମଲା କରିବା ବୟସ୍କଙ୍କ ପ୍ରତି ଏକ ଅତ୍ୟାଚାର। ଚଳିତ ମାସରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଏହି ଐତିହାସିକ ରାୟ ଦେଇଛନ୍ତି। ସେହିପରି ପିତାମାତାଙ୍କର ଭରଣପୋଷଣରେ ଅବହେଳା କରୁଥିବା ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ ମାମଲାର ସଂଖ୍ୟା ଭାରତରେ ଏବେ ବୃଦ୍ଧି ପାଉଛି। ଉଭୟ ଭରଣପୋଷଣ ଏବଂ ତେଜ୍ୟ ପାଇଁ ହେଉଥିବା ଆବେଦନ କେବଳ ପିଲାମାନଙ୍କର ବ୍ୟକ୍ତିଗତ ଅବହେଳାର ପ୍ରତିଫଳନ ନୁହେଁ, ବରଂ ଏକ ସାମାଜିକ ପରିବର୍ତ୍ତନର ଆଭାସ। ବୟୋବୃଦ୍ଧ ପିତାମାତାଙ୍କ ସେବା ପିଲାମାନଙ୍କ ପାଇଁ ଏକଦା ନୈତିକ କର୍ତ୍ତବ୍ୟ ଥିଲା; କିନ୍ତୁ ତାହା ଏବେ ଆଇନଗତ ବାଧ୍ୟବାଧକତା ପାଲଟିଛି।

ରାଷ୍ଟ୍ରୀୟସ୍ତରର ଅନେକ ସମୀକ୍ଷା ଓ ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟାରେ ତିନୋଟି ପରିବର୍ତ୍ତନ ଦେଖାଯାଉଛି। ପ୍ରଥମ ଦୁଇଟି ହେଉଛି, ବୟୋବୃଦ୍ଧଙ୍କ ସଂଖ୍ୟା ଏବଂ ଯୁବବର୍ଗଙ୍କ ଭୌଗୋଳିକ ଗତିଶୀଳତା ବଢୁଛି। ଶେଷଟି ହେଉଛି ପିଲାମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭର କରୁଥିବା ବୟସ୍କଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। 'ଇଣ୍ଡିଆ ଏଜିଂ ରିପୋର୍ଟ' ଏହାକୁ ନେଇ ଏକ ଆହ୍ୱାନ କଥା ଉଲ୍ଲେଖ କରିଛି। ତାହା ହେଉଛି, ନୂତନ ଜୀବନଶୈଳୀ ଏବଂ ସମ୍ବଳର ଅଭାବ ଯୋଗୁଁ ଆଧୁନିକ ପରିବାରଗୁଡ଼ିକ ନିଜ ଭାବପ୍ରବଣ ଦାୟିତ୍ୱ ମୁଖ୍ୟତଃ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ, ଚିକିତ୍ସା ଓ ସେବାକୁ ନେଇ ଚାପରେ ଅଛନ୍ତି। ବୟସ୍କଙ୍କ ସେବା ଏକ ବୋଝ, ଏକ ଆଇନଗତ ଭୟ ଓ ଦାୟିତ୍ୱର ଚାପ ଭଳି ଧାରଣା ଏବେ ବିଶ୍ୱବ୍ୟାପୀ ବ୍ୟାପକ ହେବାରେ ଲାଗିଛି।

ପାରମ୍ପରିକ ଭାରତୀୟ ସମାଜରେ ପିତାମାତାଙ୍କ ଯତ୍ନ, ସେବା, ଶ୍ରଦ୍ଧା ଓ ସମ୍ମାନ ହେଉଛି ମୂଲ୍ୟବୋଧ ସନ୍ନିହିତ। କିନ୍ତୁ ଦ୍ରୁତ ସହରୀକରଣ, ପ୍ରବାସ ଏବଂ ଅଣୁ ପରିବାରର ଉତ୍ଥାନ ଇତ୍ୟାଦି ଆମ ନୈତିକ କର୍ତ୍ତବ୍ୟଗୁଡ଼ିକୁ ଏକପ୍ରକାରର ଅସ୍ପଷ୍ଟ ଦାୟିତ୍ୱରେ ପରିଣତ କରିଛି। ସମ୍ଭବତଃ, ସେଥିପାଇଁ ବୟୋବୃଦ୍ଧମାନେ ନିର୍ଯାତନା, ହିଂସା, ଅବହେଳାର ଶିକାର ହେଉଛନ୍ତି। ସମାଜଶାସ୍ତ୍ରରେ ଏହାକୁ 'ନୈତିକ ନିରନ୍ତରତାର ସଙ୍କଟ' ବୋଲି କୁହାଯାଏ। ସରଳରେ କହିଲେ, ବ୍ୟକ୍ତିଗତ କିମ୍ବା ସାମାଜିକ ନୈତିକ ଢାଞ୍ଚାର ଅଧୋପତନ ଏବଂ ଠିକ୍ କିମ୍ବା ଭୁଲକୁ ନେଇ ଆମ ଭିତରେ ବ୍ୟାପକ ଅନିଶ୍ଚିତତାର ଏହା ହେଉଛି ଏକ ପରିସ୍ଥିତି। କ୍ରମାଗତ ଭାବେ ଏହା ଯୋଗୁଁ ପରିବାର ଏକ ଆବେଗପୂର୍ଣ୍ଣ ଅନୁଷ୍ଠାନରୁ ପାରସ୍ପରିକ ଲାଭ ଚାଳିତ ପ୍ରତିଷ୍ଠାନ ଏବଂ ଆଇନଗତ ଚୁକ୍ତିରେ ପରିବର୍ତ୍ତନ ହୋଇସାରିଛି। ଅନେକ ପିଲାଙ୍କ ପାଇଁ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଆଉ ଏକ ଆନ୍ତରିକ ଆଚରଣ ନୁହେଁ। ସମାଜବିଜ୍ଞାନୀ ୱେବରଙ୍କ ତତ୍ତ୍ୱ ଅନୁସାରେ ଆମର ସାମାଜିକ ଜୀବନ ଏକ ପ୍ରକ୍ରିୟାରେ ପାରମ୍ପରିକ ଢାଞ୍ଚାରୁ ଆଇନଗତ-ଯୌକ୍ତିକ କର୍ତ୍ତୃପକ୍ଷକୁ ଆଡ଼କୁ ଗତି କରେ। ଉଦାହରଣ ସ୍ୱରୂପ, ସନ୍ତାନର ଧର୍ମ, କର୍ତ୍ତବ୍ୟ ଏବଂ ନୈତିକ କ୍ରମକୁ ଅମଲାତାନ୍ତ୍ରିକ ପ୍ରକ୍ରିୟା, ଯେପରିକି ଆଧିକାରିକ ସୂଚନା, ଟ୍ରିବ୍ୟୁନାଲ୍ ଶୁଣାଣି, ବହିଷ୍କାର ଆଦେଶ ଦ୍ୱାରା ଆକାର ଦିଆଯାଉଛି। ତେଣୁ ଅବହେଳିତ ପିତାମାତାମାନେ ଆଉ ସ୍ନେହ ବନ୍ଧନ ଆଶା କରୁନାହାନ୍ତି। ପ୍ରତିବାଦରେ ଦୁଃଖ ଓ ନିର୍ଯାତନାର ଆଇନଗତ ସ୍ୱୀକୃତି ପାଇଁ ସେମାନେ ଅଦାଲତର ଆଶ୍ରୟ ନେଉଛନ୍ତି।

ବୃଦ୍ଧ ପିତାମାତାଙ୍କୁ ନିଃସହାୟ ନ କରିବା ପାଇଁ 'ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ'- ୨୦୦୭ ପ୍ରଣୟନ କରାଯାଇଥିଲା। ବୃଦ୍ଧ ପିତାମାତାଙ୍କ ମୌଳିକ ଆବଶ୍ୟକତା, ଆଶ୍ରୟ ଓ ମାସିକ ଭତ୍ତା ପ୍ରଦାନ କରିବାକୁ ଏହା ପିଲାମାନଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ଆଦେଶ କରିଥାଏ। ଏଥିରେ ନିୟମ ଅଛି ଯେ ଯଦି ଅବହେଳିତ ହୁଅନ୍ତି ତେବେ ପିତାମାତାମାନେ ଏକ ଭରଣପୋଷଣ ଟ୍ରିବ୍ୟୁନାଲରେ ଏହା ବିରୁଦ୍ଧରେ ଆବେଦନ ଦାଖଲ କରିପାରିବେ। ଟ୍ରିବ୍ୟୁନାଲ ମାସିକ ଭରଣପୋଷଣ ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ପିଲାମାନଙ୍କୁ ପିତାମାତାଙ୍କ ସମ୍ପତ୍ତିର ଅଧିକାରରୁ ବାଦ୍ ଦେଇପାରିବେ।

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ବୟସ୍କମାନେ ନିଜ ଭରଣପୋଷଣ ପାଇଁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଛନ୍ତି। ପିତାମାତାଙ୍କୁ ପିଲାମାନେ ଭାଗରେ ରଖିବାକୁ କିଛି ଆଧାର ଅଛି। ଯଥା ପିଲାମାନଙ୍କ ରହୁଥିବା ସ୍ଥାନ, ଚାକିରି ଓ ଆର୍ଥିକ କ୍ଷମତା ଇତ୍ୟାଦି। ଏକ ଘରୋଇ ଗବେଷଣାର ତଥ୍ୟ ଅନୁଯାୟୀ ବୟସ୍କଙ୍କ ଦ୍ୱାରା ନ୍ୟାୟାଳୟରେ ଆବେଦନର ସଂଖ୍ୟା ବଢ଼ିବାର ଦୁଇଟି କାରଣ ଅଛି। ପ୍ରଥମଟି, କେଉଁ ପିଲା ସେମାନଙ୍କୁ କେତେଦିନ ଭାଗରେ ରଖିବେ ଏବଂ ଦ୍ୱିତୀୟ, ପିଲାମାନଙ୍କ ମଧ୍ୟରେ ଜରୁରିକାଳୀନ ଖର୍ଚ୍ଚ ବହନର ଦ୍ୱନ୍ଦ୍ୱ। ଦିଲ୍ଲୀ ବରିଷ୍ଠ ନାଗରିକ ଟ୍ରିବ୍ୟୁନାଲ୍‌ର ଏକ ଆବେଦନର ଉଦାହରଣ ଏଠାରେ ନେବା। ୮୨ ବର୍ଷୀୟ ଦମ୍ପତି ତାଙ୍କ ପୁଅ ଓ ବୋହୂଙ୍କୁ ସମ୍ପତ୍ତିରୁ ବାସନ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଯୁକ୍ତି ଥିଲା ଯେ ପୁଅ-ବୋହୂ ରକ୍ଷଣାବେକ୍ଷଣ ଓ ଭରଣପୋଷଣ କରୁନାହାନ୍ତି, ବରଂ ସମ୍ପତ୍ତି ଉପଭୋଗ ଓ ଦଖଲ କରି ରଖିଛନ୍ତି। ଦିଲ୍ଲୀ ଟ୍ରିବ୍ୟୁନାଲ୍ ଏମ୍‌ଡବ୍ଲୁପିଏସ୍‌ସି ଆଇନ ଅନୁଯାୟୀ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ପୁଅର ଯୁକ୍ତି ଥିଲା ଯେ ତାଙ୍କ ଭାଇ ମଧ୍ୟ ସମାନ ଦାୟିତ୍ୱ ବାଣ୍ଟିବା ଉଚିତ। ବିଡ଼ମ୍ବନା ଯେ ଦୁଇ ଭାଇ ମିଳିତ ଯତ୍ନ ଗ୍ରହଣ କରିବାକୁ ମନା କରିଥିଲେ। ସୂଚାଇ ଦେବାକୁ ଚାହେଁ ଯେ ପିଲାମାନଙ୍କ ଏହି ନିଷ୍ପତ୍ତିରେ ଟ୍ରିବ୍ୟୁନାଲ୍ ବିଶେଷ କିଛି ସାହାଯ୍ୟ କରିପାରିବେ ନାହିଁ।

ଟ୍ରିବ୍ୟୁନାଲ୍ ଦେଉଥିବା ରାୟ ମଧ୍ୟ ସମାନ ପ୍ରକାରର ନୁହେଁ। ବୟସ୍କଙ୍କ ଭରଣପୋଷଣ ଆଇନର ନ୍ୟାୟିକ ବ୍ୟାଖ୍ୟା ବିବାଦୀୟ ବୋଲି ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନ ପ୍ରକାଶ କରିଛି। ଏହା ଅନୁଯାୟୀ ପିତାମାତାଙ୍କ ସମ୍ପତ୍ତିରୁ ପିଲାଙ୍କୁ ବେଦଖଲ କରିବାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ କ୍ଷମତାକୁ କିଛି ଖଣ୍ଡପୀଠ ସୀମିତ ରଖିଛନ୍ତି। କେଉଁଠି ବେଦଖଲ ମଧ୍ୟ କରିଛନ୍ତି। ଅନ୍ୟ କିଛି ପରିସ୍ଥିତିରେ ଟ୍ରିବ୍ୟୁନାଲ୍ ବେଦଖଲ ନିର୍ଦ୍ଦେଶ ଜାରି କରିଛନ୍ତି କିନ୍ତୁ ଅପବ୍ୟବହାର କିମ୍ବା ଦଖଲ ପ୍ରମାଣିତ ହୋଇନାହିଁ। ତେଣୁ ଏହା ଦର୍ଶାଉଛି ଯେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆଇନକୁ ଉଭୟ ଢାଲ ଭାବରେ ଏବଂ ପରିବାର ମଧ୍ୟରେ ଦ୍ୱନ୍ଦ୍ୱର ଏକ ବିବାଦୀୟ ଉପକରଣ ଭାବରେ ବ୍ୟବହାର କରାଯିବାର ସମ୍ଭବନା ଅଛି। କିଛିଦିନ ତଳେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଛନ୍ତି ଯେ ଭରଣପୋଷଣ ଟ୍ରିବ୍ୟୁନାଲ୍, ଆପିଲେଟ୍ ଟ୍ରିବ୍ୟୁନାଲ୍ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁଯାୟୀ ଆବେଦନ ଉପରେ କୌଣସି ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବାହାର କରିବା ପାଇଁ କୌଣସି ବହିଷ୍କାର ଆଦେଶ ପ୍ରଦାନ କରିବାର କ୍ଷମତା ନାହିଁ। ସେହିପରି ଚଳିତ ବର୍ଷର ଏକ ମିଡିଆ ରିପୋର୍ଟ କୁହେ ଯେ ବୃଦ୍ଧ ପିତାମାତା ଉପହାର କିମ୍ବା ଉତ୍ତରାଧିକାର ପ୍ରତିଶ୍ରୁତି ମାଧ୍ୟମରେ ସମ୍ପତ୍ତି ହସ୍ତାନ୍ତର ପରେ ମଧ୍ୟ ସେମାନେ ଅବହେଳାର ଶିକାର ହେଉଛନ୍ତି। ତେଣୁ ମାସିକ ଅନେକ ଆବେଦନ ଆସୁଛି। ବିହାର, ଛତିଶଗଡ଼ର ଟ୍ରିବ୍ୟୁନାଲ୍ ଏବଂ କିଛି ପ୍ରଶାସନିକ ନିର୍ଦ୍ଦେଶ ଦ୍ୱାରା ବହୁତ ସମ୍ପତ୍ତି ସ୍ଥାନାନ୍ତରକୁ ବାତିଲ କରାଯାଇଛି।

ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଆଇନ କିମ୍ବା ସ୍ୱେଚ୍ଛାକୃତ ସମ୍ପତ୍ତି ସ୍ଥାନାନ୍ତର ବୟସ୍କମାନଙ୍କୁ ଆଶ୍ୱସ୍ତି ଦେଇପାରିବ ନାହିଁ। ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ଆଇନ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ବୋଲି ଅନେକ ଯୁକ୍ତି ବାଢୁଛନ୍ତି। ପ୍ରଥମ କାରଣ ହେଉଛି ଏହା କଲ୍ୟାଣ ଉପରେ ନୁହେଁ, ଭରଣପୋଷଣ ଉପରେ ଧ୍ୟାନ ଦେଉଛି। ଚିକିତ୍ସା ଖର୍ଚ୍ଚ, ଔଷଧ, ସହାୟକ ଉପକରଣ, ପରିବହନ ଓ ବର୍ଦ୍ଧିତ ସହରାଞ୍ଚଳ ଜୀବନଯାପନ ଖର୍ଚ୍ଚ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ। ଦ୍ୱିତୀୟଟି ହେଉଛି ଆଦେଶ କାର୍ଯ୍ୟକାରିତା କରିବାରେ ସମସ୍ୟା। ଯଦି ପିଲାମାନେ ଦେୟ ଦେବାକୁ ମନା କରନ୍ତି, ତେବେ ଟ୍ରିବ୍ୟୁନାଲ୍‌ର ଅନୁପାଳନକୁ ବଳବତ୍ତର କରିବା ପାଇଁ ସେମିତି କିଛି ଶକ୍ତ ଉପାୟ ନାହିଁ। ଅବଶ୍ୟ ଏକମାତ୍ର ଯତ୍ନ ନେଉଥିବା ପିଲା ବା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଉପରେ ଚାପ ହ୍ରାସ କରିବା ପାଇଁ ରାଷ୍ଟ୍ର ଦ୍ୱାରା ପେନସନ, ସମ୍ପ୍ରଦାୟ-ଭିତ୍ତିକ ବୃଦ୍ଧାଶ୍ରମ ଏବଂ ସୁଲଭ ବାର୍ଦ୍ଧକ୍ୟ ସେବାକୁ ବିସ୍ତାର କରାଯାଉଛି।

ପିଲାମାନଙ୍କ ଦ୍ୱାରା ଅବହେଳିତ କିମ୍ବା କୌଣସି ଭରଣପୋଷଣ ପାଉ ନଥିବା ବୃଦ୍ଧମାନଙ୍କ ଉପରେ ଆର୍ଥିକ ଚାପ ପର୍ଯ୍ୟବସିତ ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି ଯେ ବୟୋବୃଦ୍ଧମାନେ ଆର୍ଥିକ ସାହାଯ୍ୟ ବିନା ଆଶ୍ରୟ, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଖର୍ଚ୍ଚ ଭଳି ମୌଳିକ ଆବଶ୍ୟକତା ଠାରୁ ଖୁବ ଦୂରରେ। ଯାହା ଫଳରେ ତୀବ୍ର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟର ଅବନତି ଘଟୁଛି। ପୁରୁଷଙ୍କ ଅପେକ୍ଷା ଭାରତୀୟ ବୃଦ୍ଧା ମହିଳା, ମୁଖ୍ୟତଃ ବୃଦ୍ଧା ବିଧବା ମହିଳାମାନେ ଆର୍ଥିକ ଚାପ ଓ କମ୍ ଆର୍ଥିକ ସୁରକ୍ଷା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ରାଷ୍ଟ୍ର କିମ୍ବା ଆଇନ ଦ୍ୱାରା ଶ୍ରଦ୍ଧା, ସେବା ଓ ସମ୍ମାନ ଥିବା ସମ୍ପର୍କକୁ ପୁନଃ ସୃଷ୍ଟି କରିବା ଅସମ୍ଭବ। ତେଣୁ ଏକ ସ୍ଥାୟୀ ଆଇନଗତ ସୁରକ୍ଷା ଓ ସୁସ୍ଥ ସାମାଜିକ ନୀତି ସହିତ ଆନ୍ତଃପିଢ଼ିଗତ ଦାୟିତ୍ୱକୁ ପୁନଃପରିଭାଷିତ କରିବାର ଆବଶ୍ୟକତା ଅଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିଜ୍ଞାନ ଅଧ୍ୟୟନ ଓ ବୈଜ୍ଞାନିକ ମନୋଭାବ

ପ୍ରଶାନ୍ତ ମିଶ୍ର

ମଣିଷ ଚିରକାଳ ଏକ ଜିଜ୍ଞାସୁ, କୌତୂହଳୀ ଓ ଅନୁସନ୍ଧିତ୍ସୁ ସତ୍ତା। ଅନ୍ଧ ଭାବେ ସେ କୌଣସି କଥାକୁ ମାନି ନିଏ ନାହିଁ। ପ୍ରଶ୍ନ କରେ, ତର୍କ ରଖେ, ପ୍ରମାଣ ଲୋଡ଼େ ଓ ଯଥାର୍ଥତା ଉପରେ ଗୁରୁତ୍ୱ ଦିଏ। ମହାଜନମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ପନ୍ଥାରେ ନିରପେକ୍ଷତାର ଉପାଦାନ ଖୋଜେ। ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ 'ଯୁକ୍ତିପ୍ରିୟ ଭାରତୀୟ' ଅନୁଯାୟୀ ବୈଜ୍ଞାନିକ ମନୋଭାବ (ସାଇଣ୍ଟିଫିକ୍ ଟେମ୍ପର) ଆମ ଆଦର୍ଶବାଦର ଏକ ଅବିଚ୍ଛେଦ୍ୟ ଅଂଶ। ଉପନିଷଦ ରଚନା କାଳରୁ ଏହା ଭାରତରେ ରହି ଆସିଛି। ବୌଦ୍ଧ ସୂତ୍ରସାହିତ୍ୟରୁ ବି ଜଣାପଡ଼େ ଯେ ବୁଦ୍ଧ କୌଣସି କଥାକୁ ଅନ୍ଧ ଭାବେ ମାନିନେବା ସପକ୍ଷରେ ନଥିଲେ। କେବଳ ଗୁରୁଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୁରୁ ଯାହା କହିଛନ୍ତି, ତାହା ସତ୍ୟ ଓ ଅକାଟ୍ୟ ବୋଲି ବିଶ୍ୱାସ କରିଯିବା ତାଙ୍କ ପାଇଁ ଗ୍ରହଣୀୟ ନଥିଲା।

ପାଶ୍ଚାତ୍ୟରେ ଊନବିଂଶ ଶତାବ୍ଦୀର ପ୍ରାୟ ମଧ୍ୟଭାଗରୁ 'ବୈଜ୍ଞାନିକ ମନୋଭାବ' ବାକ୍ୟାଂଶଟିର ବ୍ୟବହାର ବଢ଼ିଥିବା ଜଣାପଡ଼େ। ଏକଦା ଜଣେ ଖ୍ରୀଷ୍ଟୀୟ କ୍ୟାଥୋଲିକ୍ ବିଦ୍ୱାନ ଥୋମାସ୍ ଏ ହଗ୍ସ ଏହାର ବିଶ୍ଳେଷଣ କରି କହିଥିଲେ - ବୈଜ୍ଞାନିକ ମନୋଭାବ ଏକ ତ୍ରୁଟି-ବିରୋଧୀ ଯତ୍ନଶୀଳତା ଓ ଅନମନୀୟ ସଠିକତା। ବର୍ଟ୍ରାଣ୍ଡ ରସେଲ୍ 'ଫ୍ରି ଥଟ୍ ଆଣ୍ଡ ଅଫିସିଆଲ୍ ପ୍ରୋପାଗଣ୍ଡା' ଶୀର୍ଷକ 'କନୱେ ମେମୋରିଆଲ୍ ଲେକ୍‌ଚର' ଅବସରରେ ଆଇନଷ୍ଟାଇନଙ୍କ 'ଥିଓରି ଅଫ୍ ରିଲେଟିଭିଟି' ବିଶ୍ୱସ୍ତରରେ ଗୃହୀତ ହେବା ବୈଜ୍ଞାନିକ ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ମତ ଦେଇଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବୈଜ୍ଞାନିକ ମନୋଭାବ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା। ତାଙ୍କ 'ଭାରତ ଆବିଷ୍କାର' (ଡିସ୍କଭରି ଅଫ୍ ଇଣ୍ଡିଆ) ଜରିଆରେ ସେ ବୈଜ୍ଞାନିକ ମନୋଭାବକୁ ଜନପ୍ରିୟ କରାଇବା ପାଇଁ ଉଦ୍ୟମ କରିଥିଲେ।

ଧର୍ମ ସ୍ୱତଃପ୍ରବୃତ୍ତ ଆବେଗ, ଉତ୍କଣ୍ଠା ଓ ସ୍ୱତଃସ୍ଫୂର୍ତ୍ତ ଅବବୋଧ ଉପରେ ଆସ୍ଥା ରଖେ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ର ସକାଶେ ଏହାର ବ୍ୟବହାରଯୋଗ୍ୟତା ରହିଛି ବୋଲି ନିଶ୍ଚିତ ଥାଏ। ଏପରିକି ବୌଦ୍ଧିକ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ପାଇଁ ଯେଉଁ କ୍ଷେତ୍ରଗୁଡ଼ିକ ଅନୁକୂଳ, ସେହି କ୍ଷେତ୍ରଗୁଡ଼ିକୁ ବି ବାଦ ଦେବାକୁ ଚାହେଁନାହିଁ। ମନ ମସ୍ତିଷ୍କର ବାତାୟନକୁ ବନ୍ଦ ରଖି ଅନ୍ଧତ୍ୱ, ଅସହନଶୀଳତା, ଅସଙ୍ଗତି ଓ ଅଯୌକ୍ତିକତା ପ୍ରଭୃତିକୁ ଉତ୍ସାହିତ କରେ। ତେଣୁ କୁହାଯାଇପାରେ ଧର୍ମ ନିର୍ଭରଶୀଳ ଓ ଅମୁକ୍ତ ମଣିଷର ବିଶ୍ୱାସପ୍ରବଣତା-ଆଧାରିତ ଏକ ମନୋଭାବ। ଅନ୍ୟପକ୍ଷରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ କ୍ଷୁଧା, ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟକର ପରିବେଶ ଓ ନିରକ୍ଷରତା, ଅନ୍ଧବିଶ୍ୱାସ ଓ ନିଶ୍ଚେତକ ପ୍ରଥା ପରମ୍ପରା ଏବଂ ଅଯଥାର୍ଥ ସମ୍ବଳକ୍ଷୟ ଜନିତ ସମସ୍ୟାସବୁର ସମାଧାନ ପାଇଁ ସାମର୍ଥ୍ୟ ରଖେ। ଆମ ସମ୍ବିଧାନ ଅନୁଯାୟୀ ବି ବୈଜ୍ଞାନିକ ମନୋଭାବ, ମାନବତାବାଦ ଓ ଅନୁସନ୍ଧିତ୍ସୁ ଚିତ୍ତବୃତ୍ତିର ବିକାଶ ଘଟାଇବା ନାଗରିକର ଅନ୍ୟତମ ମୌଳିକ କର୍ତ୍ତବ୍ୟ।

ତୃଣମୂଳ ସ୍ତରରେ ବୈଜ୍ଞାନିକ ମନୋଭାବକୁ ଆଦୃତ କରାଇବା ପାଇଁ ୧୯୫୨ -୫୩ ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ବଳିଷ୍ଠ ପଦକ୍ଷେପ ନିଆ ଯାଇଥିଲା। ତତ୍କାଳୀନ 'କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ'(ସିଏସ୍ଆଇଆର୍) ମୁଖ୍ୟ ତଥା 'ଫାଦର୍ ଅଫ୍ ରିସର୍ଚ୍ଚ ଲାବୋରଟାରିଜ୍' ନାମରେ ପରିଚିତ ଶାନ୍ତି ସ୍ୱରୂପ ଭଟ୍ଟନାଗର ଏହାର ନେତୃତ୍ୱ ନେବା ସହ ବିଜ୍ଞାନ, ଟେକ୍ନୋଲୋଜି ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହୋମି ଜାହାଙ୍ଗୀର ଭାବା, ବିକ୍ରମ ସରାଭାଇ ଓ ସମଶ୍ରେଣୀୟ ଅନ୍ୟ ବୈଜ୍ଞାନିକମାନଙ୍କର ବି ସ୍ୱାଧୀନତାପ୍ରାପ୍ତି ପରବର୍ତ୍ତୀ ଭାରତର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ରହିଥିଲା।

ଅନ୍ୟପକ୍ଷରେ ବୈଜ୍ଞାନିକ ମନୋଭାବର ବିକାଶକୁ ପ୍ରତିହତ କରିବା ପାଇଁ ସେତେବେଳେ ଉଦ୍ୟମ ଚାଲିଥିଲା ଏବଂ ଏବେ ବି ଉଦ୍ୟମ ଜାରି ରହିଛି। ନିଜକୁ ସ୍ୱାମୀ, ବାବା, ମାତା, ଗୁରୁ, ତାନ୍ତ୍ରିକ, ଫକୀର ପ୍ରଭୃତି ରୂପେ ପରିଚିତ କରାଇ ବହୁ ଭଣ୍ଡ ଏ ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ବିଜ୍ଞାପନ ଜରିଆରେ ଲୋକଙ୍କୁ ଆକର୍ଷିତ କରି ବିଭିନ୍ନ ବ୍ୟକ୍ତିଗତ ସମସ୍ୟାର ସମାଧାନ ଓ ବ୍ୟାଧି ନିବାରଣ ପାଇଁ କର୍ମକାଣ୍ଡୀୟ ଉପଦେଶ ଦେଉଛନ୍ତି ଓ ଉତ୍ପାଦ ବିକ୍ରି କରୁଛନ୍ତି। ସେମାନଙ୍କ ଜାଲରେ ଧରା ଦେବାକୁ ଦୌଡୁଛନ୍ତି ତଥାକଥିତ ଶିକ୍ଷିତ ଓ ପ୍ରଭାବଶାଳୀ ଲୋକ। ରାଜନୈତିକ ପୃଷ୍ଠପୋଷକତା ବି ସେମାନଙ୍କୁ ମିଳୁଛି।

ବିଜ୍ଞାନ ଅଧ୍ୟୟନ ସହିତ ବୈଜ୍ଞାନିକ ମନୋଭାବର ବିଶେଷ ସମ୍ପର୍କ ନାହିଁ। ଯଦି ଥା'ନ୍ତା, ତେବେ ବୈଜ୍ଞାନିକ ମହାକାଶକୁ ଯାନ ପଠାଇବା ପୂର୍ବରୁ ସଫଳତା ପାଇବା ଆଶାରେ ଉପାସନା ସ୍ଥଳକୁ ଯାଇ ପୂଜାର୍ଚ୍ଚନା କରନ୍ତେ ନାହିଁ କି ଧର୍ମଗୁରୁମାନଙ୍କ ଆଶୀର୍ବାଦ ଲୋଡ଼ନ୍ତେ ନାହିଁ। ବୈଜ୍ଞାନିକ ମନୋଭାବର ଅଗ୍ରଗାମୀତ୍ୱକୁ ବଜାୟ ରଖିବା ପାଇଁ ତେଣୁ ବିଜ୍ଞାନ ପଢ଼ିବା ଅପେକ୍ଷା ଅଧିକ ଜରୁରୀ, ହେଲା ନିଷ୍କପଟ ସନ୍ଦେହ ପୋଷଣ, ପକ୍ଷପାତିତା ଓ ଘୃଣା ବିଦ୍ୱେଷରୁ ମୁକ୍ତି, ବାସ୍ତବତା ଉପରେ ଗୁରୁତ୍ୱ ଆରୋପ, ଅପ୍ରମାଣ-ଆଧାରିତ ନିଷ୍ପତ୍ତି ବା ସିଦ୍ଧାନ୍ତକୁ ନାକଚ କରିବାର ସାମର୍ଥ୍ୟ। ●

କାଶୀନଗର(ଗଜପତି), ମୋ: ୭୮୭୩୫୭୩୫୬୯

# ଶକୁନି ମନ୍ଦିର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ମହାଭାରତର ମୁଖ୍ୟ ଖଳନାୟକ ଶକୁନିଙ୍କ ଚତୁରତା ଓ ଚକ୍ରାନ୍ତ ଅତୁଳନୀୟ। ଆଜି ମଧ୍ୟ କୌଣସି କୁବୁଦ୍ଧି ବା କୁଚକ୍ରାନ୍ତକାରୀଙ୍କୁ ଶକୁନିଙ୍କ ସହ ତୁଳନା ଓ ଭର୍ତ୍ସନା କରାଯାଏ। ଶକୁନି ଖଳ ଓ ଦୁରାଚାରୀ ଚରିତ୍ରଯୁକ୍ତ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତରେ ତାଙ୍କର ଏକ ମନ୍ଦିର ଅଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କେତେକ ପୌରାଣିକ କଥାବସ୍ତୁକୁ ଆଧାର କରି ଶକୁନିଙ୍କୁ ଦେବତୁଲ୍ୟ ବିଚାର କରାଯାଇଛି। ଯଥା - ଅଧର୍ମର ବିନାଶ ଓ ଧର୍ମର ସଂସ୍ଥାପନ ପାଇଁ ଦେବତାଙ୍କ କ୍ରୋଧରୁ ସୃଷ୍ଟି ଶକୁନି ଦ୍ୱାପର ଯୁଗରେ ଧରାପୃଷ୍ଠରେ ଜନ୍ମ ନେଇଥିଲେ। କାଳକ୍ରମେ ସେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ବିଭାଜନ କରାଇ ଯୁଦ୍ଧର ତାଣ୍ଡବ ରଚନା କଲେ। ମହାଭାରତ ଯୁଦ୍ଧ ଦ୍ୱାରା ଅଧର୍ମର ବିନାଶ ଓ ଧର୍ମର ଜୟଗାନ ହେଲା।

କେରଳର କୋଲ୍ଲମ ଜିଲ୍ଲାରେ ଶକୁନିଙ୍କୁ ସମର୍ପିତ ଏହି ମନ୍ଦିରକୁ 'ମଲନାଡ ମନ୍ଦିର' କୁହାଯାଉଛି। ଏହି ମନ୍ଦିର 'ମାୟମକୋଟ୍ଟୁ ମଳଂଚାରୁବୁ ମଲନାଡ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା। ଯେଉଁଠାରେ ଶକୁନି ମହାଦେବଙ୍କୁ ତପସ୍ୟା କରି ପ୍ରସନ୍ନ କରିଥିଲେ ସେଠାରେ ଏହି ମନ୍ଦିର ନିର୍ମାଣ କରାଯାଇଛି। ସ୍ଥାନୀୟ ଜନଶ୍ରୁତି ଅନୁସାରେ ଏଠାରେ ମହାଦେବ ଶକୁନିଙ୍କୁ ସାକ୍ଷାତ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥିଲେ। ଯେଉଁ ଶିଳା ଉପରେ ଶକୁନି ତପସ୍ୟାରତ ଥିଲେ, ତାହା ଆଜି ମଧ୍ୟ ବିଦ୍ୟମାନ ଅଛି, ଯାହା 'ପବିତ୍ରେଶ୍ୱରମ୍' ଭାବେ ପରିଚିତ। ତେଣୁ ଏହି ମନ୍ଦିର ଶକୁନିଙ୍କର ପଶ୍ଚାତାପ ଏବଂ ମହାଦେବଙ୍କ ଆଶୀର୍ବାଦର ପ୍ରତୀକ ଭାବେ ରହିଛି। ଭକ୍ତମାନଙ୍କର ଅତୁଟ ବିଶ୍ୱାସ ରହିଆସିଛି ଯେ, ଏହି ମନ୍ଦିରରେ ବିଧିବିଧାନର ସହ ଶକୁନିଙ୍କ ପୂଜା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ମନ୍ଦିରକୁ ଗୋଟିଏ ତନ୍ତ୍ରପୀଠ ଭାବରେ ମଧ୍ୟ ଖ୍ୟାତି ମିଳିଛି। ଗୁପ୍ତ ସିଦ୍ଧି ପ୍ରାପ୍ତ କରିବା ପାଇଁ ଏଠାରେ ତାନ୍ତ୍ରିକମାନଙ୍କର ଭିଡ଼ ଅନେକ ସମୟରେ ଦେଖିବାକୁ ମିଳେ। ଏଠାରେ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ମଧ୍ୟ ପୂଜା କରାଯାଉଛି। ପ୍ରତିବର୍ଷ ଏଠାରେ 'ମଲକୁଡ୍ଡା ମହୋଲସବମ୍' ନାମକ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ପାରମ୍ପରିକ ରୀତିନୀତି ଅନୁସାରେ ଶକୁନିଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ପୂଜାରେ ଯୋଗ ଦେଇଥା'ନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଭାରତର ଅନେକ ସ୍ଥାନରୁ ମଧ୍ୟ ଭକ୍ତମାନେ ଏହି ଭବ୍ୟ ଉତ୍ସବରେ ଯୋଗ ଦେଇ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥା'ନ୍ତି।

କେବଳ କେରଳରେ ଶକୁନି ମନ୍ଦିର କାହିଁକି ପ୍ରତିଷ୍ଠା ହେଲା, ସେ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। କଥା ଅନୁସାରେ, ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ, ଅଗଣିତ ସୈନିକଙ୍କର ରକ୍ତରଞ୍ଜିତ ମୃତ ଶରୀର, ରାଜ୍ୟଗୁଡ଼ିକର ବିଭାଜନ, ହାହାକାର ଓ ଶିଶୁଙ୍କ ଆର୍ତ୍ତନାଦ ଦେଖିବା ପରେ ଶକୁନି ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲେ। ନିଜକୁ ବହୁବାର ଧିକ୍କାର କରିବା ପରେ ସେ ପଶ୍ଚାତାପ ମନସ୍କ ହୋଇ ବାନପ୍ରସ୍ଥରେ ବାହାରିଲେ। ତପସ୍ୟା କରିବା ପାଇଁ ଶାନ୍ତିର ସନ୍ଧାନରେ ସେ ଆସି ପହଞ୍ଚିଲେ କେରଳର କୋଲ୍ଲମଠାରେ। ଏଠାରେ ସେ ମହାଦେବଙ୍କୁ ତପସ୍ୟା କରି ପ୍ରାୟଶ୍ଚିତ କରିବା ପାଇଁ ସ୍ଥିର କଲେ ଏବଂ ଶତାଧିକ ବର୍ଷ ତପସ୍ୟା କରିବା ପରେ ମହାଦେବ ସ୍ୱୟଂ ଶକୁନିଙ୍କୁ ଦର୍ଶନ ଦେଇ ତାଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହ ତାଙ୍କୁ ମୁକ୍ତି ପ୍ରଦାନ କଲେ। ତେଣୁ ସମୟକ୍ରମେ ଏହି ସ୍ଥାନରେ ଶକୁନିଙ୍କ ମନ୍ଦିର ନିର୍ମାଣ ହେଲା ଏବଂ ଉକ୍ତ ତପସ୍ୟା ଶିଳା ମହାଦେବଙ୍କ ଆଶିଷପ୍ରାପ୍ତ ହୋଇ 'ପବିତ୍ରେଶ୍ୱରମ୍' ନାମରେ ଖ୍ୟାତ ହେଲା।

କୋଲ୍ଲମଠାରେ କେବଳ ଶକୁନିଙ୍କ ମନ୍ଦିର ସହିତ ଦୁର୍ଯ୍ୟୋଧନ ଓ କୌରବ ୧୦୦ ଭାଇ ଓ ଭଗ୍ନୀ ଦୁଶାଳାଙ୍କ ମନ୍ଦିର ମଧ୍ୟ ୫୦ ମିଟର ବ୍ୟବଧାନ ଭିତରେ ରହିଛି। କେରଳର ରହୁଥିବା 'କୁରାଭାର' ନାମକ ପ୍ରାଚୀନ ସମୁଦାୟର ଲୋକମାନେ ନିଜକୁ କୌରବଙ୍କ ବଂଶଧର ବୋଲି କହିଥା'ନ୍ତି। ତେଣୁ ଏହି ସମୁଦାୟର ଲୋକମାନେ ଶକୁନି ମନ୍ଦିର, ଦୁର୍ଯ୍ୟୋଧନ ମନ୍ଦିର ଓ ଅନ୍ୟ କୌରବ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ମନ୍ଦିରଗୁଡ଼ିକରେ ବୈଦିକ ପୂଜାର୍ଚ୍ଚନା ପରିବର୍ତ୍ତେ ଲୋକଗୀତ, ଲୋକପ୍ରଥା, ଆଦିବାସୀ ପରମ୍ପରାର ଝଲକ ଅଧିକ ଦେଖିବାକୁ ମିଳେ। ତଥାପି ଶକୁନି ମନ୍ଦିରରେ ହେଉଥିବା ବାର୍ଷିକ ମେଳାରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ଅଂଶଗ୍ରହଣ କରିଥା'ନ୍ତି। ଶ୍ରଦ୍ଧାଳୁଙ୍କର ଅତୁଟ ବିଶ୍ୱାସ ଏହିସବୁ ମନ୍ଦିର ସହିତ ଜଡ଼ିତ ହୋଇ ରହିଛି ଏବଂ ଏହି ବିଶ୍ୱାସ ଯୋଗୁଁ ସେମାନଙ୍କ ମନୋସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୋଇଛି ବୋଲି ଶୁଣିବାକୁ ମିଳେ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଳମ୍ବ ହେଲେ...

ହେବ। ଏଭଳି କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟମଧ୍ୟରେ ନିଷ୍ପତ୍ତି ନେବା ନିମନ୍ତେ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। କୋର୍ଟ କହିଲେ ଯେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା ହେଉଛି ସମ୍ବିଧାନ-ବିରୋଧୀ। ତେବେ ବିନା କାରଣରେ ବିଲ୍ ଉପରେ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ହେଲେ କୋର୍ଟ ହସ୍ତକ୍ଷେପ କରିପାରିବେ। ସେହିଭଳି ଆଉ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୁପ୍ରିମ କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି/ରାଜ୍ୟପାଳ ଅନୁମୋଦନ ନଦେଲେ ବିଧାନସଭା ଦ୍ୱାରା ପାରିତ ବିଲ୍ ଅନୁମୋଦିତ ହେଲା ବୋଲି ଧରି ନିଆଯିବା ଭଳି ସମ୍ବିଧାନରେ ବ୍ୟବସ୍ଥା ନାହିଁ କି ସମ୍ବିଧାନ ଏଥିପାଇଁ ଅନୁମତି ମଧ୍ୟ ଦେଉନାହିଁ।

ସୂଚନାଯୋଗ୍ୟ ଗତ ଏପ୍ରିଲ ମାସରେ ସୁପ୍ରିମ କୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ତାମିଲନାଡୁ ସରକାର ମାମଲାରେ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ୬ ମାସର ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ପ୍ରଶ୍ନ ଉପରେ ଗତ ମେ ମାସରେ ରାଷ୍ଟ୍ରପତି ଶ୍ରମତୀ ମୁର୍ମୁ ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଥିଲେ। ତେବେ ମାମଲାର ଶୁଣାଣି ଚାଲିଥିବା ବେଳେ ସମ୍ବିଧାନ ବେଞ୍ଚ ସ୍ପଷ୍ଟ କରିଦେଇଥିଲେ ଯେ ଏହି ମାମଲାରେ କୋର୍ଟ କେବଳ ତାଙ୍କର ମତାମତ ଦେବେ । ଏପ୍ରିଲ ମାସରେ ସୁପ୍ରିମ କୋର୍ଟ ଦେଇଥିବା ରାୟ ଉପରେ ଏହାକୁ ପୁନର୍ବିଚାର ବୋଲି କୁହାଯାଇପାରିବ ନାହିଁ। ସେହି ରାୟକୁ ରଦ୍ଦ କରିବା ଲାଗି ବେଞ୍ଚ ମନା କରିଦେଇଥିଲେ। ଶୁଣାଣି ବେ ।ାଳେ ପ୍ରଧାନ ବିଚାରପତି ଆହୁରି ସ୍ପଷ୍ଟ କରିଦେଇଥିଲେ ଯେ ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହେଲେ ସୁପ୍ରିମ କୋର୍ଟ ଚୁପ ହୋଇ ବସିପାରି ।ାବେ ନାହିଁ।

### ହିତାଧିକାରୀଙ୍କୁ ରାସନ...

ବିଏମ୍‌ସି ଅଞ୍ଚଳ ପାଇଁ ୩୬ ହଜାର ହିତାଧକାରୀଙ୍କ ନାମରେ ଥିବା ରାସନ କାର୍ଡ କଟାଯିବା ଲକ୍ଷ୍ୟ ରଖାଯାଇଛି। ସେହିପରି ଆଠଗଡ଼ ବ୍ଲକ୍ ପାଇଁ ପ୍ରାୟ ୫ ହଜାରରୁ ଅଧିକ, ଭଦ୍ରକ ବ୍ଲକରେ ୨୭ ହଜାର ୯୭୦ ଟି କାର୍ଡ କଟାଯିବ । ସେହିପରି ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୪୨ ହଜାର, ନୟାଗଡ଼ ଜିଲ୍ଲାରୁ ୩୫ ହଜାର, ସମ୍ବଲପୁର ଜିଲ୍ଲାରୁ ୫୧ ହଜାର ହିତାଧିକାରୀଙ୍କ ନାମ ସନ୍ଦିଗ୍ଧ ସୂଚୀରେ ରହିଛି ଏବଂ ଏମାନଙ୍କ ରାସନ କାର୍ଡ ରଦ୍ଦ ହୋଇପାରେ ବୋଲି କୁହାଯାଉଛି। ଯଦିଓ ରାଜ୍ୟସ୍ତରରେ ଯୋଗାଣ ବିଭାଗଏ ସମ୍ପର୍କରେ ମୁହଁ ବନ୍ଦ ରଖିଛି, ତଥାପି ସାରା ରାଜ୍ୟରେ ରାସନ୍ କାର୍ଡ କଟିବାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନ୍ୟପକ୍ଷରେ ଯେଉଁମାନେ ଅନେକ ଦିନ ପର୍ଯ୍ୟନ୍ତ କାର୍ଡରେ ଚାଉଳ ନେଇ ନାହାନ୍ତି ସେମାନଙ୍କ ନାମ ମଧ୍ୟ ରାସନକାଡର୍ଡ ସୂଚୀରୁ ବାଦ ପଡ଼ିବ। ରାଜ୍ୟରେ ଜାରି ରହିଥିବା ଇ-କେୱାଇସି ପ୍ରକ୍ରିୟାରେ ପ୍ରାୟ ୧୫ ଲକ୍ଷ ହିତାଧିକାରୀ ଏଯାଏଁ କେୱାଇସି କରି ନାହାନ୍ତି। ଏମାନଙ୍କ ମଧ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନ ଥିବା ଅଭିଯୋଗ ହୋଇ ଆସୁଛି। ଏମିତି କି ଇ କେୱାଇସି ଯୋଗୁଁ ଯାଜପୁରରେ ଜଣେ ମାଙ୍କିଡିଆ ସମ୍ପ୍ରଦାୟର ଲୋକଙ୍କୁ ଚାଉଳ ନ ମିଳିବ ହେତୁ ଅନାହାରରେ ତାଙ୍କର ମୃତ୍ୟୁ ହୋଇଥିଭା ଭଳି ଘଟଣା ମଧ୍ୟ ଘଟିଛି। ଏହି ସ୍ଥିତିରେ ପୁଣି ରାସ୍‌ନ କାର୍ଡ କାଟିବାକୁ ନେଇ ଯୋଜନା ହେବା ପରେ ରାଜ୍ୟରେ ଥିବା ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଚିନ୍ତା ବଢ଼ିଛି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯୋଗାଣ ବିଭାଗ ଅଧିକାରୀମାନେ ଏବେ ହାତରେ ସନ୍ଦିଗ୍ଧ (ସସ୍‌ପେକ୍ଟ) ତାଲିକା ଧରି କ୍ଷେତ୍ରସ୍ତରରେ ଯାଞ୍ଚ ଆ ।ରମ୍ଭ କରିଛନ୍ତି। ଇ-କେୱାସି ପରେ ପରେ ଏଭଳି ଯାଞ୍ଚ ଆରମ୍ଭ ହୋଇଥିବାରୁ ଅନେକ ହିତାଧିକାରୀଙ୍କୁ କାର୍ଡ କଟିଯିବାର ଭୟ ଘାରିଛି।

### ବିହାର ମୁଖ୍ୟମନ୍ତ୍ରୀ...

ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଗାମୁଛା ହଲାଇ ଲୋକଙ୍କୁ ଅଭିବାଦନ ଜଣାଇଥିଲେ। ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ। ସମାରୋହରେ ହରିୟାଣା, ଆସାମ, ଗୁଜରାଟ, ମେଘାଳୟ, ଉତ୍ତର ପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ।

### ସରକାରଙ୍କୁ ଘେରିବାକୁ...

ବିଜେଡିର ହଟ୍ଟଗୋଳ କାରଣରୁ ଅଧିବେଶନଟି ଏକପ୍ରକାର ଧୋଇ ହୋଇଯାଇଥିଲା। କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସେତେବେଳେ ରାଜ୍ୟ ରାଜନୀତିକୁ ସରଗରମ କରିଥିବାବେଳେ ଏକାଧିକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇଥିଲା ବିଜେଡି। ଆସନ୍ତା ଅଧିବେଶନରେ ସମାନ ଢଙ୍ଗରେ ସରକାରଙ୍କୁ ଘେରରଉ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ପୁଳାପୁଳା ପ୍ରସଙ୍ଗ ରହିଛି। ଆସନ୍ତା ୨୬ ତାରିଖରେ ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଧାନସଭାରେ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ତାହା ସ୍ଥିର କରାଯିବ ବୋଲି ସେ କହିଛନ୍ତି।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଲୋକଙ୍କ ମତକୁ ଯେ କୌଣସି ଉପାୟରେ ବିଜେପି ଯେମିତି ନେଇପାରିଛି, ସେହିପରି ଭାବେ ପ୍ରତିଦାନ କିନ୍ତୁ ଦେଇପାରୁ ନାହିଁ। ଯାହାଫଳରେ ରାଜ୍ୟରେ ବେକାରୀ, ଦରଦାମ, ଦାଦନ, ମହିଳା ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଚାଷୀକୁଳ ହତାଦାର, ପ୍ରତାରିତ ହେଉଥିବା ବେଳେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରମାଗତ ଭାବେ ଅବନତି ଦେଖା ଦେଇଛି। ଯେଉଁ ପ୍ରସଙ୍ଗ ଛୁଇଁବ, ସେହି ପ୍ରସଙ୍ଗରେ ସରକାର ବିଫଳ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଅରୁଣ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଆମେ ସରକାରଙ୍କୁ ଜବାବ୍ ମାଗିବୁ ବୋଲି ସେ କହିଛନ୍ତି। ଏତଦ୍ ବ୍ୟତୀତ ମହାନଦୀଠାରୁ ଆରମ୍ଭ କରି ପୋଲାଭରମ୍ ପର୍ଯ୍ୟନ୍ତ ସମସ୍ତ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ବିଜେଡି ଦୃଢ଼ଭାବେ ବିଧାନସଭାରେ ଉତ୍ଥାପନ କରିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ସ୍ଥିର ହୋଇଛିଏବଂ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ରହିଛି। ପ୍ରମୁଖ କାର୍ଯ୍ୟଦିବସ ମଧ୍ୟରେ ପ୍ରଥମ ଦିନରେ ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ସହ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବାକୁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି। ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ହେବା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ।

### ୨୨ରେ ଲଘୁଚାପ...

ବାତ୍ୟାରେ ପରିଣତ ହୁଏ, ତେବେ ପବନର ବେଗ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟଓ ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷା ପରିମାଣ କେତେ ରହିବ ସେ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରାଯାଇନାହିଁ। ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶା ସହ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ଭବତଃ ୨୭ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା କରାଯାଇଛି। ବର୍ଷାକୁ ପ୍ରାଥମିକ ଭାବେ ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନ ଜାରି କରିଛି। ଏଥିରେ ୨୮ ତାରିଖରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରେ ସର୍ବାଧିକ ପରିମାଣର ବର୍ଷା ହୋଇପାରେ ବୋଲି ବିଭାଗ ଆକଳନ କରିଛି। ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ଶୀତର ପରିମାଣ କମିବାରେ ଲାଗିଛି। ସାରା ରାଜ୍ୟରେ ତାପମାତ୍ରା ରାତିର ତାପମାତ୍ରାରେ କିଛି କିଛି ବଢ଼ିଛି। ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୫ ଡିଗ୍ରୀ ରେକର୍ଡ ହୋଇଛି। ଏହା ସହିତ ଦାରିଙ୍ଗିବାଡ଼ିରେ ମଧ୍ୟ ତାପମାତ୍ରା ୧୧.୫ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ୧୨ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ଓଡ଼ିଶାର ୪ଟି ଜାଗାରେ ରେକର୍ଡ କରାଯାଇଥିବା ବେଳେ ୧୫ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ୧୫ଟି ଜାଗାରେ ରେକର୍ଡ କରାଯାଇଛି। ବର୍ତ୍ତମାନ ପବନ ପ୍ରବାହର ଦିଗ ବଦଳିଛି। ରାଜ୍ୟରେ ଏବେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ଫଳରେ ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। ଆଗକୁ ତାପମାତ୍ରାରେ ବୃଦ୍ଧି ଯୋଗୁଁ ଶୀତର ମାତ୍ରା କମିବା ନେଇ ସମ୍ଭାବନା ରହିଛି।

### ଗୋଟିଏ କ୍ଲାସ୍ ପରେ...

ପଢ଼ିଛନ୍ତି। ସେ କହିଛନ୍ତି, ଯଦି ପୁଅର ର୍‍ୟାଙ୍କ ନଥିଲା, ନିଟ୍ ସେଲ୍ କାହିଁକି ଓ କେମିତି କଲେଜ ଲିଭିଂ ସାର୍ଟିଫିକେଟ୍ (ସିଏଲ୍‌ସି) ରଖିବା ସହ ଆଡମିସନ୍ ବାବଦକୁ ୩୭, ୯୪୦ ଟଙ୍କା ନେଇ ଭିମସାର୍‌ରେ କ୍ଲାସ୍ କରିବାକୁ ଅନୁମତି ଦେଲା?

ସୂଚନାନୁଯାୟୀ, ମୁକେଶଙ୍କ ଘର ବରଗଡ଼ ଜିଲ୍ଲା ବିଜେପୁର ରଙ୍ଗମଟିଆରେ। ଗତ ନିଟ୍ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ସାଧାରଣ ବର୍ଗରେ ୨୬୭୪୫୯ ରାଙ୍କ ପାଇଥିଲେ। ସେ ନିଟ୍ ପରୀକ୍ଷାରେ ୫୨୯ ମାର୍କ ରଖିଥିବା ବେଳେ ଷ୍ଟେଟ୍ ରାଙ୍କ ତାଙ୍କର ୯୧୧ ରହିଥିଲା। ତାଙ୍କୁ ଗତ ୨୧ ଅଗଷ୍ଟରେ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସପିଟାଲ (ଭିମସାର୍)ରେ ସିଟ୍ ଆଲଟ୍ କରାଯାଇଥିଲା। ଆଡମିସନ୍ ଫି' ବାବଦକୁ ସେ ୩୭ ୯୪୦ ଟଙ୍କା ଅନ୍‌ଲାଇନ୍‌ରେ ଜମା କରିଥିଲେ। ସେହିମାସ ୨୪ ତାରିଖରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟରେ ଧାର୍ଯ୍ୟ ସମୟରେ ତାଙ୍କର ଭିମସାରରେ ଏମ୍‌ବିବିଏସ୍ ଆଡମିସନ୍ ବି ହୋଇଥିଲା। କିନ୍ତୁ ଭିମସାରରେ ଗୋଟିଏ କ୍ଲାସ କଲା ପରେ ରାତାରାତି କିପରି ତାଙ୍କର ନିଟ୍ ରାଙ୍କ ବଦଳିଗଲା, ତାହା କେହି ବୁଝିପାରୁନାହାନ୍ତି। ତାଙ୍କ ରାଙ୍କ ଏବେ ୨୬୭୪୫୯ ରୁ ସିଧା ୧୭ ଲକ୍ଷ ରାଙ୍କକୁ ଖସି ଆସିଛି।

ମୁକେଶ ଓ ତାଙ୍କ ବାପା ସୁଦାମ ଏ ସଂପର୍କରେ ଭିମସାର ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଡା. ରାମଚନ୍ଦାନୀ ସେମାନଙ୍କ କାଗଜପତ୍ର ଦେଖିବା ପରେ ଏପରି ଏକ ଠକେଇ ଘଟଣା ଘଟିଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଡା. ରାମଚନ୍ଦାନୀଙ୍କ କହିବା ଅନୁଯାୟୀ, ଯେହେତୁ ମୁକେଶ କହୁଛନ୍ତି, ଏହା ଠକେଇ ଭଳି ଲାଗୁଛି। ସବିଶେଷ ତଦନ୍ତ ହେବା ଆବଶ୍ୟକ। ସେପଟେ, ଘଟଣାକୁ ନେଇ ଭିମସାର ଡିନ୍ କହିଛନ୍ତି, ଆମ ପାଖକୁ ଓଜେଇଇର ଯେଉଁ ଲିଷ୍ଟ ଆସେ, ସେହି ଅନୁସାରେ ଆମେ ଆଡମିଶନ୍ ଦେଉ। ଯେଉଁ ୧୭୦ଜଣଙ୍କ ଲିଷ୍ଟ ଆସିଛି, ସେଥିରେ ମୁକେଶ ପୁରୋହିତ ବୋଲି ଗୋଟିଏ ନାଁ ଅଛି। କିନ୍ତୁ, ମୁକେଶ ସାହୁ ବୋଲି କେହିନାହାନ୍ତି। ଓଜେଇଇର ଯେଉଁ ଲିଷ୍ଟ ଆସିଛି ସେହିମାନଙ୍କୁ ଆମେ ଆଡମିଶନ ଦେଇପାରିବୁ, ଅନ୍ୟମାନଙ୍କୁ ଦେଇପାରିବୁନି ବୋଲି କହିଛନ୍ତି।

### ଶଙ୍କର, ସୁରେଶ...

ଅଭିଯୁକ୍ତ ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଗଞ୍ଜାମ ଜିଲ୍ଲା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସଙ୍କ ଜାମିନ ଆବେଦନକୁ ତାଙ୍କ ଓକିଲ ପ୍ରତ୍ୟାହାର କରିନେଇଥିବା ଜଣାପଡ଼ିଛି।

ଅଭିଯୁକ୍ତମାନେ ବାହାରକୁ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା। ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା। ପରେ ଅଦାଲତ ମାମଲାର ଶୁଣାଣି କରି ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ।


**AFFIDAVIT**

I, Basanti Majhi, W/o.: Bulu Majhi, Permanent resident of At/PO.: Nuahata, P.S.: Banarpal, Dist.: Angul, Odisha-759128 declare by this Affidavit No.: 6060, sworn before Executive Magistrate, Angul on Dt.19.11.2025 that from now onwards my name Basnti Majhi will be known as **Basanti Majhi** for all future legal purposes.

**LOST**

By Virtue of an Affidavit sworn before the Executive Magistrate, Bhubaneswar **Dtd. 15/11/2025**, I, **Sitaram Satapathy** S/o: Santanu Kumar Satapathy, have lost my Matric Certificate and Mark sheet (Roll No. 17PB328), +2 Certificate and Mark sheet (Roll No. 321EA265), B.Tech Certificate and Grade sheet (Regd. No. 1101109050), and M.Tech Certificate and Grade sheet (Regd. No. 1607106100) somewhere near Tamando on **17th August 2025**. If found, kindly Contact: **7381654085**.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th November 2025, CF No.- 01, I Hitanjali Kushal aged about 27 years, W/o- Abhilas Kushal, resident of Village- Loharsingh, Po.- Bhainsadarha PS./Block- Jharbandh, Dist.- Bargarh, Pin-768042 hereby declares that, for myself I have changed my name from **Hitanjali Luhar** to **Hitanjali Kushal**. Hence I will be known as **Hitanjali Kushal** for all future purposes.

**AFFIDAVIT**

By virtue of an affidavit before the Tahasildar & Executive Magistrate, Boudh, on 19th November 2025, I, Shobhagini Padhi, Vill- Sanabutupali, PO- Butupali, PS/Dist.: Boudh-762014 have changed my name from Sobhagini Padhi to Shobhagini Padhi. Henceforth I shall be known as **Shobhagini Padhi** for all purposes.

Sd/- Shobhagini Padhi

**AFFIDAVIT**

I, Ambika Malla, aged about 44 years, W/o- Bipin Bihari Bhuyan, resident of At- Nahan, Po- Haripur, Ps- Bari Ramachandrapur, Dist- Jajpur, Odisha, PIN- 755005 declare by this affidavit No. 2353, dtd- 20/11/2025, that now onwards I shall be known as **AMBIKA BHUYAN** for all future purposes.

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS- Patkora, Dist.- Kendrapara, Pin- 754233, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

Sd/- Shrabani Mohanty

**AFFIDAVIT**

**By virtue of an affidavit sworn before Notary Public, Bhubaneswar, on dated 17.11.2025, I Mini Parida W/o- Sudarsan Parida, resident at/ po- Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my son's name from Bishal Nayak to Bishal Parida. Henceforth, He shall be known as BISHAL PARIDA for all future purposes.**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from "**SANJAY KUMAR MOHAPATRA**" to "**DEVETANANDA**" as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as "**Swami Devetananda**" son of **Swami Gahanananda** and henceforth known as "**SWAMI DEVETANANDA**"
Furthermore, it declared that Sri Sanjay Kumar Mohapatra and Devetananda is one and same person.

**AFFIDAVIT**

By virtue of an affidavit sworn before The Executive Magistrate, Kendrapara on Dt.24.10.2025 I Dhruba Charan Das, S/o-Gangadhar Das of Vill- Artamul, P.O.-Chandol, P.S./ Dist-Kendrapara declare that my actual name is Dhruba Charan Das mentioned in my Adhar and Voter ID. But my name has been entered in my Driving License as Ramesh Das. Both the names Dhruba Charan Das and Ramesh Das one and same person. Hence forth I shall be known as Dhruba Charan Das for all purpose.

**AFFIDAVIT**

By virtue of an affidavit (CF No. 3217) sworn before The Executive Magistrate, Sambalpur on dated- 06/11/2025. I, **Kshirodra Suna**, S/o Late Parsuram Suna, permanent resident of At/Po/Ps- Baraipali, Dist- Sambalpur, PIN- 768006, Odisha declare that I have changed my minor daughter's name from **Sukruti Suna** to **C S Sukriti**. Henceforth, she shall be known as **C S Sukriti** (new name) for all purposes.

**Kshirodra Suna**

**AFFIDAVIT**

I, Rajanikanta Paramanik , Age-55 , S/o- Gouranga Paramanik, of permanent resident ,vill/Post- Chandakusumi Ps-Kamarda, Dist- Balasore, Odisha, declared by affidavit before In the Court of Executive Magistrate , Bhograi No.5699, dtd-14/11/2025. That, all the valuable records of my self Aadhar card No-6015xxx5740 & qualification certificate, Bank a/c, etc prepare my surname as Paramanik but in SBI, Dehurda vide a/c No-35866285673 prepared my surname as Barik . Hence this affidavit I shall be known as Rajanikanta Paramanik S/o- Gouranga Paramanik & Rajanikanta Barik ,S/o- Gouranga Barik same and one person for all future purposes.

**"ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର"**
**ସଚେତନତା ଶିବିର**

କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ଆନୁକୂଲ୍ୟରେ "ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର" ଶୀର୍ଷକ ଏକ ସଚେତନତା ଶିବିର ଆଜି ୨୧ ନଭେମ୍ବର ୨୦୨୫ ପୂର୍ବାହ୍ନ ୧୦.୩୦ ସମୟରେ ଅନୁଷ୍ଠିତ ହେବ। ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଜନସାଧାରଣଙ୍କୁ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ତରଫରୁ ଅନୁରୋଧ କରାଯାଇଛି।

**ସ୍ଥାନ: ପ୍ରତିମା ମଣ୍ଡପ, ପ୍ୟାଲେସ ଲାଇନ, ବଲାଙ୍ଗୀର**



**GOVERNMENT OF ODISHA**
**PANCHAYAT SAMITI: NARAYANPATNA**
**PR & DW DEPARTMENT, ODISHA**
EMAIL ID- ori-narayanpatna@nic.in
Letter No. 3938 / 2025/TCN.08/2025-26, Dated 18.11.2025
**NOTICE INVITING TENDER**
**Bid Identification No. 08 of 2025-26 of B.D.O , Narayanpatna**

1. Bid documents consisting of specification the Bill of Quality and the Tender Call Notice can be seen in the Govt. website http://tendersorissa.gov.in/nicgep/app.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Bari PS | 7,88,971.00 | "C" & "D" | 6000/- | 7900/- | 06 Months |
| 2 | Construction of Additional Classroom at Kondaborigi PS | 8,91,723.00 | "C" & "D" | 6000/- | 9000/- | 06 Months |

**03 (Three) No. of works only**

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From **24.11.2025** at 11.00 Hours to **08.12.2025** up to 17.30 Hours |
| Bid clarification start date & closing date | **24.11.2025 to 08.12.2025** during office hours |
| Offline documents received through Speed Post/ Registered Post | **From 24.11.2025 at 17.30Hours to 12.12.2025 at 11.00 Hours** |
| Date, time and venue of opening of bid online | (**12.12.2025 at 11.00 Hours**), Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | **12.12.2025 at 11.00** Hours onwords. |
| If stipulation arises the tender will be decided through Lottery System | (**12.12.2025 at 02.30 Hours**) Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**



**PUBLIC NOTICE**

This notice is hereby given that my client Mr. Balakrushna Paikaray, S/O Brundaban Paikaray has Original ROR bearing Khata No-81, Mouza- Ranasinghpur, Tahsil-Chilika, Dist- Khurda, State-Odisha in favour of Brundaban Paikaray and an FIR (Complaint No-24483001072500020) for the same has been lodged at Balugaon Police Station on 16th Nov. 2025. All person/persons are hereby informed to put their claims or interest of objection about the said property or any part thereof, within a period of 15 days along with the sufficient evidence from appearance of this notice. If ROR not found within 15 days, then certified copy of the document obtained from the registry office will be considered as the original document.

Samir Kumar Paikaray (Advocate)
Bhubanrswar Court, Mob:7008005419

Leadership and beyond
ଦି ନ୍ୟୁ ଇଣ୍ଡିଆ ଏସୋରେନ୍ସ କମ୍ପାନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

ଟେଣ୍ଡର ରେଫ. ସଂ: ବିବିଏସ୍ଆରଓ/କଟକ ଡିଓ ୨ ସ୍ଥାନାନ୍ତର/ସଞ୍ଚାନ/ଡସନ/୫୫୦୪୦୦/୦୦୧

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର କଟକ ଡିଓ ୨ ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୩୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଇଜମୁଦ ଦିଆ ଯାଇପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି।

ଅବସ୍ଥିତି: ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସିଡିଏ ସେକ୍ଟର-୫ ରୁ ସିଡିଏ ସେକ୍ଟର-୮, କଟକରେ ହୋଇଥିବା ଆବଶ୍ୟକ।

ଟେଣ୍ଡର କାଗଜପତ୍ର (କଟକ ଡିଓ ୨ ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମହାଶ୍ରମଣ, କ୍ୟାଣ୍ଟନମେଣ୍ଟ ରୋଡ, କଟକ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। ଏହି ଟେଣ୍ଡର ସୂଚନା କମ୍ପାନୀର ୱେବସାଇଟ୍: **www.newindia.co.in (public notice section)**ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ।

ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୦.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ସ୍ୱା/- ଉପ ମହା-ପ୍ରବନ୍ଧକ

**AFFIDAVIT**

By virtue of an affidavit before the Executive Magistrate : Sambalpur, I, Dipti Nanda, resident of Nandapada, Baulunkeswar Lane, Near Bariha Temple, PO Jharupada, PS Town, Dist. Sambalpur – 768001, do hereby state My maiden name was Sunanda Panda, as recorded in my HSE Certificate. After my marriage on 09-03-1985, I have been known as Dipti Nanda. My correct date of birth is 04-06-1964 as per HSE Certificate and PPO records. In my Aadhaar (No. 4532 6471 2582), my date of birth has been wrongly mentioned as 04-06-1959. I declare that both names refer to me.

Sd/- Dipti Nanda



**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୩୧୩ | ଡା. ୧୯.୧୧.୨୦୨୫

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୫-୨୬ ବର୍ଷ (ଡା.୨୧.୧୨.୨୦୨୫ରିଖ ଠାରୁ ଡା. ୨୦.୧୨.୨୦୨୬ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଇଜମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ସମସ୍ତ କାର୍ଯ୍ୟଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ଡା.୧୩.୧୧.୨୦୨୫ରିଖ ଠାରୁ ଡା.୩୦.୧୧.୨୦୨୫ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ। ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ। ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ଡା.୦୧.୧୨.୨୦୨୫ରିଖ ୧୧ ଘଟିକା | ଡା.୦୧.୧୨.୨୦୨୫ରିଖ ୧୨.୦୦ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ଡା.୦୮.୧୨.୨୦୨୫ରିଖ ୧୧ ଘଟିକା | ଡା.୦୮.୧୨.୨୦୨୫ରିଖ ୧୨.୦୦ ଘଟିକା |
| ତୃତୀୟ ପର୍ଯ୍ୟାୟ | ଡା.୧୫.୧୨.୨୦୨୫ରିଖ ୧୧ ଘଟିକା | ଡା.୧୫.୧୨.୨୦୨୫ରିଖ ୧୨.୦୦ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜା ସାମଗ୍ରୀ ଦୋକାନ ନଂ.୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୨୫,୫୫୪/- | ଟ.୨,୯୨,୫୫୫/- |
| ୨ | ପୂଜା ସାମଗ୍ରୀ ଦୋକାନ ନଂ.୨ (ସ୍ଥାନ- ବୃକ ପକା ମଣ୍ଡପ ପାର୍ଶ୍ୱ) | ଟ.୨୨,୫୬,୭୧୦/- | ଟ.୨,୨୫,୬୭୧/- |
| ୩ | ପୂଜା ସାମଗ୍ରୀ ଦୋକାନ ନଂ.୩ (ସ୍ଥାନ- ଗାଡି ପୂଜା) | ଟ.୨୫,୯୪,୮୮୮/- | ଟ.୨,୫୯,୪୮୮/- |
| ୪ | ବୃକ ପକା | ଟ.୪୮,୬୮,୧୪୩/- | ଟ.୪,୮୬,୮୧୪/- |
| ୫ | ଠେକରାତି ସାମଗ୍ରୀ ଯୋଗାଇବା | | ଟ.୧,୯୯,୬୫୦/- |
| ୬ | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ.୧,୭୬,୦୦୦/- |

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର



ଯୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| **ଉଦଳା ଶାଖା, ପ୍ଲଟ ନଂ. ୫, ସିନେମା ହଲ ରୋଡ, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | | |
| ୧. | ଶ୍ରୀ କୃଷ୍ଣ ଚନ୍ଦ୍ର ମହାନ୍ତ, ଦୁଗୁଧା, ଉଦଳା, ମୟୂରଭଞ୍ଜ-୭୫୭୦୪୧ / ୨୫୫୪୧୬୬୩୦୦୦୦୨୦୪ | ଟ.୧,୨୫,୬୪୭.୦୦ | ୨୧.୭ | ୨୨.୪୬ |
| ୨. | ଶ୍ରୀ ସଞ୍ଜୟ ଦେହୁରୀ, କାଳାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୫୫୭ | ଟ.୨୩,୦୨୨.୧୬ | ୪.୯୬ | ୭.୮୫ |
| ୩. | ଶ୍ରୀ ସଞ୍ଜୟ ଦେହୁରୀ, କାଳାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୬୮୧ | ଟ.୩୪,୦୭୫.୦୦ | ୬.୦୭ | ୭.୪୩ |
| ୪. | ଶ୍ରୀ ପୁରୁଷତମ ମାଝୀ, ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୨୫୬ | ଟ.୫୧,୯୬୩.୦୦ | ୧୨.୮ | ୧୩.୯୮ |
| **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ୍, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | | |
| ୧. | ଶ୍ରୀ ରାକେଶ କୁମାର ଓଝା, ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୬ | ଟ.୧୮,୫୫୧.୦୦ | ୩.୪ | ୩.୯ |
| ୨. | ଶ୍ରୀ ରାକେଶ କୁମାର ଓଝା, ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୭ | ଟ.୫୧,୬୭୨.୬୬ | ୯.୯୯ | ୧୧.୧ |
| **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | | |
| ୧. | ଶ୍ରୀମତୀ ଅରୁଣା ରାଣୀ ବେହେରା, ସ୍ୱାମୀ: ରତନ କୁମାର ବେହେରା, ସା: ସାଳନ୍ଦୀ କଲୋନୀ ବାଏପାସ୍, ଭଦ୍ରକ-୭୫୬୧୦୦ / ୩୩୫୬୨୨୬୫୪୦୦୦୧୧୧୧ | ଟ.୨,୦୮,୮୯୯.୫୨ | ୪୦.୪ | ୮୩.୧ |
| **ରକ୍ସି ରୋଡ୍ ଶାଖା, ହୋଲ୍ଡିଂ ନଂ. ୫୩୩, ରକ୍ସି ମେନ୍ ରୋଡ୍, ବାରିପଦା-୭୫୭୦୦୧, ମୋ.: ୭୦୦୪୮୭୯୦୯୩** | | | | |
| ୧. | ଶ୍ରୀ ସିଦ୍ଧାର୍ଥ କୁମାର ନାଏକ, ମାର୍ଫତ: ଶୁକଦେବ ନାଏକ, ପ୍ଲଟ୍ ନଂ.: ୪୫୯/୩୭୨୬, ନୂଆସାହି, ବରକୁପୁର, ମୟୂରଭଞ୍ଜ-୭୫୭୦୩୩ / ୩୪୭୯୨୬୫୪୦୦୦୦୩୯୯ | ଟ.୧,୪୬,୨୦୧.୬୬ | ୨୭.୭୨ | ୨୯.୧୮ |
| **ବଡବିଲ-୧ ଶାଖା, ଷ୍ଟେସନ୍ ରୋଡ୍, ବଡବିଲ, କେନ୍ଦୁଝର, ପିନ୍-୭୫୮୦୩୫, ମୋ.: ୯୧୭୮୬୫୪୮୬୪** | | | | |
| ୧. | ଶ୍ରୀ ଶ୍ରୀବସ୍ତ କୁମାର ବିଦ୍ୟାଧର, ସା/ପୋ: ବଡ଼ନୂଆଗାଁ, ଥାନା: ହରିଚନ୍ଦନପୁର, ବଡବିଲ-୭୫୮୦୨୮ / ୫୫୪୧୦୬୫୪୦୦୦୦୧୮୦ | ଟ.୧,୦୭,୧୦୦.୮୯ | ୧୯.୮୨ | ୨୨.୭୮ |
| **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | | |
| ୧. | ଶ୍ରୀ ବୁଲୁ ଦିଗାର, ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / ୬୫୩୨୦୬୫୪୦୦୦୦୧୮୧ | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| **ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | | |
| ୧. | ଶ୍ରୀ ପ୍ରକାଶ ସାହୁ, ପିତା: ହରେକୃଷ୍ଣ ସାହୁ, କାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / ୭୨୩୭୦୬୫୪୦୦୦୦୭୩୨ | ଟ.୭୨,୬୨୦.୦୦ | ୧୨.୭୮ | ୧୪.୨ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

ସ୍ଥାନ : ବାଲେଶ୍ୱର, ତାରିଖ : ୨୦.୧୧.୨୦୨୫ | ଶାଖା ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ODISHA CONSTRUCTION CORPORATION LTD.** CAD-2393
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-17(V-II)/60/2025-26 dtd.20.11.2025.**

Type of work : Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.
Total No. of work : 01(One).
Period of supply : 1 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-17(V-II) /60 / 2025-26 dtd.20.11.2025 | Rs.4720/- (Non-refundable) | 20.11.2025 10.00AM to 01.12.2025 1.00 PM | 20.11.2025 10.00AM to 01.12.2025 3.30 PM |

Date of opening of the Tender : **01.12.2025 at 4.00 P.M.**
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

# ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଦୀପାବଳି ନୀତି

ଓଡଗାଁ,୨୦।୧୧(ସମିସ): ଓଡଗାଁ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଦେବ ଦୀପାବଳି ପର୍ବ ପାଳିତ ହୋଇଯାଇଛି। ମାନବୀୟ ମୂଲ୍ୟବୋଧକୁ ସମ୍ମାନ ଜଣାଇ ଆସିଥିବା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଆଜି ମାର୍ଗଶୀର ଅମାବାସ୍ୟା ତିଥିରେ ପିତୃପୁରୁଷଙ୍କ ଉଦେଶ୍ୟରେ ଶ୍ରାଦ୍ଧ ଅର୍ପଣ କରିଥିଲେ। ଏହି ପର୍ବ ଅବସରରେ ସ୍ଥାନୀୟ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଦେବ ଦୀପାବଳି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଶୁଭ୍ର ଶ୍ରାଦ୍ଧ ବେଶ ଦର୍ଶନକରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ୫.୩୦ରେ ସନ୍ଧ୍ୟା ଧୂପ ପରେ ୩ଟି ମହାଦୀପକୁ ପାଳିଆ ପଣ୍ଡାଙ୍କ ଦ୍ୱାରା ରତ୍ନବେଦିରେ ସ୍ୱତନ୍ତ୍ର ଭାବରେ ସଂସ୍କାର କରାଯାଇଥିଲା। ପରେ ଶ୍ରୀଜୀଉଙ୍କ ପିତୃପୁରୁଷ ଓ



ମାତୃଗଣଙ୍କ ଉଦେଶ୍ୟରେ ମନ୍ଦିର ଟହଲିଆଙ୍କ ଦ୍ୱାରା ସେହି ଦୀପଗୁଡିକୁ ମନ୍ଦିର ସୁବର୍ଣ୍ଣ କଳଶ ଅଁଳା ବେଢାରେ ସ୍ଥାପନ କରିଥିଲେ। ମନ୍ଦିର ପରିଛା, ପାଳିଆ ପଣ୍ଡା, ମନ୍ଦିର ପରିଚାଳକ ଓ ପୂଜକ ପରିଷଦ ସଭାପତିଙ୍କ ସହିତ ସମସ୍ତ ସେବକମାନଙ୍କ ଦ୍ୱାରା ଆଜିର ମହାନ ଦେବ ଦୀପାବଳି ତଥା ଦେବ ଶ୍ରାଦ୍ଧ ନୀତିକାନ୍ତି ଶୃଙ୍ଖଳିତ ସହକାରେ ସମ୍ପନ୍ନ ହୋଇଛି।

## ସମବାୟ ବିଭାଗର ସଚେତନତା ଶୋଭାଯାତ୍ରା




ନୟାଗଡ,୨୦।୧୧(ସମିସ): ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ କୁମାର ନାୟକଙ୍କ ଆବାହତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ, କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ। ବିଭିନ୍ନ ପାକ୍ସ ସମ୍ପାଦକ ଓ କର୍ମଚାରୀଙ୍କ ସମେତ ବାହାଡଝୋଲା ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ। ନିଖିଳ ଭାରତ ସମବାୟ ସପ୍ତାଗ ପାଳନ ଅବସରରେ ନୟାଗଡ ତ୍ରିନାଥ ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ଜଗନ୍ନାଥମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସମସ୍ତଙ୍କ ସହଯୋଗରେ ସମବାୟ ଆଗକୁ ଯିବ ବୋଲି ସ୍ଲୋଗାନ ଦିଆଯାଇଥିଲା।

● ଦୁଇ ଦିନ ପରେ ବିଶ୍ୱଶାନ୍ତି ମହାଯଜ୍ଞ

## ରାସ୍ତା ଶୋଚନୀୟ, କାର୍ଯ୍ୟକାରୀ ହେଉନି ନିଷ୍ପତ୍ତି

ଗଣିଆ,୨୦।୧୧(ସମିସ): ଗଣିଆ ବ୍ଲକ୍ ଛାମୁଣ୍ଡିଆଠାରେ ଥିବା ମଣିଭଦ୍ରା ପାହାଡ଼ ପାଦଦେଶରେ ମା' କଳାପାଟ ଠାକୁରାଣୀଙ୍କ ବିଜେସ୍ଥଳୀଠାରେ ଆସନ୍ତା ନଭେମ୍ବର ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ମହାଯଜ୍ଞରେ ୪ ଦିନ ଧରି ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଗଣିଆଠାରୁ କଳାପାଟ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ କିପରି ଭକ୍ତମାନଙ୍କ ସୁଗମ ଯାତାୟାତ ହୋଇପାରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଜ୍ଞ ସମୟରେ ସାରା ଓଡ଼ିଶାରୁ ହଜାର ହଜାର ବାଇକ ଠାରୁ ଆରମ୍ଭ କରି



ଚାରିଚକିଆ ଯାନ ପର୍ଯ୍ୟନ୍ତ ଯାତାୟାତ କରିବାକୁ ଥିବା ବେଳେ ଏହି ରାସ୍ତାରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଜିଲ୍ଲା ସ୍ତରରେ ଏବଂ ବ୍ଲକ ସ୍ତରରେ ଏଥିପାଇଁ ଦୁଇ ଦୁଇ ଥର ବୈଠକ ବସି ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ହୋଇପାରିନାହିଁ। ଯଜ୍ଞ ଆରମ୍ଭ ହେବାକୁ ଆଉ ଦୁଇ ଦିନ ଥିବା ବେଳେ ତା ପୂର୍ବରୁ ରାସ୍ତା ନିର୍ମାଣ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ବୈଠକରେ କେବଳ ରାସ୍ତା ନିର୍ମାଣ ସମ୍ପର୍କରେ ଦୁଇ ଘଣ୍ଟାରୁ ଅଧିକ ସମୟ ଆଲୋଚନା ହୋଇଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ପାଲଟିଛି। ଯଦି ପୂର୍ବ ପ୍ରସ୍ତୁତି ବୈଠକ କାର୍ଯ୍ୟକାରୀ ହେଉନାହିଁ ତେବେ ପ୍ରସ୍ତୁତି ବୈଠକ କାହିଁକି ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ୮ ମାସ ହେବ ଅଙ୍ଗନବାଡ଼ି କେନ୍ଦ୍ରକୁ ମାଡୁନାହାନ୍ତି କର୍ମୀ

ଦଶପଲ୍ଲା, ୨୦।୧୧(ସମିସ): ଚାଁହୁଚାଁହୁ ୮ ମାସ ବିତିଗଲା ହେଲେ ଅଙ୍ଗନବାଡି କେନ୍ଦ୍ର ମାଡୁ ନାହାଁନ୍ତି କର୍ମୀ। ଦୁଇଦୁଇ ଥର ଅଧିକାରୀଙ୍କ ପକ୍ଷରୁ ହୋଇଥିବା କାରଣ ଦର୍ଶାଅ ନୋଟିସକୁ ବି ଗ୍ରହଣ କରିନାହାନ୍ତି। ଖାଲି ସେତିକି ନୁହେଁ ଅନ୍ୟ ଘଟଣା ପରେ ସମ୍ପୃକ୍ତ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହାସ ଜୁଟାଇ ପାରିନାହାନ୍ତି ଅଧିକାରୀ। ସୂଚନା ଅନୁଯାୟୀ ଗତ କିଛିମାସ ତଳେ ସୁପରଭାଇଜର ରେଖାଞ୍ଜଳି କଁହର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତ ରଥିପୁର ଅଙ୍ଗନବାଡି



ଏକ ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ତାଙ୍କୁ ମଧ୍ୟ ଦାୟିତ୍ୱ କିମ୍ବା କାଗଜପତ୍ର ହସ୍ତାନ୍ତର କରିନାହାନ୍ତି। କେବଳ ଦରମା ବନ୍ଦ କରି କାମ ସାରି ଦିଆଯାଇଥିବା ବେଳେ ଏତେ ସବୁ କେନ୍ଦ୍ରକୁ ପରିଦର୍ଶନରେ ଯାଇଥିବା ବେଳେ ଜାଣିବାକୁ ପାଇଥିଲେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି କାହାକୁ କିଛି ନ ଜଣାଇ ଅଙ୍ଗନବାଡି କେନ୍ଦ୍ର ମାଡୁନାହାନ୍ତି କର୍ମୀ ଲିପ୍ସା ନାୟକ, କେବଳ ହେଲ୍ପର ରଞ୍ଜିତା ପରିଡ଼ାଙ୍କ ସହାୟତାରେ ଚାଲିଛି କେନ୍ଦ୍ର। ଏ ଘଟଣା ଗଣମାଧ୍ୟମରେ ପ୍ରକାଶ ପରେ ମହିଳା ଓ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ସାମଲ ନିଜେ ରଥିପୁର ଅଙ୍ଗନବାଡି କେନ୍ଦ୍ରକୁ ଆସି ତଦନ୍ତ କରିବା ସହିତ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ଅଙ୍ଗନବାଡି କର୍ମୀଙ୍କ ଘରେ ପହଞ୍ଚିଥିଲେ। ଗର୍ଭବତୀ, ଶିଶୁ, କିଶୋରୀଙ୍କ ଖାଦ୍ୟକୁ ଅଙ୍ଗନବାଡି କେନ୍ଦ୍ରରେ ନରଖି ଅଙ୍ଗନବାଡି କର୍ମୀ ନିଜ ଘରେ ରଖିଥିବା ଦେଖିଥିଲେ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବାବେଳେ କର୍ମୀଙ୍କଠାରୁ କୌଣସି ଉତ୍ତର ପାଇ ନଥିଲେ।

୩ ମାସ ପରେ ଟାକରା ଅଙ୍ଗନବାଡି କର୍ମୀ ମନ୍ଦାକିନୀ ସାହୁଙ୍କୁ ରଥିପୁର କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିଲା। ଆନୁଷ୍ଠାନିକ ଭାବେ ମନ୍ଦାକିନୀ ଦାୟିତ୍ୱ ନେବା ପରେ ଅଙ୍ଗନବାଡି କର୍ମୀ ଲିପ୍ସା ନାୟକଙ୍କଠାରୁ କାଗଜପତ୍ର ମିଳିପାରି ନଥିଲା। ଏହାମଧ୍ୟରେ ଦୀର୍ଘ ୮ ମାସ ବିତିଯାଇଥିଲେ ସମ୍ପୃକ୍ତ କର୍ମୀ ଅଙ୍ଗନବାଡି କେନ୍ଦ୍ରକୁ ଆସୁ ନଥିବା କିମ୍ବା ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ଜଣାପଡିଛି।

## ରାଜ୍ୟ ନିର୍ବାଚନ କମିସନରଙ୍କ ନୟାଗଡ଼ରେ ସମୀକ୍ଷା



ନୟାଗଡ,୨୦।୧୧(ସମିସ): ଆଜି ରାଜ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢ଼ୀ ନୟାଗଡ଼ ଜିଲ୍ଲା ପରିଦର୍ଶନରେ ଆସି ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ସମ୍ମିଳନୀ କକ୍ଷ ସଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳର ନିର୍ବାହୀ ଅଧିକାରୀ ଭାଗ ନେଇଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ), ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ଉପସ୍ଥିତ ଥିଲେ। ବିଭିନ୍ନ ବୁଥ୍ ସଂକ୍ରାନ୍ତ ତଥ୍ୟ ସହ ସମସ୍ତ ବୁଥର ପୁନଃନିରୀକ୍ଷଣ ଓ ଅସ୍ଥାୟୀ ଗୃହ ଥିବା ବୁଥଗୁଡିକର ପୁନଃ ନିରୀକ୍ଷଣ ସହ ଆଗାମୀ ନିର୍ବାଚନ ନିମନ୍ତେ ଷ୍ଟ୍ରଙ୍ଗ ରୁମ ଓ କାଉଣ୍ଟିଙ୍ଗ ହଲ ସ୍ଥିର କରିବା ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ପରେ ନିର୍ବାଚନ କମିସନର ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଗଚ୍ଛିତ ଥିବା ବାଲଟ ବକ୍ସଗୁଡିକୁ ନିରୀକ୍ଷଣ କରିଥିଲେ।

## ବିଧାୟକଙ୍କ ସମୀକ୍ଷା ବୈଠକ




ଖଣ୍ଡପଡା,୨୦।୧୧(ସମିସ): ଖଣ୍ଡପଡା ବ୍ଲକ ଭିସି ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ବିଡିଓ ଅଙ୍କୁର ଅଭିଳାଷଙ୍କ ସଂଯୋଜନାକ୍ରମେ ତଥା ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟକୁ ଖୁବଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା। ସେହିପରି ରାଜସ୍ୱ, ରାସନ, ଭତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ସମୀକ୍ଷା ମଧ୍ୟ କରାଯାଇଛି। ଲୋକଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ପ୍ରକଳ୍ପ ବାବଦରେ ବିସ୍ତୃତ ଆଲୋଚନା କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଶେଷକରି ଚାଲୁ ପ୍ରକଳ୍ପଗୁଡିକୁ ଶେଷ କରିବା ଏବଂ ନୂତନ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀ ଓ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଧାୟକ। ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ମନୋଜ କୁମାର ବେହେରା, ସୁନିତା ଜେନା, ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ନାୟକଙ୍କ ସମେତ ଅନ୍ୟ ଅଧିକାରୀ ପ୍ରମୁଖ ରହିବା ସହ ଆଲୋଚନାରେ ଭାଗ ନେଇଥିଲେ।

### ରାଜ୍ୟସ୍ତରୀୟ ସ୍କାଉଟ କ୍ୟାମ୍ପ 'ଉଡ଼ାନ'

## ସମ୍ମାନିତ ହେଲେ ରୋହିବାଙ୍କ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ

ଓଡଗାଁ, ୨୦।୧୧ (ସମିସ): ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ସ୍କାଉଟ ଗାଇଡ କ୍ୟାମ୍ପ ଉଡାନରେ ଅଂଶଗ୍ରହଣ କରି ସମ୍ମାନିତ ହୋଇଛନ୍ତି। ରାଜ୍ୟ ଭାରତ ସ୍କାଉଟ ଗାଇଡ଼ ତରଫରୁ ଭୁବନେଶ୍ୱର ସ୍କାଉଟ ଗାଇଡ଼ ମୁଖ୍ୟ କାର୍ଯ୍ୟାଳୟଠାରେ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଉଡାନ କ୍ୟାମ୍ପରେ ନୟାଗଡ଼ ଜିଲ୍ଲା ସ୍ତରରୁ ଯୋଗ୍ୟ ବିବେଚିତ ଓଡ଼ଗାଁ ବ୍ଲକ ରୋହିବାଙ୍କ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନେ ଆଦିବାସୀ ନୃତ୍ୟ ମାଧ୍ୟମରେ ପାଠ ପଢିବା, ମଦ ଛାଡିବା ସହିତ ଜଙ୍ଗଲ ନିଜ ମାଟି ମା' ହୋଇଥିବାରୁ ଜଙ୍ଗଲ ସୁରକ୍ଷା ଭଳି ଆକର୍ଷଣୀୟ ଅଭିନୟ ମାଧ୍ୟମରେ ଦେଇଥିବା ସଚେତନତା ବାର୍ତ୍ତା ପାଇଁ ପ୍ରଶଂସିତ ହୋଇଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର କୋରକୋରାଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ବେଳେ ଭାରତ ସ୍କାଉଟ ଏବଂ ଗାଇଡର ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡର ମୁଖ୍ୟ କମିସନର ଡ. କାଳୀପ୍ରସାଦ ମିଶ୍ର ଏବଂ ଓଡ଼ିଶା ଭାରତ ସ୍କାଉଟ ଗାଇଡର ରାଜ୍ୟ ସମ୍ପାଦକ ଶରତଚନ୍ଦ୍ର ପାଇକରାୟ ଉକ୍ତ ବିଦ୍ୟାଳୟର ଛାତ୍ରୀ ସନ୍ଧ୍ୟାରାଣୀ ନାୟକଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ଅଙ୍କିତା ନାୟକଙ୍କୁ ରୌପ୍ୟ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ବିଦ୍ୟାଳୟ ସ୍କାଉଟ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପରେ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶଂସା କରିଛନ୍ତି।

## ଚାଲିଛି ଅପମିଶ୍ରିତ ଖାଦ୍ୟ ବିକ୍ରି

ନୟାହାଟ, ୨୦।୧୧(ସମିସ): ପୁରୀ ଜିଲ୍ଲା ନୟାହାଟ ବଜାରରେ ଚଢ଼ଉ କରାଯାଉ ନଥିବାରୁ ଅପମିଶ୍ରିତ ଖାଦ୍ୟ ପଦାର୍ଥ ନିର୍ଭୟରେ ବିକ୍ରି ଚାଲିଛି। ଯାହାଫଳରେ ପେଟ ରୋଗ ବ୍ୟାପୁଛି ବୋଲି ବାନାମ୍ବର ବେହେରା, ଗୁରୁ ପ୍ରସାଦ ଭୋଇ, ମୁନା କାଣ୍ଡି ପ୍ରମୁଖ ପ୍ରକାଶ କରିଛନ୍ତି। ନୟାହାଟ ବସଷ୍ଟାଣ୍ଡ ଧୁମାଳ ଗଳି ଖଟ ଉପରେ ଉଠା ଜଳଖିଆ ଦୋକାନରେ ଖାଦ୍ୟ ସାମଗ୍ରୀ ଉପରେ ଜରି ପକିଆ ନୟିବାରୁ ଯାତ୍ରୀ ବାସ ବାଲି ଟ୍ରକ୍ ଯାତାୟାତ କରି ଧୂଳି ଖାଦ୍ୟରେ ପଶି ଦୂଷିତ ଖାଦ୍ୟକୁ ଗ୍ରାହକଙ୍କୁ ଖାଇବାକୁ ଦିଆଯାଉଛି। ନୟାହାଟ ଅଞ୍ଚଳରେ ଶତାଧିକ ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଛନ୍ତି। ବଳି ପଡ଼ିଥିବା ଖାଦ୍ୟକୁ ତା'ଆରଦିନ ଛାଣି ପୁଣି ବିକ୍ରି କରୁଛନ୍ତି। ଉଠା ଦୋକାନୀଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ ପାଇଁ ଦାବି ହେଉଛି।

## ସାମ୍ବାଦିକଙ୍କୁ ମାଡ଼ ଅଭିଯୋଗ

ଭାପୁର, ୨୦।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ କାର୍ଯ୍ୟରତ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବାଦ ସଂଗ୍ରହ କରିବା ସମୟରେ ଆକ୍ରମଣ ହୋଇଛି। ଏନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗୁରୁବାର ସନ୍ଧ୍ୟାରେ ବିଜିପୁର ରାସ୍ତାରେ ଘଟିଥିବା ସଡ଼କ ଦୁର୍ଘଟଣାର ସମ୍ବାଦ ସଂଗ୍ରହ କରିବାକୁ ସାମ୍ବାଦିକ ପ୍ରଭାତ କୁମାର ବରାଡ ଘଟଣାସ୍ଥଳକୁ ଯାଇଥିଲେ। ଏହି ସମୟରେ ବିଜିପୁର ଗ୍ରାମର ଲକ୍ଷ୍ମୀଧର ନାୟକ ନାମକ ଜଣେ ବ୍ୟକ୍ତି ପ୍ରଭାତଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ମାଡ଼ ମାରିଥିଲେ। ଭାପୁର ବ୍ଲକ୍‌ରେ ସମ୍ବାଦପତ୍ର ପ୍ରତିନିଧିଙ୍କ ବିରୋଧରେ ଏଭଳି ଆକ୍ରୋଶମୂଳକ ଆଚରଣ ଏବଂ ବିଭିନ୍ନ ଧମକ ତଥା ଆକ୍ଷେପ ମୂଳକ ଗାଳିମନ୍ଦକୁ ତୀବ୍ର ନିନ୍ଦା କରାଯାଇଛି।

## ୬ ମାସ ହେଲା ଏସ୍‌ବିଆଇ ଏଟିଏମ୍‌ରେ ତାଲା




ନୟାଗଡ,୨୦।୧୧(ସମିସ): ନୟାଗଡ ଜିଲ୍ଲା ସଦରଥାନା ଅନ୍ତର୍ଗତ ବାଲୁଗାଁଠାରେ ରହିଥିବା ଏସବିଆଇ ଏଟିଏମ୍ ଦୀର୍ଘ ୬ ମାସ ହେଲା ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୀର୍ଘବର୍ଷ ତଳେ ଏହି ଏଟିଏମ୍ କାର୍ଯ୍ୟକାରୀ କରାଯାଇଥିଲା। ଏହା ଏବେ ଅଚଳ ଅବସ୍ଥାରେ ବନ୍ଦ ହୋଇ ରହିଛି। ଯଥାଶୀଘ୍ର ଏହାକୁ ଖୋଲିବା ସହ କାର୍ଯ୍ୟକାରୀ କରିବାକୁ ଯୁବନେତା ସଞ୍ଜୟ କୁମାର ନାୟକ ଦାବି କରିଛନ୍ତି। ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏଟିଏମ୍ ଖୋଲିବା ଆବଶ୍ୟକ ବୋଲି ମତ ଦେଇଛନ୍ତି।

## ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ, ଦୁଇ ଛାତ୍ର ଆହତ

● ରାସ୍ତା ଅବରୋଧ ଜାରି

ଭାପୁର, ୨୦।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ବିଜିପୁର ରାଜ୍ୟ ରାଜପଥ ୪୮ ରେ ଗୁରୁବାର ସନ୍ଧ୍ୟାରେ ଘଟିଥିବା ଏକ ଦୁର୍ଘଟଣାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ କଲେଜ ଛାତ୍ର ଆହତ ହୋଇଛନ୍ତି। ମୃତ ଛାତ୍ର ହେଲେ ଭାପୁର ବ୍ଲକ୍ ରାକମା ଗ୍ରାମର +୨ କଲେଜ ପାସ କରିଥିବା ଛାତ୍ର ରାଜ ନାୟକ (୧୮)। ସେହି ଗ୍ରାମର ଦୁଇ +୨ ପ୍ରଥମ ବର୍ଷର ଛାତ୍ର ସତ୍ୟ ନାୟକ ଓ ରାକେଶ ସାହୁ ଆହତ ହୋଇଛନ୍ତି। ସେମାନେ ଏକ ବାଇକରେ ରାକମାରୁ ଫତେଗଡ଼ ଆସୁଥିଲେ। ଏହି ସମୟରେ ଫତେଗଡ ପଟୁ ଦ୍ରୁତଗତିରେ ଯାଉଥିବା ଏକ ହାଇୱା ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇ ପଳାଇଥିଲା। ହାଇୱାଟି ରାଜ ନାୟକଙ୍କ ଉପରେ ଚଢିଯିବା ସହ ତାଙ୍କୁ ଘୋଷାରି ନେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ରାଜଙ୍କ ଗୋଟିଏ ଗୋଡ଼ ୧୫ ଫୁଟ ଦୂରରେ ପଡିଥିଲା। ଦୁର୍ଘଟଣାର କିଛି ସମୟ ପରେ ଘଟଣାସ୍ଥଳରେ ରାଜଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇଜଣ ସତ୍ୟ ଓ ରାକେଶ ଆହତ ହୋଇଥିଲେ। ଏପରି ଦୁର୍ଘଟଣା ପରେ ଅଞ୍ଚଳବାସୀ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋ।ଳନକାରୀଙ୍କୁ ବୁଝାସୁଝା କରିଥିଲେ; ତେବେ, ରାତି ୯ ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଛି।

## ପାଞ୍ଚ ଶିକ୍ଷକଙ୍କ ଦରମା ବନ୍ଦ

ଭାପୁର,୨୦।୧୧(ସମିସ): ଜଣେ ଶିକ୍ଷକ ଛାତ୍ରୀଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର କରିଥିବା ଅଭିଯୋଗ ପାଇ ତଦନ୍ତ କରିବାକୁ ଯାଇ ଉକ୍ତ ସ୍କୁଲର ସମସ୍ତ ଶିକ୍ଷକ ଅନୁପସ୍ଥିତ ଥିବା ଦେଖିଥିଲେ ବ୍ଲକ୍ ଶିକ୍ଷାଧିକାରିଣୀ। ଏହା ଫଳସ୍ୱରୂପ ସମସ୍ତ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଦେଇଥିବା ଜଣାପଡିଛି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବଡସହରା ପ୍ରାଥମିକ ବିଦ୍ୟାଳୟରେ। ଜଣେ ଶିକ୍ଷକଙ୍କ ନାମରେ ଅତି ସାଙ୍ଘାତିକ ଅଭିଯୋଗ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ପହଞ୍ଚିଥିଲା। ଏହାର ତଦନ୍ତ କରିବାକୁ ଗତ ଶନିବାର ଭାପୁର ବ୍ଲକ୍ ଶିକ୍ଷାଧିକାରିଣୀ ମୋନାଲିସା ରଥ ସେହି ସ୍କୁଲରେ ପହଞ୍ଚି ଶିକ୍ଷକଙ୍କ ଅନୁପସ୍ଥିତି ଓ କର୍ତ୍ତବ୍ୟରେ ଅବହେଳା ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷାଧିକାରିଣୀ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ୫ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଥିବା ଜଣାପଡ଼ିଛି।

## ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଶେଷ ପର୍ଯ୍ୟାୟରେ

ଓଡଗାଁ,୨୦।୧୧(ସମିସ): ଓଡ଼ଗାଁ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ବିଚ୍ଛିନ୍ନାଞ୍ଚଳ ନେପାଳ ଗ୍ରାମକୁ ସପ୍ତାହରେ ୨ ଦିନ ଲେଖାଏଁ ୩ ଜଣ ଶିକ୍ଷକ ଡେପୁଟେସନରେ ପହଞ୍ଚି ଶିଶୁଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଛନ୍ତି। ଶିକ୍ଷାଦାନ ପାଇଁ ଯାଇଥିବା ଶିକ୍ଷକମାନେ ହେଲେ ବାଣ୍ଟପୁର ସରକାରୀ ଅପଗ୍ରେଡ ହାଇସ୍କୁଲର ଶିକ୍ଷକ ପବିତ୍ରଚନ୍ଦ୍ର ପୃଷ୍ଟି, ବସନ୍ତ କୁମାର ଜେନା, ଚେମେଡି ସରକାରୀ ଅପରପ୍ରାଇମେରି ସ୍କୁଲ ସୁକାନ୍ତ କୁମାର ନାୟକ ଏବଂ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଯୁବକ ଯୁବତୀଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ସମସ୍ତଙ୍କୁ ପାଠ ପଢ଼ାଇବା ପାଇଁ ପୁରୁଷୋତ୍ତମ ପାତ୍ର, ମିଥୁନ କୁମାର ପ୍ରଧାନ ସ୍ୱେଚ୍ଛାସେବୀ ଶିକ୍ଷକମାନେ ଅନ୍ୟ ଶିକ୍ଷକଙ୍କ ସହ ଯାଇ ପାଠ ପଢ଼ାଇବେ। ପାଠ ପଢ଼ାଇବା ପୂର୍ବରୁ ଶିକ୍ଷାର୍ଥୀଙ୍କୁ ପାଠ୍ୟ ଉପକରଣ ସହିତ ପାଠ୍ୟ ପୁସ୍ତକ ଏବଂ ପୋଷାକପତ୍ର ବଣ୍ଟନ କରାଯାଇଥିଲା। ବିଶେଷ କରି ଦୀର୍ଘଦିନ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଥିବା ଅଙ୍ଗନବାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୭ ଦିନ ମଧ୍ୟରେ ତାହା କାର୍ଯ୍ୟକ୍ଷମ ହେବ ବୋଲି ପରିଦର୍ଶନରେ ଯାଇଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଲହଡ଼ି ମାଳା ପ୍ରଧାନ କହିଛନ୍ତି।

### ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ୍

# ଗନ୍ଦରପୁର ଫୁଟ୍‌ବଲ କ୍ଲବ୍ ଫାଇନାଲରେ

ଶରଣକୁଳ, ୨୦।୧୧(ସମିସ): ଶରଣକୁଳ ଲଡୁକେଶ ଆଥଲେଟିକ ଆସୋସିଏସନ ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଚାଲୁ ରହିଥିବା ବେଳେ ଗୁରୁବାର ପଞ୍ଚମ ଦିବସ ଖେଳ ସେଞ୍ଚୁରିୟାନ କ୍ଲବ ଆଫ୍ରିକା ଏକାଦଶ ଓ ଗନ୍ଦରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଦଳ ଆଫ୍ରିକା ଏକାଦଶ ଦଳକୁ ଦ୍ୱିତୀୟାର୍ଦ୍ଧର ୨୩ତମ ମିନିଟ୍‌ରେ ୧-୦ ଗୋଲରେ ପରାସ୍ତ କରି ଆଜିର ଖେଳରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଭୁବନେଶ୍ୱର ଦଳର ୮ନମ୍ବର ଜର୍ସି ଖେଳାଳି ଚନ୍ଦନ ନାୟକ ଆଫ୍ରିକା ଏକାଦଶ ବିପକ୍ଷରେ ଗୋଲ ସ୍କୋର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ଖେଳରେ



ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ ଏବଂ ସମାଜସେବୀ ସନ୍ତୋଷ କୁମାର ପାତ୍ର ଅତିଥି ରୁପେ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ସତ୍ୟନାରାୟଣ ପ୍ରଧାନ, ଉପସଭାପତି ବିକ୍ରମ କୁମାର ଦାଶ, ବୈକୁଣ୍ଠନାଥ ସିଠ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ଦାଶ ପ୍ରମୋଦ କୁମାର ଦାଶ ସହଯୋଗ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ଖେଳ ଏମକେଏସସି ବକ୍ସର ବିହାର ଓ ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ।

## ୧୨ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୦ା୧୧(ସମିସ): ଖୋର୍ଦ୍ଧା ଅବକାରୀ ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ଗୁରୁଜଙ୍ଗ (ମାତାଗଳି)ରେ ଚଢ଼ଉ କରି ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ସ୍ଥାନୀୟ ନନ୍ଦସାହିର କେଶବ ସିଂ (୨୫)। ତାଠାରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ୧୨୦ ଗ୍ରାମ ବ୍ରାଉନସୁଗର ଓ ଏକ ମୋବାଇଲ ଫୋନ୍ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୧୨ଲକ୍ଷ ମୂଲ୍ୟ ହେବ ବୋଲି ବିଭାଗ ଆକଳନ କରିଛି।

କେଶବ ଗୁରୁଜଙ୍ଗ (ମାତାଗଳି) ରେ ବ୍ରାଉନସୁଗର ଧରି ବେପାର କରୁଥିବା ବିଶେଷ ସୂତ୍ରରୁ ଅବକାରୀ ଜିଲ୍ଲା ମୋବାଇଲ ସ୍କ୍ୱାଡ ଖବର ପାଇଥିଲା। ତାକୁ ଧରିବା ଲାଗି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଦିପ୍ରହରରେ ଚଢଉ କରି କେଶବକୁ କାବୁ କରିଥିଲେ। ସେ ବେପାର ଲାଗି ଗ୍ରାହକକୁ ଅପେକ୍ଷା କରିଥିବା ସ୍ୱୀକାର କରିଥିଲା। ସେ ବ୍ରାଉନସୁଗର କିପରି ଏବଂ କାହାଠାରୁ ଆଣୁଥିଲା ତାହାର ଖୋଳତାଡ ବିଭାଗ ଚଳାଇଛି। ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

## ସାମ୍ବାଦିକଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଟାଙ୍ଗୀ,୨୦ା୧୧(ସମିସ): ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡି ଗ୍ରାମ ବାସିନ୍ଦା ଯୁବ ସାମ୍ବାଦିକ ମାନସ ପ୍ରଧାନ ୧୬ନଂ ଜାତୀୟରାଜପଥ ଗୋଡିପଡା ଟୋଲ ପ୍ଲାଜା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏକ ହାଇୱା ଟ୍ରକ ତାଙ୍କ ଗାଡିକୁ ଧକ୍କା ଦେଇ ପଳାଇ ଯାଉଥିବା ବେଳେ ସେଠାରୁ ପ୍ରାୟ ୩ କି.ମି. ଦୂର ରାସ୍ତା ପିଛା କରି ଜଙ୍କିଆଠାରେ ତାକୁ ଠାବ କରି ଜଙ୍କିଆ ଥାନା ଜିମା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ମଦ ଜବତ, ୩ ଗିରଫ

ବେଗୁନିଆ,୨୦ା୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏଥି।।ରେ ୬୮ ଲିଟର ଦେଶୀ ଓ ବିଦେଶୀ ମଦ ସହ ବ୍ୟବହୃତ ବାଇକ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଥାନା ସହକାରୀ ଉପନୀରିକ୍ଷକ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ କୋତଲାଙ୍ଗ ଗ୍ରାମର ବିଜୟ ପାଇକରାୟ, ଡିଙ୍ଗର ଗ୍ରାମର ବିଜୟ ଖୁଣ୍ଟିଆ ଓ ସଂପୁର ଗ୍ରାମର ଗୋଲାପ ଜେନା।

## ପାନ ଦୋକାନରୁ କେଜିଏ ଗଞ୍ଜେଇ ଜବତ, ଜଣେ ଗିରଫ



ବାଲୁଗାଁ, ୨୦ା୧୧(ସମିସ) : ବାଣପୁର ଥାନା ପାଟପୁର ଶାସନ ଗ୍ରାମସ୍ଥିତ ଏକ ପାନ ଦୋକାନରେ ବେଆଇନ ଭାବେ ଗଞ୍ଜେଇ ବିକ୍ରି ନେଇ ବାଣପୁର ଥାନା ଅଧିକାରୀ ରମେଶ ଦେବତାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ପ୍ରଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରିଥିଲା। ଗ୍ରାମର ଅଦୈତ ବେହେରା (୬୦)ଙ୍କୁ ଗିରଫ କରାଯାଇ ତାଙ୍କ ପାନ ଦୋକାନରେ ବିକ୍ରି ପାଇଁ ରଖିଥିବା ୧କେଜି ୧ଶହ ଗ୍ରାମ ଗଞ୍ଜେଇ ଗୁଣ୍ଡ, ୨୮୦ ଗ୍ରାମର ଶୁଖିଲା ଗଞ୍ଜେଇ ଫୁଲ ଓ ଫଳ ସମେତ ସମୁଦାୟ ୧କେଜି ୩୮୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରେ କାରାଗାରକୁ ପଠାଇ ଦିଆଯାଇଛି। ଚଢ଼ଉରେ ଏକ୍‌ଜକ୍ୟୁଟିଭ୍ ମାଜିଷ୍ଟ୍ରେଟ ସୁକନ୍ୟା ରାଉଳ ସାମିଲ ହେଇଥିଲେ।

## ଟ୍ରକ-ବାଇକ୍ ଧକ୍କା; ଜଣେ ଗୁରୁତର

ବୋଲଗଡ଼, ୨୦ା୧୧(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ବ୍ଲକ କପାସିଆ ନିକଟରେ ଏକ ଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ଆଜି ଅପରାହ୍ନରେ ନୟାଗଡରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ ଏବଂ ଏକ ବାଇକ ମଧ୍ୟରେ କପାସିଆ ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା। ଏଥିରେ ନୟାଗଡ଼ ଅଭିମୁଖେ ବାଇକ ଯୋଗେ ଯାଉଥିବା ନୟାଗଡ଼ ଜିଲ୍ଲା ଓଡ଼ଗାଁ କରଡ଼ା ରଘୁନାଥପୁର ଅଞ୍ଚଳର ସତ୍ୟନାରାୟଣ ମହାପାତ୍ର (୫୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବୋଲଗଡ଼ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବୋଲଗଡ଼ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

ଟାଙ୍ଗୀ,୨୦ା୧୧(ସମିସ): ଚିଲିକା ବ୍ଲକ ଅଧିନସ୍ଥ ଜରିପଡା ପଞ୍ଚାୟତ ଜାଗୁଲାଇ ମନ୍ଦିରଠାରୁ କେଦାର ପ୍ରଧାନଙ୍କ ଘର ପର୍ଯ୍ୟନ୍ତ ହୋଇଥିବା କଂକ୍ରିଟ ରାସ୍ତା କାର୍ଯ୍ୟ ନିମ୍ନମାନର ତଥା ଅଧାପନ୍ତରିଆ ହୋଇଥିବା ସଂପର୍କରେ ଚିଲିକା ବିଡିଓଙ୍କୁ ଲିଖିତ ଅଭିଯୋଗ ପରେ କନିଷ୍ଠଯନ୍ତ୍ରୀ ତଦନ୍ତ କରୁଥିବା ଜଣାପଡିଛି। ଚିଲିକା ପଞ୍ଚାୟତ ସମିତି ଅନୁଦାନ ପାଞ୍ଚ ଲକ୍ଷ ଟଙ୍କାରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଅମିତା ପୃଷ୍ଟିଙ୍କ ନାମରେ ବିଭାଗୀୟ କାର୍ଯ୍ୟାଦେଶ ପରେ କରାଯାଇଥିବା କାର୍ଯ୍ୟ ନିମ୍ନମାନର, କଂକ୍ରିଟ ନିର୍ଧାରିତ ମାପରେ କରାଯାଇନଥିବା ବେଳେ କାମ ଅଧା ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ସହକାରୀ ଯନ୍ତ୍ରୀ ମଧୁସ୍ମିତା ତ୍ରିପାଠୀ କହନ୍ତି ଅଭିଯୋଗର ତଦନ୍ତ ଚାଲିଛି ଏବଂ କୌଣସି ବିଲ ମଂଜୁର ହୋଇନାହିଁ।

# କେରଙ୍ଗରୁ ଉଦ୍ଧାର ହେଲେ ଅପହୃତା ନାବାଳିକା

ଖୋର୍ଦ୍ଧା/ ନିରାକାରପୁର,୨୦ା୧୧(ସମିସ)

୧୧ଦିନ ଧରି ଜଙ୍କିଆ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକା କଲେଜ ଛାତ୍ରୀଙ୍କୁ ପୁଲିସ ଆଦର୍ଶଥାନା ଅଧିନ କେରଙ୍ଗ ଅଞ୍ଚଳରୁ ଉଦ୍ଧାର କରିଛି। ଆଜି ତାଙ୍କର ଡାକ୍ତରୀ ମାଇନା, ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆସନ୍ତାକାଲି ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯିବ ବୋଲି ଥାନାଧିକାରୀ ସୁଶାନ୍ତ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନାବାଳିକା ଅପହରଣ ଘଟଣାରେ ଏପର୍ଯ୍ୟନ୍ତ କେହି ଅପହରଣକାରୀ ଗିରଫ ହୋଇନାହାନ୍ତି। ତଦନ୍ତ ଜାରି ରହିଛି ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅପରପାଶ୍ୱର୍ରେ ଏହି ଘଟଣାକୁ ନେଇ ମହିଳା କମିଶନଙ୍କ ପକ୍ଷରୁ ୨ଜଣ ସଦସ୍ୟା ଥାନାକୁ ଆସି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି।

ପ୍ରକାଶଥାଉକି, ଗତ ୮ ତାରିଖରେ ୧୬ବର୍ଷିୟ ନାବାଳିକା ଜଣକ କଲେଜ ଯାଇ ଆଉ ଘରକୁ ଫେରିନେଇଥିଲେ। ପରିବାର ଲୋକ ୯ ତାରିଖରେ ପ୍ରଥମେ ସିକୋ ଫାଣ୍ଡି, ୧୦ ତାରିଖରେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସେହି ଦିନ ପୂର୍ବାହ୍ନରେ ନାବାଳିକା ବାପାଙ୍କୁ ଫୋନ କରି ପଙ୍ଗାରସିଂ ଗ୍ରାମରେ ଜନୈକ ପରିବାରରେ ଥିବା କହିଥିଲେ। କିନ୍ତୁ ପରିବାର ଲୋକ ସେଠାରେ ପହଁଚିବାରେ ଫୋନ୍ ସୁଇଚ ବନ୍ଦ ଥିଲା। ନାବାଳିକା ସୁରକ୍ଷା ନେଇ ପରିବାର ଲୋକ ଚିନ୍ତା କରିଥିବାବେଳେ ସେମାନଙ୍କ ଅଭିଯୋଗ କ୍ରମେ ଜଙ୍କିଆ ପୁଲିସ ଗତ ୧୧ ତାରିଖରେ ଏକ ମାମଲା ରୁଜୁ କରିଥିଲା। ଏହା ସତ୍ତ୍ୱେ ଗତକାଲି ନାବାଳିକାଙ୍କ ଲାଇଭ ଭିଡିଓ ଭାଇରାଲ ପରିବାର ପକ୍ଷରୁ ପୁଣି ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ଅପହରଣ ଘଟଣାରେ ପୁଲିସର ନୀରବତାକୁ ନେଇ ହିନ୍ଦୁଜାଗରଣ ମଞ୍ଚ ଏସପିଙ୍କୁ ଦାବିପତ୍ର ଦେଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶର ୨୪ଘଣ୍ଟା ମଧ୍ୟରେ ନାବାଳିକାକୁ ପୁଲିସ ଉଦ୍ଧାର କରିଛି।

## ଅପହୃତା ନାବାଳିକା ଖୋର୍ଦ୍ଧାରୁ ଉଦ୍ଧାର

ଖୋର୍ଦ୍ଧା,୨୦ା୧୧(ସମିସ): ବାଘମାରୀ ଥାନା ଅଞ୍ଚଳରୁ ୨ଦୁଇ ତଳେ ନିଖୋଜ ୧୬ବର୍ଷିୟା ନାବାଳିକାକୁ ଗୁରୁବାର ଖୋର୍ଦ୍ଧାରୁ ଆଦର୍ଶ ଥାନା ପୁଲିସ ଉଦ୍ଧାର କରିଛି। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୁଲିସ ମେଡିକାଲରେ ପହଁଚି ତଦନ୍ତ ଆରମ୍ଭ କରିଥିବାବେଳେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ଅପହରଣ ମାମଲା ରୁଜୁ ହୋଇଛି। ପୂର୍ବାହ୍ନରେ କୌଣସି ଏକ ସ୍ଥାନରୁ କେହି ବ୍ୟକ୍ତି ନାବାଳିକାଙ୍କୁ ଉଦ୍ଧାର କରି ଆଣି ମେଡିକାଲ୍‌ରେ ଛାଡିଥିଲେ। ମେଡିକାଲ କର୍ତ୍ତୃପକ୍ଷ ତାଙ୍କର ଚିକିତ୍ସା କରି ଆଦର୍ଶ ଥାନାକୁ ଖବର ଦେଇଥିଲେ। ପୁଲିସ ତାଙ୍କୁ ଥାନାକୁ ନେଇ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ଏବଂ ବାଘମାରୀ ପୁଲିସ ପହଁଚିଥିଲା। ସେଠାରେ ପୁଣି ଥରେ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପୁଲିସ ତାଙ୍କୁ ମେଡିକାଲକୁ ଆଣିଥିଲା। ସେ ଚେତାଶୂନ୍ୟ ହୋଇ ପଡିବା ଏବଂ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ପ୍ରକାଶ ଥାଉକି, ନାବାଳିକା ଝିଅ ଜଣକ ଖୋର୍ଦ୍ଧାର ଏକ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ। ଗତ ୧୮ ତାରିଖ ଦିନ ସେ କଲେଜ ଆସି ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ବହୁ ଖୋଜା ଖୋଜି ପରେ ୧୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଚାନ୍ଦପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଲା

ଟାଙ୍ଗୀ,୨୦ା୧୧(ସମିସ) : ଚାନ୍ଦପୁର ପଞ୍ଚାୟତ ସରପଞ୍ଚ ରଞ୍ଜିତା ସେନାପତିଙ୍କ ବିରୁଦ୍ଧରେ ୱାର୍ଡ ସଭ୍ୟସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଆଜି ହେବାକୁ ଥିବା ଆସ୍ଥା ଭୋଟ କାଟ ଖାଇବା ପରେ କେବଳ ଚାନ୍ଦପୁର ନୁହେଁ ରଣପୁର ପଞ୍ଚାୟତ ସମିତି ସମେତ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଅଙ୍କକଷା ଭୁଲ ପ୍ରମାଣିତ ହୋଇଛି। ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ନିର୍ବାଚିତ ୱାର୍ଡ ସଭ୍ୟସଭ୍ୟାମାନେ ନିଜର ଦଳୀୟ ମତ ପରିବର୍ତ୍ତନ କରି ବିଧିବଦ୍ଧ ଭାବେ ନିର୍ବାଚିତ ରଣପୁର ବ୍ଲକ ର ଚାନ୍ଦପୁର ମହିଳା ସରପଞ୍ଚ ଶ୍ରୀମତି ସେନାପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହାକୁ କେନ୍ଦ୍ର କରି ବିଗତ କିଛି ଦିନ ହେଲା ଚାନ୍ଦପୁର ର ରାଜନୈତିକ ପାଣି ପାଗ ସରଗରମ ହୋଇ ଉଠିଥିଲା।

ସରପଞ୍ଚ ଶ୍ରୀମତୀ ସେନାପତିଙ୍କ ଦିଅର କୁଆଡେ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ ବୋଲି ଅଭିଯୋଗ ହେଉଥିଲା। ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ଏକାଠି କରି ସେମାନଙ୍କ ସମର୍ଥନ ହାସଲ କରିବାରେ ସଫଳ ହୋଇ ଅନାସ୍ଥା ପ୍ରସ୍ତାବ ଆଗତ ଦରଖାସ୍ତ ନୟାଗଡ଼ ଉପଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ଏହି ଦରଖାସ୍ତ ଓ ଆବେଦନକାରୀଙ୍କ ଦସ୍ତଖତକୁ ବିଭାଗୀୟ ଅଧିକାରୀ ମାନେ ଯାଞ୍ଚ କରି ଏହା ଆଇନାନୁମୋଦିତ ହୋଇଥିବା ଉପଲବ୍ଧ କରିବା ପରେ ଚଳିତ ନଭେମ୍ବର ୨୦ତାରିଖ ଦିନକୁ ଅନାସ୍ଥା ପ୍ରସ୍ତାବ ଆଗତ ଓ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏଥିପାଇଁ ଗୁରୁବାର ଦିନ ନିର୍ଧାରିତ ସମୟ ସ୍ଥିର ହୋଇଥିଲା। ନିର୍ଦ୍ଧାରିତ ସମୟରେ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବ ଦମନ, ଅତିରିକ୍ତ ତହସିଲଦାର ବିଜୟ ବାରିକ, ଅତିରିକ୍ତ ବିଡ଼ିଓ ଅବିନାଶ ପତି, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମିନୀ ଖଟୁଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅତୁଲ ପ୍ରଧାନ ଓ ଏଡିଇଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଚାନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଚାନ୍ଦପୁର ଥାନାଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ସଶସ୍ତ୍ର ପୁଲିସ ଫୋର୍ସ ମଧ୍ୟ ଉପସ୍ଥିତ ଥିଲେ। ସରପଞ୍ଚ ଶ୍ରୀମତୀ ସେନାପତି ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବାକୁ ଉପସ୍ଥିତ ରହିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନାସ୍ଥା ପ୍ରସ୍ତାବ ଆଗତ କରି ଥିବା ଜଣେ ହେଲେ ୱାର୍ଡ ସଭ୍ୟ/ସଭ୍ୟା ଉପସ୍ଥିତ ହୋଇ ନ ଥିଲେ। ତେଣୁ ଅନାସ୍ଥା ପ୍ରସ୍ତାବ ପଞ୍ଚାୟତିରାଜ ଆଇନାନୁସାରେ ନାକଚ ହୋଇଯାଇଥିବା ସୂଚନା ମିଳିଛି। ଅନାସ୍ଥା ଭୋଟ ପାଇଁ ସମୁଦାୟ ୧୭ ଜଣ ୱାର୍ଡ ସଭ୍ୟସଭ୍ୟା ଅନୁପସ୍ଥିତ ଥିଲେ।

## ୨୩ରୁ ଗୟାବନ୍ଧ ରାଜ୍ୟସ୍ତରୀୟ ଫୁଟବଲ

ନିରାକାରପୁର,୨୦ା୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧଠାରେ ବାପୁଜୀ କ୍ଲବ ଆସୋସିଏସନ୍ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୩ ତାରିଖରୁ ଆରମ୍ଭ ହୋଇ ୩୦ରେ ସମାପ୍ତ ହେବ। ଉଦଘାଟନୀ ଦିବସରେ ଏମଏସଏ ଶରଧାପୁର ବନାମ କେରଙ୍ଗ ଅହମଦିଆ କ୍ଲବ, ୨୪ ତାରିଖ ତରତୁଆ ରିଜିମ ଷ୍ଟାର ବନାମ ବୋଲଗଡ଼ ଫୁଟବଲ କ୍ଲବ୍ , ୨୫ ତାରିଖରେ ଏଜି କ୍ଲବ୍ ଖୋର୍ଦ୍ଧା ବନାମ ୭୨ ବାରଙ୍ଗ ଫୁଟବଲ, ୨୬ ତାରିଖରେ ଇଟାମାଟି ଯଦୁମଣି ସ୍ପୋର୍ଟସ କ୍ଲବ୍ ବନାମ ଜଟଣୀ କୁସୁମାଟି ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ସହିତ ୨୭ ତାରିଖରେ ପ୍ରଥମ ସେମିଫାଇନାଲ ଓ ୨୮ ରେ ଦ୍ୱିତୀୟ ସେମି ଫାଇନାଲ, ୩୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର ସ୍ଥିର ହୋଇଛି।

# ଉଚ୍ଚ ବିଦ୍ୟାଳୟର ସମସ୍ୟା ନେଇ ଗ୍ରାମବାସୀଙ୍କ ଅସନ୍ତୋଷ

ବେଗୁନିଆ, ୨୦ା୧୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତିର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ସହ ବିଭିନ୍ନ ସମସ୍ୟା ଲାଗିରହିଥିବାରୁ ଶିକ୍ଷକ ଅଭାବ ଯୋଗୁଁ ନବମ ଓ ଦଶମ ଶ୍ରେଣୀରେ ଆଦୌ ପାଠପଢା ହୋଇପାରୁ ନାହିଁ । ସରପଞ୍ଚ କରୁଣାକର ଦଳସିଂହରାୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଏବେ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ଛତ୍ରପଡା ଉଚ୍ଚ ବିଦ୍ୟାଳୟକୁ ଦୁଇ ଦିନ ଡେପୁଟେସନ କରାଯାଇଛି। ଫଳରେ ସରପଞ୍ଚ କରୁଣାକର ଦଳସିଂହରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିବାସଚନ୍ଦ୍ର ପାଇକରାୟ, ଉପସଭାପତି ଗୀତାଞ୍ଜଳି ଜୁଝାର ସିଂହ, ରଶ୍ମିତା ଗୁମାନସିଂହ ଙ୍କ ସମେତ ଅନ୍ୟ ସଭ୍ୟ ସଭ୍ୟାଙ୍କ ସମେତ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ଏକତ୍ରିତ ହୋଇ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ଜଣାଇ ଥିଲେ। ସମସ୍ୟାର ସମାଧାନ ହୋଇ ନ ପାରିବାରୁ ଆସନ୍ତାକାଲି ଶୁକ୍ରବାର ବିଦ୍ୟାଳୟରେ ତାଲା ପକାଯିବ ବୋଲି ଉପସ୍ଥିତ କମିଟି ସଭ୍ୟ ସଭ୍ୟା, ସରପଞ୍ଚ ଓ ଅଭିଭାବକ ନିଷ୍ପତ୍ତି ନେଇ ପ୍ରଧାନ ଶିକ୍ଷକ ଶ୍ରୀ ସାହୁଙ୍କୁ ଜଣାଇଥିଲେ। ସରପଞ୍ଚ ଶ୍ରୀ ଦଳସିଂହରାୟ ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବେଗୁନିଆ ଥାନା ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିବାର ପ୍ରଧାନ ଶିକ୍ଷକ ଶ୍ରୀ ସାହୁ କହିଛନ୍ତି।

## ବେଗୁନିଆରେ ବୃଦ୍ଧାଶ୍ରମ ଶିଳାନ୍ୟାସ



ବେଗୁନିଆ, ୨୦ା୧୧(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଭରସା ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପ୍ରତିମା ପ୍ରଧାନଙ୍କ ଆବାହକତ୍ୱରେ ବୃଦ୍ଧାଶ୍ରମ ଉଦଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଭାଗିରଥି ପରିଡ଼ାଙ୍କ ଅଧକ୍ଷତା ଓ କବି ଜଗଦୀଶ ପାତ୍ରଙ୍କ ସଂଯୋଜନାରେ ତହସିଲଦାର ତାପସ ବିଶି ଉଦଘାଟକ, ମାନସ ବେହେରା ମୁଖ୍ୟବକ୍ତା, ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ,୨୦ା୧୧(ସମିସ): ଟାଙ୍ଗୀ ବ୍ଲକ ଅଧିନସ୍ଥ ସାମନ୍ତ ଗୋପୀନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନକୁସୁମିରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ସଂପାଦକ ପ୍ରସନ୍ନ ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ସ୍ଥାନୀୟ ବଡ଼ପୋଖରୀଆ ପାଟଣା ଓ ଚମ୍ପାଦେଇପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ କୃତୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଆଞ୍ଚଳିକ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ଏହି ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଭାଗୀରଥି ସାମନ୍ତରାୟ, ଚିଲିକା ସରକାରୀ ଓକିଲ ସୁରେନ୍ଦ୍ର କୁମାର ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗୋପୀନାଥ ଓଲ୍ଡ ଷ୍ଟୁଡେଣ୍ଟସ ଆସୋସିଏସନ୍ (ଗୋସା)ର ସଭାପତି କୁମର ରାଉତ,ଓ ସଭ୍ୟ ମାନସ କୁମାର ସାହୁ, ସ୍କୁଲ ପରିଚାଳନା ପରିଷଦର ସଭାପତି ଦିଲ୍ଲିପ କୁମାର ପ୍ରଧାନ, ଶିକ୍ଷକ ବିଶ୍ୱରଂଜନ ଦାସ, ରବିନ୍ଦ୍ର କୁମାର ବେହେରା, ସୁନିଲ ମହାପାତ୍ର, ବନ ବିହାରି ବେହେରା, ଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର, ସନ୍ଧ୍ୟାରାଣୀ ବେହେରା,ବନ୍ଦିତା ସ୍ୱାଇଁ ଉପସ୍ଥିତ ଥିଲେ। ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ (ଉଭା) ସହାୟତାରେ ଅଞ୍ଚଳର କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମରଣାର୍ଥେ ପ୍ରଫୁଲ୍ଲ ଶିଶୁ ପ୍ରତିଭା ସମ୍ମାନ ଓ ଭୂମିଦାତାଙ୍କ ସ୍ମରଣାର୍ଥେ ଲୋକନାଥ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବରିଷ୍ଠ ଦୃଷ୍ଟି ବିଶେଷଜ୍ଞ ଡ଼. ନିରଞ୍ଜନ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସୂଚନା ଅଧିକାର ଅଭିଯାନର ବିକ୍ଷୋଭ



ଖୋର୍ଦ୍ଧା,୨୦ା୧୧(ସମିସ): ରାଜ୍ୟ ସୂଚନା କମିଶନଙ୍କ ମନମୁଖୀ ଓ ଆଇନ ବିରୋଧୀ କାର୍ଯ୍ୟ ପ୍ରତିବାଦରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶେଷ କରି ମୁଖ୍ୟ ସୂଚନା କମିଶନର ଓ ଅନ୍ୟ କମିଶନର ମାନେ ଯେଭଳି ଭାବେ ଅବାନ୍ତର ଅର୍ଡର ଏବଂ ବେଆଇନ କେଶ ଶୁଣାଣି କରୁଛନ୍ତି ତାକୁ ସୂଚନା ଅଧିକାର କର୍ମୀ ମାନେ ତୀବ୍ର ବିରୋଧ କରିଛନ୍ତି। ଏହି ମର୍ମରେ ଓଡିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ପାଣିଗ୍ରାହୀ, ହୃଦାନନ୍ଦ କୋଦମାସିଂହ, ରବୀନ୍ଦ୍ର ମହାକୁଡ଼, ସଚିକାନ୍ତ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ଅମରେଶ ରାଉତରାୟ, ସୂର୍ଯ୍ୟ ମହାନ୍ତି, ବିଟୁ ମହେଶ, ଭାଗିରଥି ସାହୁ, ଗଣେଶ୍ୱର ସେନାପତି, ଜାପି ପଟ୍ଟନାୟକ, କାଳିଆ ସେନାପତି, ଗୌତମ ମହାରଣା, ଭାଗିରଥି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ବାଲୁଗାଁ-ବାଣପୁରରେ ଘରେ ଘରେ କାଶ, ଥଣ୍ଡା ଜ୍ୱର

ବାଲୁଗାଁ;୨୦ା୧୧(ସମିସ) ; ବାଲୁଗାଁ, ବାଣପୁର ତଥା ଚିଲିକା ଅଞ୍ଚଳର ପ୍ରାୟତଃ ଘରେ ଘରେ କାଶ, ଥଣ୍ଡା ଓ ଜ୍ୱର ଆଦି ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ଶୀତ ବିଳମ୍ବରେ ଆସିଥିବା ବେଳେ ବର୍ଷା ପରେ ପରେ ହଠାତ ଚିଲିକା ଅଞ୍ଚଳରେ ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇଥିବା ପରିଲକ୍ଷିତ ହେଉଛି। କିଛି ଦିନ ହେଲା ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ପରିବର୍ତ୍ତିତ ପାଣିପାଗ ଯୋଗୁଁ ଘରେ ଘରେ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ କାଶ, ଥଣ୍ଡା ଓ ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ପଡିଥିବା ଦେଖିବାକୁ ମିଳୁଛି। ଆକ୍ରାନ୍ତ ବାଣପୁର, ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଘରୋଇ ଚିକିତ୍ସାଳୟରେ ଲମ୍ବାଧାଡ଼ି ଲଗାଉଛନ୍ତି।

# ଯାତ୍ରୀବାହୀ ବସ୍ ସେବାରୁ ବଞ୍ଚିତ ଟାଙ୍ଗୀ-ଚାନ୍ଦପୁର

ଟାଙ୍ଗୀ, ୨୦ା୧୧(ସମିସ)

ଦୀର୍ଘ ଦିନ ହେଲା ଟାଙ୍ଗୀ ଚାନ୍ଦପୁରର ଯାତ୍ରୀମାନେ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ଟାଙ୍ଗୀ ଚାନ୍ଦପୁର ବଜାର ଦେଇ ଯାତ୍ରୀ ବାହୀ ବସ୍ ଗୁଡିକ ଯାତାୟାତ କରିବାକୁ ରାଜ୍ୟ ପରିବହନ ଅଧିକାରୀଙ୍କଠାରୁ ଅନୁମତି ପତ୍ର ହାସଲ କରିଥିଲେ ମଧ ଅଧିକାଂଶ ବସ୍ ଟାଙ୍ଗୀ ଚାନ୍ଦପୁର ବଜାର ଭିତର ଦେଇ ନ ଯାଇ ୧୬ନଂ ଜାତୀୟରାଜପଥର ଟାଙ୍ଗୀ ଚାନ୍ଦପୁର ବାଇପାସ ଦେଇ ଯାତାୟାତ କରୁଛନ୍ତି। ଯାତ୍ରୀବାହୀ ବସ୍‌ଗୁଡିକ ଟାଙ୍ଗୀ ଚାନ୍ଦପୁର ଯାତ୍ରୀମାନଙ୍କୁ ବାଇ ପାସ ଆରମ୍ଭ ଓ ଶେଷ ସ୍ଥଳରେ ଜବରଦସ୍ତ ଓହ୍ଲାଇ ଦେଇ ପଳାଇ ଯାଉଛନ୍ତି। ଏପରିକି ବ୍ରହ୍ମପୁର, ଛତ୍ରପୁର, ଆସ୍କା, ଖଲିକୋଟ, ବୁଗୁଡା, ପୋଲସରା ଅଞ୍ଚଳରୁ ଟାଙ୍ଗୀ ଚାନ୍ଦପୁର ଆସୁଥିବା ଯାତ୍ରୀମାନଙ୍କୁ ବସରେ ଆଣୁନଥିବା, ଏପରିକି ବସ୍ ଟାଙ୍ଗୀ ଚାନ୍ଦପୁର ବାଇପାସ ଦେଇ ଯିବ ବୋଲି କହି ଯାତ୍ରୀଙ୍କୁ ଆଣୁଥିବା ଅଭିଯୋଗ ହେଉଛି।



କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ଆଡୁ ଆସୁଥିବା ଯାତ୍ରୀମାନଙ୍କୁ ଚାନ୍ଦପୁର ବାଇପାସ ଆରମ୍ଭ ସ୍ଥଳରେ ବିଭିନ୍ନ ଆଳଦେଖାଇ ଓହ୍ଲାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଫଳରେ ସରକାରୀ କର୍ମଚାରୀ, ବୟସ୍କ, ଭିନ୍ନକ୍ଷମ ବିଶେଷକରି ମହିଳା ଯାତ୍ରୀ ମାନେ ନାହିଁନଥିବା ହଇରାଣ ହେଉଛନ୍ତି। ରାତିରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ଅବସ୍ଥା କହିଲେ ନସରେ। ଟାଙ୍ଗୀ ଚାନ୍ଦପୁର ବୋଧହୁଏ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଯାତ୍ରୀବାହୀ ବସ ଯାତାୟାତ ତାଲିକାରେ ନାହିଁ ବୋଲି ସମାଲୋଚନା କରାଯାଉଛି। ଅପର ପକ୍ଷେ ଗଞ୍ଜାମ,କଟକ ଜିଲ୍ଲାରୁ ଆସୁଥିବା ଯାତ୍ରୀବାହୀ ବସ ଗୁଡିକ ବାଇପାସରେ ଯିବା ଯୋଗୁ ବାଲୁଗାଁ ଓ ବାଣପୁର ଇତ୍ୟାଦି ଅଞ୍ଚଳରୁ ଆସୁଥିବା ଯାତ୍ରୀବାହୀ ବସ ଗୁଡିକ ପାଇଁ ଏକ ପ୍ରତିବନ୍ଧକ ରହିଥିବା ଦେଖିବାକୁ ମିଳୁଛି। ଟାଙ୍ଗୀକୁ ସହଜରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର ମନେ ହେଉଛି। ଏଥିପାଇଁ

### ଆନ୍ଦୋଳନ ଚେତାବନୀ

ଜାତୀୟ ରାଜପଥ ପ୍ରାଧିକରଣଙ୍କ ଦୂରଦୃଷ୍ଟି ଅଭାବ ସମ୍ପୂର୍ଣ୍ଣ ରୂପେ ଦାୟୀ ବୋଲି ଅଭିଯୋଗ ହେଉଛି। ୧୬ନଂ ଜାତୀୟ ରାଜପଥ ୬ଲେନ ବିଶିଷ୍ଟ ରାସ୍ତା ହେବାକୁ ଥିବା ବେଳେ ଟାଙ୍ଗୀ ବଡ଼ପାରୀ ପୂର୍ତ୍ତ ବିଭାଗ ରାସ୍ତା ଉପରେ ଯେଉଁ ଉଚ୍ଚା ସେତୁ ନିର୍ମାଣ କରାଯାଇଛି ତାହାର ଉଭୟ ପାଶ୍ୱର୍ ୬ ଲେନ ପରିବର୍ତ୍ତେ ୪ଲେନ କରାଯିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏତଦ ବ୍ୟତୀତ ତାହା ନିକଟରେ ଟାଙ୍ଗୀ ଚାନ୍ଦପୁର ସହରକୁ ପ୍ରବେଶ କରିବାକୁ ଯେଉଁ ଉଡ଼ନ୍ତା ସେତୁ ନିର୍ମାଣ କରାଯାଇ ଏକ ଅଣ୍ଡର ପାସ ନିର୍ମାଣ କରାଯାଇଛି ଯାହା ଯାତ୍ରୀବାହୀ ବସ ଯାତାୟାତ ପାଇଁ ଆଦୌ ସୁବିଧା ଜନକ ନୁହେଁ। ଜାତୀୟ ରାଜପଥ ପ୍ରାଧିକରଣଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅଭିଜ୍ଞ ଯନ୍ତ୍ରୀ ମାନେ ଖାମ ଖିଆଲି ଭାବେ ପାରିପାର୍ଶିକ ପରିସ୍ଥିତିକୁ ଅନୁଧ୍ୟାନ ନକରି ଏପରି ନିର୍ମାଣ କରିବା ଦ୍ୱାରା ବସ ମାଲିକମାନେ ଅଯଥା ହଇରାଣ ହେବା ସହିତ ଯାତ୍ରୀମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଟାଙ୍ଗୀଚାନ୍ଦପୁର ବସ ଯାତ୍ରୀ ମାନଙ୍କ ଅସନ୍ତୋଷ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଟାଙ୍ଗୀ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ମାନ୍ୟତା ଘୋଷଣା ପରେ ଏ ଅଞ୍ଚଳର ଅବିସ୍ଥିତି ଆଗାମୀ ଦିନରେ ପରିବର୍ତ୍ତନ ହେବାର ଆଶା ଉଜ୍ଜ୍ୱଳ ହେଉଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ସେବାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେବା ବାସ୍ତବିକ ଚର୍ଚ୍ଚାର ଖୋରାକ ଯୋଗାଇଦେଇଛି। ରାଜ୍ୟ ପରିବହନ କମିଶନରଙ୍କ ସମେତ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ଟାଙ୍ଗୀ ଚାନ୍ଦପୁର ସହର ଦେଇ ଯାତାୟତ କରିବାକୁ ପାଇଥିବା ପରମିଟ ସମୟ ସାରଣୀରେ ଯାତାୟତ କରିବା ପ୍ରତି ପରିବହନ ବିଭାଗ ନଜର ଦେବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗାମୀ ମାସକ ମଧ୍ୟରେ ଏହାର ବିକଳ୍ପ ବ୍ୟବସ୍ଥା କରା ନ ଗଲେ ବାଧ ହୋଇ ଜାତୀୟରାଜପଥକୁ ଅବରୋଧ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

● କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଆଇଆର୍‌ବି ଓ କୁମାରବସ୍ତ ବିଜୟୀ

ଖୋର୍ଦ୍ଧା,୨୦ା୧୧(ସମିସ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଆଇ.ଆର.ବି ଦଳ କୁମାରବସ୍ତ କୁ ୧୭ ରନ୍ ରେ ପରାସ୍ତ କରିଛି। ଆଇ.ଆର.ବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶିଲ ପ୍ରଧାନଙ୍କ ୮୬ରନ୍ ସହାୟତାରେ ୧୫ ଓଭର ରେ ୧୭୨ ରନ୍ ସଂଗ୍ରହ କରିଥିଲେ। ଜବାବରେ କୁମାରବସ୍ତ ଦଳ ଦେବାଶିଷ ବଳିଆରସିଂହ ଙ୍କ ୬୪ ରନ ସହାୟତାରେ ୧୫ ଓଭର ରେ ୧୫୫ ରନ୍ କରି ପରାଜିତ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚରେ କୁମାରବସ୍ତ ଦଳ କଳାପଥର ଦଳକୁ ୩୦ ରନ ରେ ପରାଜିତ କରିଥିଲେ। ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୭ ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବି ବି ରାଉତରାୟ ୨୮ ରନ କରିଥିଲେ। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ଓଭର ରେ ୯ୱିକେଟ ହରାଇ ୧୧୮ ରନ୍‌ରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ କୁମାରବସ୍ତ ଦଳର ବି.ବି.ରାଉତରାୟଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ, ଶ୍ରଦ୍ଧାକର ପାତ୍ର ଓ ସୁବ୍ରତ ରାଉତରାୟ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୯୦
- ପାଉଣ୍ଡ ୧୧୫.୭୩
- ୟୁରୋ ୧୦୨.୧୫
- ୟେନ୍ ୦.୫୬

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୪,୪୬୦ (ନୂଆଦିଲ୍ଲୀ)
- ରୁପା : ୧,୬୮,୧୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୫,୬୩୨.୦୦
- ନିଫ୍ଟି ୨୬,୧୯୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌ରେ ବାର୍ଷିକ ମନଇଚ୍ଛା ବୃଦ୍ଧିକୁ ନେଇ ବଢୁଛି ଅସନ୍ତୋଷ

# ଭାରତରେ ଚିକିତ୍ସା ମୁଦ୍ରାସ୍ଫୀତି ବିଶ୍ୱରେ ସର୍ବାଧିକ




**୨୦% ମଧ୍ୟରେ ରହିବ ଏଜେଣ୍ଟ କମିସନ**

**ପ୍ରିମିୟମ୍ ବୃଦ୍ଧି ଉପରେ ଲାଗିବ ରୋକ୍**

**ଚିକିତ୍ସା ପ୍ୟାକେଜ୍ ମୂଲ୍ୟ କମ୍ କରିବାକୁ ସରକାରଙ୍କ ଯୋଜନା**

**ବୀମା କମ୍ପାନୀ ଓ ହସ୍ପିଟାଲ ମନଇଚ୍ଛା ପ୍ୟାକେଜ୍ ହାର ସ୍ଥିର କରିପାରିବେନି**

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ସମ୍ପ୍ରତି ସରକାର ଦେଶରେ ହୁ ହୁ ହୋଇ ବଢୁଥିବା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌ରେ ଲଗାମ୍ ଲଗାଇବାକୁ ଯାଉଛନ୍ତି। ଏଥିରେ ହେଉଥିବା ବାର୍ଷିକ ପ୍ରିମିୟମ୍ ବୃଦ୍ଧିକୁ କମ୍ କରିବା ପାଇଁ ଅନେକ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ମଧ୍ୟରେ ଏଜେଣ୍ଟ କମିଶନକୁ ୨୦% ପର୍ଯ୍ୟନ୍ତ ସୀମିତ କରିବା ଏବଂ ହସ୍ପିଟାଲ ଚିକିତ୍ସା ପ୍ୟାକେଜ୍ ହାର ହ୍ରାସ କରିବା ସମ୍ପର୍କିତ ପ୍ରସ୍ତାବ ଅନ୍ତର୍ଭୁକ୍ତ। ଏହି ପ୍ରସ୍ତାବଗୁଡ଼ିକୁ ବୀମା ନିୟାମକ, ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ନିକଟରେ ଦାଖଲ କରାଯାଇଛି। ବର୍ତ୍ତମାନ ନିଷ୍ପତ୍ତି ବିଚାରାଧୀନ ଅଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବୀମା କମ୍ପାନୀଗୁଡିକର ସିଇଓ, ପ୍ରମୁଖ ହସ୍ପିଟାଲ ମାଲିକ ଏବଂ ଆଇଆର୍‌ଡିଏଆଇ ଅଧିକାରୀଙ୍କ ସହିତ ଏ ସମ୍ପର୍କରେ ବୈଠକ କରିଛି। ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ରେ ମନଇଚ୍ଛା ବାର୍ଷିକ ବୃଦ୍ଧି ଉପରେ ମନ୍ତ୍ରଣାଳୟ ଅସନ୍ତୋଷ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ ଭାରତରେ ମେଡିକାଲ୍ ବା ଚିକିତ୍ସା ମୁଦ୍ରାସ୍ଫୀତି ୧୧.୫%ରେ ପହଞ୍ଚିଛି, ଯାହା ବିଶ୍ୱରେ ସର୍ବାଧିକ। ଏହା ଗ୍ରହଣୀୟ ନୁହେଁ, ଏବଂ ସରକାର ଏହାକୁ ସମାଧାନ କରିବା ପାଇଁ ପଦକ୍ଷେପ ନେଉଛି।

ପ୍ରସ୍ତାବ ଅନୁଯାୟୀ, ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ଉପରେ ଏକ ସୀମା ଲାଗୁ କରାଯିବ। ଏହାର ଅର୍ଥ ହେଉଛି ବୀମା କମ୍ପାନୀଗୁଡ଼ିକ ମନଇଚ୍ଛା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ବୃଦ୍ଧି କରିପାରିବେ ନାହିଁ। ନୂତନ ସ୍ୱାସ୍ଥ୍ୟ ବୀମା ପଲିସି ଉପରେ ଏଜେଣ୍ଟ କମିଶନ ସର୍ବାଧିକ ୨୦% ହେବା ଉଚିତ। ବାର୍ଷିକ ନବୀକରଣ ଉପରେ ମଧ୍ୟ ଏହି କମିଶନ ୧୦% ଅତିକ୍ରମ କରିବା ଉଚିତ୍ ନୁହେଁ। ପ୍ରତ୍ୟେକ କ୍ଲେମ୍ ବା ଦାବି, ସବୁ ହସ୍ପିଟାଲ ବିଲ୍ ଏବଂ ପ୍ରତ୍ୟେକ ଡିସଚାର୍ଜ ସାରାଂଶ ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ଉଚିତ। ବୀମା କମ୍ପାନୀ ଏବଂ ହସ୍ପିଟାଲଗୁଡ଼ିକ ମିଳିମିଶି ମନଇଚ୍ଛା ପ୍ୟାକେଜ୍ ହାର ସ୍ଥିର କରିପାରିବେନାହିଁ। ହସ୍ପିଟାଲଗୁଡ଼ିକ ସରକାରୀ ପ୍ରସ୍ତାବକୁ ବିରୋଧ କରି କହିଥିଲେ ଯେ ସେମାନଙ୍କର ମାର୍ଜିନ୍ ପୂର୍ବରୁ କମ୍ ଅଛି। ବୀମା କମ୍ପାନୀଗୁଡ଼ିକ ପ୍ରିମିୟମ୍ ବୃଦ୍ଧି କରନ୍ତି, କିନ୍ତୁ ଦାବି ଦେବାକୁ ଅନିଚ୍ଛୁକ। ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରତିକ୍ରିୟା ଦେଇଥିଲେ ଯେ ଏହି କାରଣରୁ ଜାତୀୟ ସ୍ୱାସ୍ଥ୍ୟ ଦାବି ଏକ୍ସଚେଞ୍ଜ ପ୍ରତିଷ୍ଠା କରାଯାଉଛି, ଯେଉଁଠାରେ ସବୁକିଛି ଡିଜିଟାଲ୍ ହେବ। ଭାରତରେ ମେଡିକାଲ ମୁଦ୍ରାସ୍ଫୀତି ୧୧.୫% ରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଯେ ହସ୍ପିଟାଲ ଚିକିତ୍ସା ଖର୍ଚ୍ଚ ପ୍ରତିବର୍ଷ ୧୧.୫% ହାରରେ ବୃଦ୍ଧି ପାଉଛି, ଯାହା ବିଶ୍ୱରେ ସର୍ବାଧିକ। ଏହାଛଡା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ମାତ୍ର ଗୋଟିଏ ବର୍ଷରେ ୨୫% ବୃଦ୍ଧି ପାଇଛି। ବିଶେଷକରି କୋଭିଡ୍ ପରେ ଦେଶରେ ସ୍ୱାସ୍ଥ୍ୟ ବୀମା ଅଧିକ ମହଙ୍ଗା ହୋଇଯାଇଛି।

# ଅନୀଲ ଅମ୍ବାନୀଙ୍କ ଆଉ ୧୪୫୨ କୋଟିର ସମ୍ପତ୍ତି ଜବତ

## ଭୁବନେଶ୍ୱର, ନାଭି ମୁମ୍ବଇ, ଚେନ୍ନଇ, ପୁଣେରେ ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଆର୍ଥିକ ହେରଫେର ଓ ଋଣ ଠକେଇ ଅଭିଯୋଗରେ ଇଡି ଜାଲରେ ସମ୍ପୂର୍ଣ୍ଣ ଭାବେ ଫସି ଯାଇଛନ୍ତି ଅନୀଲ ଅମ୍ବାନୀ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିଗୁଡ଼ିକର ମୂଲ୍ୟ ପ୍ରାୟ ୧,୪୫୨ କୋଟି ଟଙ୍କା। ନାଭି ମୁମ୍ବାଇ, ଚେନ୍ନାଇ, ପୁଣେ ଏବଂ ଭୁବନେଶ୍ୱରରେ ଏହି ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସହିତ, ରିଲାଏନ୍ସ ଗ୍ରୁପର ମୋଟ ସମ୍ପତ୍ତି ଜବତ ପ୍ରାୟ ୯,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ୍) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ୍) ରେ ବ୍ୟାପକ ପରିମାଣର ପାଣ୍ଠି ଅପବ୍ୟବହାର ସହିତ ଜଡିତ ମାମଲାରେ ଏହି ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି।

ଏହା ପୂର୍ବରୁ ନଭେମ୍ବର ୩ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଣ୍ଠି ସ୍ଥାନାନ୍ତର ମାମଲା ସହିତ ଜଡିତ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର ୧୩୨ ଏକର ଜମିକୁ ଜବତ କରିଥିଲା। ଏହି ଜମି ନାଭି ମୁମ୍ବଇର ଧୀରୁଭାଇ ଅମ୍ବାନୀ ନଲେଜ୍ ସିଟି (ଡିଏକେସି) ରେ ଅବସ୍ଥିତ। ଏହାର ମୂଲ୍ୟ ୪,୪୬୨.୮୧ କୋଟି ଟଙ୍କା ଥିଲା। ଏହାବାଦ୍ ଅନିଲ ଅମ୍ବାନୀଙ୍କ ପାଲି ହିଲ୍ ଘର ସମେତ



**ଏ ପର୍ଯ୍ୟନ୍ତ ଇଡି ଜବତ କଲାଣି ୯ ହଜାର କୋଟିର ସମ୍ପତ୍ତି**

ଗ୍ରୁପର ୪୦ ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଥିଲା। ଏଥିରେ ଜବତ କରାଯାଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ୩,୦୮ କୋଟି ଟଙ୍କା ହେବ। ଇଡି ତଦନ୍ତରେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ୍) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ୍) ରେ ବ୍ୟାପକ ପାଣ୍ଠିର ଅପବ୍ୟବହାର ହୋଇଥିବା ଜଣାପଡ଼ିଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ, ୟେସ୍ ବ୍ୟାଙ୍କ ଆର୍‌ଏଚ୍‌ଏଫ୍‌ଏଲ୍‌ରେ ୨,୯୬୫ କୋଟି ଟଙ୍କା ଏବଂ ଆର୍‌ସିଏଫ୍‌ଏଲ୍‌ରେ ୨,୦୪୫ କୋଟି ଟଙ୍କା ନିବେଶ କରିଥିଲା, କିନ୍ତୁ ଡିସେମ୍ବର ୨୦୧୯ ସୁଦ୍ଧା ଏହି ପାଣ୍ଠିଗୁଡ଼ିକ ନନ-ପରଫର୍ମିଂ ଆସେଟ୍ସ(ଏନ୍‌ପିଏ) ହୋଇଯାଇଥିଲା।

ଆର୍‌ଏଚ୍‌ଏଫ୍‌ଏଲ୍‌ର ୧,୩୫୩ କୋଟି ଏବଂ ଆର୍‌ସିଏଫ୍‌ଏଲ୍‌ର ୧,୯୮୪ କୋଟି ଟଙ୍କା ଏ ପର୍ଯ୍ୟନ୍ତ ବକେୟା ରହିଥିଲା। ମୋଟ ଉପରେ ଏଥିରେ ୟେସ୍ ବ୍ୟାଙ୍କକୁ ୨,୭୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି। ଇଡି କହିବାନୁଯାୟୀ, ଏହି ପାଣ୍ଠି ଅନ୍ୟ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ଋଣ ଅନୁମୋଦନ ପ୍ରକ୍ରିୟାରେ ଅନେକ ଅନିୟମିତତା ମଧ୍ୟ ହୋଇଥିବା ଜଣାପଡ଼ିଥିଲା। ଯେପରିକି କିଛି ଋଣ ଗୋଟିଏ ଦିନରେ ଆବେଦନ, ମଞ୍ଜୁରି ଏବଂ ବିତରଣ କରାଯାଇଥିଲା। ଫିଲ୍ଡ ଚେକ୍ ଓ ମିଟିଂ ସ୍କିପ୍ କରିଦିଆଯାଇଥିଲା।

### ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ମେହୁଲ ଚୋକସିଙ୍କ ଆବେଦନ

# ବେଲଜିୟମ୍ ସୁପ୍ରିମକୋର୍ଟରେ ଡିସେମ୍ବର ୯ରେ ହେବ ଶୁଣାଣି

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କ ପ୍ରତ୍ୟର୍ପଣକୁ ଚ୍ୟାଲେଞ୍ଜ କରିଥିବା ମାମଲାର ଶୁଣାଣି ଡିସେମ୍ବର ୯ ତାରିଖରେ ବେଲଜିୟମର ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ କାସେସନ୍ ସମ୍ମୁଖରେ କରାଯିବ। ଏ ନେଇ ସେଠାକାର ଅଧିକାରୀମାନେ ଗୁରୁବାର ଘୋଷଣା କରିଛନ୍ତି। ଚୋକ୍‌ସି ଅକ୍ଟୋବର ୧୭ରେ ବେଲଜିୟମର ସର୍ବୋଚ୍ଚ ଅଦାଲତରେ ଆଣ୍ଟୱର୍ପ କୋର୍ଟ ଅଫ୍ ଆପିଲ୍‌ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି। ଏହି ନିଷ୍ପତ୍ତି ଭାରତର ପ୍ରତ୍ୟର୍ପଣ ଅନୁରୋଧକୁ ସମର୍ଥନ କରି ଏହାକୁ "ବୈଧ" ବୋଲି କହିଛି। ଆଡଭୋକେଟ୍ ଜେନେରାଲ ହେନରୀ ଭାଣ୍ଡରଲିଣ୍ଡେନ୍ କହିଛନ୍ତି ଯେ କୋର୍ଟ ଅଫ୍ କାସେସନ୍ ଡିସେମ୍ବର ୯ ତାରିଖରେ ମାମଲାର ଶୁଣାଣି କରିବ। ସେ ପିଟିଆଇକୁ କହିଛନ୍ତି ଯେ କାସେସନ୍ କୋର୍ଟ କେବଳ ଆଇନଗତ ଦିଗଗୁଡ଼ିକ ଉପରେ କାସେସନ୍ କୋର୍ଟର ନିଷ୍ପତ୍ତିକୁ ପରୀକ୍ଷା କରେ, ଯେପରିକି କାସେସନ୍ କୋର୍ଟ ସଠିକ୍ ଭାବରେ ଆଇନଗତ ବ୍ୟବସ୍ଥା ପ୍ରୟୋଗ କରିଛି



କି ନାହିଁ ଏବଂ ସଠିକ୍ ପ୍ରକ୍ରିୟା ଅନୁସରଣ କରିଛି କି ନାହିଁ। ତେଣୁ, ନୂତନ ତଥ୍ୟ କିମ୍ବା ପ୍ରମାଣ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ଅପିଲ୍ କୋର୍ଟ ରାୟ ଦେଇଥିଲେ ଯେ ୧୩,୦୦୦ କୋଟି ଟଙ୍କାର ପିଏନବି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଚୋକସିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଗଲେ ତାଙ୍କୁ ନିରପେକ୍ଷ ବିଚାରରୁ ବଞ୍ଚିତ କରାଯିବା କିମ୍ବା ଦୁର୍ବ୍ୟବହାରର ସମ୍ମୁଖୀନ ହେବାର କୌଣସି ବିପଦ ନାହିଁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହାର ଚାର୍ଜସିଟ୍‌ରେ ଅଭିଯୋଗ କରିଛି ଯେ ଚୋକସି କେବଳ ମୋଟ ଠକେଇର ୬,୪୦୦ କୋଟି ଟଙ୍କା ଆତ୍ମସାତ କରିଛନ୍ତି।

## ଷ୍ଟୋନେଲାମ୍ ଡିଜାଇନ୍ କାର୍ନିଭାଲ୍ ଏବଂ ବିଲ୍ଡ ଏକ୍ସପୋ ୨୦୨୫

ଭୁବନେଶ୍ୱର, ୨୦।୧୧ (ସମିସ): ୧୮ ନଭେମ୍ବର ୨୦୨୫: ପ୍ରାକୃତିକ ପୋର୍ସେଲିନ୍ ସ୍ଲାବ୍ ପୃଷ୍ଠ ପାଇଁ ଭାରତର ଅଗ୍ରଣୀ ବ୍ରାଣ୍ଡ ଷ୍ଟୋନେଲାମ୍, ୧୪ରୁ ୧୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ କ୍ରିଷ୍ଟାଲ୍ କ୍ରାଉନ୍ ରେ ଆଇଆଇଏ ଓଡ଼ିଶା ଚାପ୍ଟର ଦ୍ୱାରା ଆୟୋଜିତ ଡିଜାଇନ୍ କାର୍ନିଭାଲ୍ ଏବଂ ବିଲ୍ଡ ଏକ୍ସପୋ ୨୦୨୫ରେ ଅଂଶଗ୍ରହଣ କରିଥିଲା। ଏଆଇ- ସ୍ଥାପତ୍ୟ ବୁଦ୍ଧିମତା: ଯେଉଁଠାରେ ଡିଜାଇନ୍ ଡିଜିଟାଲ୍ ଜ୍ଞାନକୁ ଭେଟିଥାଏ; ଥିମ୍ ଆଧାରିତ ୩-ଦିନିଆ ଫୋରମ୍ କିପରି କୃତ୍ରିମ ବୁଦ୍ଧିମତା, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ନବସୃଜନ ନିର୍ମାଣ ପରିବେଶକୁ ପୁନଃଆକୃତି ଦେଉଛି ତାହା ଅନୁସନ୍ଧାନ କରିଥିଲା। ଏହି କାର୍ଯ୍ୟକ୍ରମ ବୁଦ୍ଧିମାନ ସାମଗ୍ରୀ ଡିଜାଇନ୍ ଏବଂ ନିର୍ମାଣର ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ସ୍ଥପତି, ଡିଜାଇନର୍ ଏବଂ ଶିଳ୍ପ ଦୂରଦର୍ଶୀମାନଙ୍କୁ ଏକତ୍ରିତ କରିଥିଲା। ଏକ୍ସପୋରେ, ଷ୍ଟୋନେଲାମ୍ ଏହାର ନୂତନତମ ବୃହତ-ଫର୍ମ, ଉଚ୍ଚ-କାରଣ ପୋର୍ସେଲିନ୍ ସ୍ଲାବ୍ ସଂଗ୍ରହ ପ୍ରଦର୍ଶନ କରିଥିଲା, ଯାହା ସେମାନଙ୍କର ନିର୍ବିଘ୍ନ ସୌନ୍ଦର୍ଯ୍ୟ, ପ୍ରାକୃତିକ ଗଠନ ଏବଂ ସର୍ବନିମ୍ନ ପରିବେଶଗତ ପଦଚିହ୍ନ ପାଇଁ ପାଳିତ ହୋଇଥିଲା।

## ପଞ୍ଚମ ଅଡିଟ୍ ସପ୍ତାହ-୨୦୨୫ ଉଦ୍‌ଘାଟିତ



ଭୁବନେଶ୍ୱର,୨୦।୧୧(ସମିସ): ଅଡିଟ ସପ୍ତାହ ପାଳନ ଅବସରରେ ଅଡିଟ ସଚେତନତା ପାଇଁ ରାଜ୍ୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏଜି ଅଫିସ ପକ୍ଷରୁ ସ୍ଥାନୀୟ ମହାଲେଖାକାର (ଏଜି) ଆନୁକୂଲ୍ୟରେ ଗୁରୁବାର ଗୀତ ଗୋବିନ୍ଦ ସଦନରେ ପଞ୍ଚମ ଅଡିଟ ସପ୍ତାହ-୨୦୨୫ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ମହାଲେଖାକାର ସୁବୁ. ଆର୍, ପୂର୍ବତଟ ରେଳବାଇର ପ୍ରମୁଖ ନିର୍ଦ୍ଦେଶକ ଅନୁପ ଫ୍ରାନ୍‌ସିସ୍ ଡୁଙ୍ଗଡୁଙ୍ଗ ଓ ମହାଲେଖାକାର (ଅଡିଟ-୨) ଅତୁଲ ପ୍ରକାଶ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଉପମହାଲେଖାକାର ବାନ୍‌ଥୋ ରାକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଅଡିଟ ଓ ଆକାଉଣ୍ଟସ ବିଭାଗର କର୍ମଚାରୀମାନେ ଭାଗ ନେଇଥିଲେ। ଏହି ଅବସରରେ ଅଡିଟ-୨ କାର୍ଯ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।

## ଜାପାନରେ ବଢ଼ିଲା ସୁଧ ହାର

### ଭାଙ୍ଗିଲା ୩୦ ବର୍ଷର ରେକର୍ଡ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଜାପାନ ପ୍ରାୟ ୩୦ ବର୍ଷ ପରେ ସୁଧହାର ବଢାଇ ସାରା ବିଶ୍ୱକୁ ଚମକାଇ ଦେଇଛି। ଦେଶର ଋଣଭାର ବଢି ୨.୮% ହୋଇଯାଇଛି। ଏଣୁ ଦୀର୍ଘ ଦଶନ୍ଧୀରୁ ନିବେଶକଙ୍କୁ ଲାଭ ଦେଇ ଆସୁଥିବା 'ୟେନ କ୍ୟାରି ଟ୍ରେଡ୍'ଏବେ ସଙ୍କଟରେ ପଡିଯାଇଛି। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ସାର୍ଥକ ଆହୁଜା ଏହାକୁ ବଡ଼ ଧରଣର 'ବିପର୍ଯ୍ୟୟ' ବୋଲି କହିଛନ୍ତି। ପୂର୍ବରୁ ଜାପାନର ସୁଧହାର ୦% ରହୁଥିଲା। ଏଣୁ ବଡ଼ ବଡ଼ ସଂସ୍ଥା ଶସ୍ତା ୟେନ ଋଣ ନେଇ ଆମେରିକା ଓ ଭାରତ ଭଳି ବଜାରରୁ ୪-୮% ପର୍ଯ୍ୟନ୍ତ ରିଟର୍ଣ୍ଣ ପାଇ ପାରୁଥିଲେ। ଏଥିରେ ସୁଧହାର ଲାଗିବା ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଯଦି ସୁଧହାର ୩% ପାର କରେ ତେବେ ଜାପାନର ଋଣ (ଜିଡିପିର ୨.୫ଗୁଣା)କୁ ସମ୍ଭାଳିବା କଷ୍ଟକର ହୋଇ ପଡିବ। ଏଣୁ ସଂଶୋଧନରେ ବିଚଳିତ ନିବେଶକ ଏବେ ସେମାନଙ୍କ ଆସେଟ୍ ବିକ୍ରି କରି ଜାପାନର ଋଣ ସୁଝିବାକୁ ଉଦ୍ୟମ କରିପାରନ୍ତି, ଯାହାର ପ୍ରଭାବ ବୈଶ୍ୱିକ ସେୟାର ମାର୍କେଟରେ ଦେଖା ଯାଇ ପାରେ। ୨୫ ବର୍ଷରେ ପ୍ରଥମ ଥର ଜାପାନରେ ମୁଦ୍ରାସ୍ଫିତି ୨.୫% ଉପରକୁ ପହଞ୍ଚିଛି। ତେବେ ବାସ୍ତବ ସୁଧରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ମୂଲ୍ୟକୁ ନିୟନ୍ତ୍ରିତ ରଖିବାକୁ ବ୍ୟାଙ୍କ ଅଫ ଜାପାନ ସୁଧହାର ବଢାଇବାକୁ ଏବେ ବାଧ୍ୟ। ଗତ ଅଗଷ୍ଟରେ ଜାପାନ ସୁଧହାରରେ ୦.୨୫% ବୃଦ୍ଧି କରିଥିଲା। ଏଣୁ ନିକେଇରେ ୧୨% ପର୍ଯ୍ୟନ୍ତ ହ୍ରାସ ଦେଖା ଯାଇଥିଲା। ତେବେ ଜାପାନ ସୁଧହାର ବୃଦ୍ଧି କରିବା ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତରେ ଶସ୍ତା ପୁଞ୍ଜି ଉପଲବ୍ଧତା ହ୍ରାସ ହେବ। ଜାପାନୀ ନିବେଶକ ସେମାନଙ୍କ ନିବେଶକୁ ଜାପାନ ଫେରସ୍ତ ନେଇ ଯାଇ ପାରନ୍ତି।

# ଏଆଇ ମୋ ଚାକିରି ମଧ୍ୟ ଛଡାଇନେବ: ସୁନ୍ଦର ପିଚାଇ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଯୋଗୁ ଚାକିରି ପ୍ରତି ବଢୁଥିବା ବିପଦକୁ ନେଇ ସମସ୍ତଙ୍କ ମନରେ ଭୟର ଆଶଙ୍କା ରହିଛି। ଅନେକ କ୍ଷେତ୍ରରେ ଏଆଇ ଏପରେ ମଣିଷର ସ୍ଥାନ ନେବା ଆରମ୍ଭ କଲାଣି। ଏହାମଧ୍ୟରେ ଗୁଗଲ ସିଇଓ ସୁନ୍ଦର ପିଚାଇ କୌତୁହଳରେ କହିଛନ୍ତି ଯେ ଏଆଇ ଏତେ ଆଗକୁ ବଢୁଛି ଯେ



ଦିନେ ସିଇଓ ଚାକିରି ମଧ୍ୟ ମେସିନ କରିପାରିବ। ସୁନ୍ଦର ପିଚାଇଙ୍କ ମତରେ ଏଆଇ କେବଳ ଛୋଟ-ମୋଟ କାମ କରିବ ନାହିଁ, ବରଂ ଆଗାମୀ ସମୟରେ କମ୍ପାନୀଗୁଡ଼ିକ ପାଇଁ ବଡ଼ ନିଷ୍ପତ୍ତି ମଧ୍ୟ ନେଇପାରେ। ସେ କହିଛନ୍ତି ଯେ କିଛି କାମ ଏପରି ହୋଇଥାଏ, ଯାହା ନିୟମରେ ଚାଲିଥାଏ, ଯେପରିକି ରିପୋର୍ଟ ପଢିବା, ଡାଟା ବୁଝିବା, ପ୍ଲାନ କରିବା ଓ ନିଷ୍ପତ୍ତି ନେବା। ଏହି ସବୁ କାମ ଏଆଇ ପୂର୍ବରୁ ହିଁ ଭଲ ଭାବେ କରିପାରେ। ପିଚାଇଙ୍କ ମତରେ ଏଆଇ ଏବେ ଏତେ ବୁଦ୍ଧିମାନ ହୋଇସାରିଛି ଯେ ସେ ବଡ଼ ବଡ଼ ନିଷ୍ପତ୍ତି ବୁଝି ବିଚାରି ନେଇପାରିବ। ସେ କହିଛନ୍ତି ଯେ ଆଗାମୀ ୧୨ ମାସରେ ଏଆଇ ଏତେ ବିକଶିତ ହୋଇଯିବ ଯେ ସେ ମଣିଷଙ୍କ ପାଇଁ ଅନେକ ଜଟିଳ କାମ ନିଜେ କରିପାରିବ। ଅର୍ଥାତ୍ ଆପଣଙ୍କୁ କେବଳ କହିବାକୁ ହେବ ଓ ଏଆଇ ଆପଣଙ୍କ ପାଇଁ ପୂରା ଟାସ୍କ କରିଦେବ। ଆଗାମୀ ଏକ ବର୍ଷରେ ଏଆଇ 'ଏଜେଣ୍ଟ' ପାଲଟି ଯିବେ।

### ଚାପ ପକାଇବାରେ ସଫଳ ହେଉଛନ୍ତି ଟ୍ରମ୍ପ୍

# ଋଷରୁ ତୈଳ ଆମଦାନୀ ୬୬% କମିଲା

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):ଋଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ଆମେରିକା ମସ୍କୋ ଠାରୁ ତେଲ କିଣୁଥିବା ସମସ୍ତ ଦେଶ ଉପରେ ଶୁଳ୍କ ଲଗାଇଛି। ଯେଉଁଥିରେ ଭାରତ ବି ରହିଛି। ଭାରତ ଉପରେ କେବଳ ଏଥିପାଇଁ ଅତିରିକ୍ତ ୨୫% ମୋଟ ୫୦% ଶୁଳ୍କ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆଗକୁ ପୁଣି ୫୦୦% ଶୁଳ୍କ ଲଗାଇବାକୁ ଯୋଜନା ଚାଲିଛି। ଏ ନେଇ ଆମେରିକା ସିନେଟରେ ପ୍ରସ୍ତାବ ମଧ୍ୟ ଆଗତ ହୋଇସାରିଛି।

**ପୁଣି ୫୦୦% ଶୁଳ୍କ ଲଗାଇବାକୁ ସିନେଟରେ ପ୍ରସ୍ତାବ ଆଗତ**

ତେବେ ଭାରତ ଉପରେ ହାକିମାତି ଜାହିର କରିବାରେ ସଫଳ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କାରଣ ଭାରତ ବର୍ତ୍ତମାନ ବିକଶିତ ସ୍ତରରେ ରହିଛି। ତେଣୁ ଆମେରିକା ସହିତ ପଙ୍ଗା ନେବା ମହଙ୍ଗା ପଡ଼ିପାରେ। ଏଥିପାଇଁ ରଣନୈତିକ ସ୍ତରରେ ଭାରତ ଋଷ ଠାରୁ ତେଲ କିଣିବା କମାଇ ଦେଇଛି। ସଦ୍ୟ ତଥ୍ୟାନୁସାରେ, ନଭେମ୍ବରରେ ରୁଷର ଆସୁଥିବା ଅଶୋଧିତ ତୈଳର ପରିବହନରେ ୬୬% ହ୍ରାସ ଘଟିଛି। ଆମେରିକା ଋଷର ଦୁଇଟି ବଡ଼ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଏଲ ଉପରେ କଟକଣା ଲଗାଇଛି। ଯାହା ନଭେମ୍ବର ୨୧ ତାରିଖରେ ଲାଗୁ ହେବ। ଏଥିପ୍ରତି ଭାରତରେ ରିଫାଇନାରୀମାନେ ସତର୍କତା ଅବଲମ୍ବନ କରି ତୈଳ ଆମଦାନୀ କମାଇ ଦେଇଛନ୍ତି। ଫଳରେ ଟ୍ରମ୍ପ ତାଙ୍କ ଚାଲ୍‌ରେ ସଫଳ ହେଉଥିବା ଦେଖାଯାଉଛି। ବିଶ୍ୱସ୍ତରୀୟ ରିଅଲ୍-ଟାଇମ୍ ଡାଟା ଏବଂ ବିଶ୍ଳେଷଣ ତଥ୍ୟ ପ୍ରଦାନକାରୀ ସଂସ୍ଥା କେପ୍‌ଲର ଅନୁଯାୟୀ, ନଭେମ୍ବର ୧-୧୭ ମଧ୍ୟରେ ଭାରତ ରୁଷ ଠାରୁ ହାରାହାରି ପ୍ରତିଦିନ ୬୭୨,୦୦୦ ବ୍ୟାରେଲ (ବିପିଡି) ଅଶୋଧିତ ତୈଳ ଆମଦାନୀ କରିଥିଲା। ଏହା ଅକ୍ଟୋବରର ୧.୮୮ ନିୟୁତ ବିପିଡି ତୁଳନାରେ ବହୁତ କମ। ରିପୋର୍ଟ ଅନୁଯାୟୀ, ନଭେମ୍ବରରେ ସମସ୍ତ ପାର୍ଟନର୍ ଦେଶଗୁଡ଼ିକୁ ରୁଷର ସାମଗ୍ରିକ ତୈଳ ଯୋଗାଣ ୨୮% ହ୍ରାସ ପାଇ ୨.୭୮ ନିୟୁତ ବିପିଡି ହୋଇଛି।

# ଅନ୍‌ଲାଇନ୍ ଶପିଙ୍ଗରେ ବନ୍ଦ ହେବ 'ଡାର୍କ ପାଟର୍ନ' ବ୍ୟବହାର

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଦେଶର ୨୪ଟି ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଘୋଷଣା କରିଛନ୍ତି ଯେ ସେମାନେ ସେମାନଙ୍କର ଆପ୍ ଏବଂ ୱେବସାଇଟରେ ଡାର୍କ ପାଟର୍ନ ବ୍ୟବହାର ବନ୍ଦ କରିଦେବେ। ଆଭ୍ୟନ୍ତରୀଣ କିମ୍ବା ତୃତୀୟ-ପକ୍ଷ ଅଡିଟ୍ ପରେ ଏହି କମ୍ପାନୀଗୁଡ଼ିକ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ନିକଟରେ ଏକ ସ୍ୱ-ଘୋଷଣା ପତ୍ର ଦାଖଲ କରିଛନ୍ତି। ଏଥିରେ ଫ୍ଲିପ୍‌କାର୍ଟ, ମିନ୍ତ୍ରା, ଜୋମାଟୋ, ଏବଂ ସ୍ୱିଗି ଭଳି ପ୍ଲାଟଫର୍ମ ରହିଛି। ଏହି କମ୍ପାନୀଗୁଡ଼ିକ କିରାଣା, ଖାଦ୍ୟ ବିତରଣ, ଫାର୍ମାସୀ, ଫ୍ୟାଶନ୍ ଏବଂ ଟ୍ରାଭେଲ୍ କ୍ଷେତ୍ରରେ କାର୍ଯ୍ୟରତ। ଗ୍ରାହକମାନଙ୍କୁ ଯାଞ୍ଚ କରିବା ପାଇଁ କମ୍ପାନୀଗୁଡ଼ିକ ଏହି ଘୋଷଣାଗୁଡ଼ିକୁ ସେମାନଙ୍କର ୱେବସାଇଟରେ ଅପଲୋଡ୍ ମଧ୍ୟ କରିଛନ୍ତି। ଗ୍ରାହକ ବ୍ୟାପାର ବିଭାଗ ଏହାକୁ ଡିଜିଟାଲ୍ ଗ୍ରାହକ ସୁରକ୍ଷା ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି କହିଛି, ଯାହା ଅନ୍ୟ କମ୍ପାନୀଗୁଡ଼ିକୁ ଆତ୍ମ-ନିୟନ୍ତ୍ରଣ ଗ୍ରହଣ କରିବାକୁ ଉତ୍ସାହିତ କରିବ।

### ଡାର୍କ ପାଟର୍ନ କ'ଣ ?


ଡାର୍କ ପାଟର୍ନଗୁଡ଼ିକ ହେଉଛି ଏପରି କୌଶଳ ଯାହା ଅନଲାଇନ୍ ସର୍ଫିଂ କରିବା ସମୟରେ ବ୍ୟବହାରକାରୀଙ୍କୁ ଭ୍ରମିତ କରିଥାଏ। ଏଥିରେ ଏକ ମିଥ୍ୟା ଜରୁରି

**ସିସିପିଏ ନିକଟରେ କମ୍ପାନୀଙ୍କ ଘୋଷଣାନାମା ଦାଖଲ**

**ଡାର୍କ ପାଟର୍ନରେ ଅନ୍‌ଲାଇନ୍ ଶପିଙ୍ଗରେ ବ୍ୟବହାରକାରୀଙ୍କୁ ଭ୍ରମିତ କରାଯାଏ**

**ଡାର୍କ ପାଟର୍ନ ଅଭ୍ୟାସ ନ କରିବାକୁ ସ୍ୱେଚ୍ଛାକୃତ ପ୍ରତିଶ୍ରୁତି ଦେଲେ କମ୍ପାନୀ**

ବାର୍ତ୍ତା ସୃଷ୍ଟି କରାଯାଏ। ଯେପରିକି 'ଏବେ କିଣନ୍ତୁ ନଚେତ୍ ଆମର ଷ୍ଟକ୍ ଶେଷ ହୋଇଯିବ'। ଏହାଛଡା ଗୋପନରେ କାର୍ଟରେ ଅତିରିକ୍ତ ଜିନିଷ ଯୋଡ଼ିଦେବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ୨୦୨୩ ମସିହାରେ ଅଧିସୂଚିତ ହୋଇଥିବା ଡାର୍କ ପାଟର୍ନର ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ନିର୍ଦ୍ଦେଶାବଳୀ ୧୩ଟି ଏପରି ପ୍ୟାଟର୍ଣ୍ଣକୁ ନିଷିଦ୍ଧ କରିଛି। ଏଥିରେ ମିଥ୍ୟା ଏମର୍ଜେନ୍ସି, ବାସ୍କେଟ ସ୍ନିକିଂ, କନଫର୍ମେଶନ୍ ସୋମିଂ, ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ, ସବସ୍କ୍ରିପସନ୍ ଟ୍ରାପ୍, ଇଣ୍ଟରଫେସ୍ ହସ୍ତକ୍ଷେପ, ବାଇଟ୍ ଏବଂ ସ୍ୱିଚ୍, ଡ୍ରିପ୍ ମୂଲ୍ୟ ନିର୍ଦ୍ଧାରଣ, ଗୁପ୍ତ ବିଜ୍ଞାପନ, ନେଗିଂ, ଟ୍ରିକ୍ ୱାର୍ଡିଂ, ସାସ୍ ବିଲିଂ ଏବଂ ରଗ୍ ମାଲୱେର୍ ଅନ୍ତର୍ଭୁକ୍ତ।




ଏହି କୌଶଳଗୁଡ଼ିକ ଗ୍ରାହକମାନଙ୍କୁ ଅନାବଶ୍ୟକ ଉତ୍ପାଦ କ୍ରୟ କରିବାକୁ କିମ୍ବା ସବସ୍କ୍ରିପସନ୍ ସବସ୍କ୍ରାଇବ କରିବାକୁ ପ୍ରତାରଣା କରିବା ପାଇଁ ବ୍ୟବହାର କରାଯାଏ। ଡିଜିଟାଲ୍ ବଜାରରେ ସ୍ୱଚ୍ଛତା ଆଣିବା ପାଇଁ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ଅଧୀନରେ ଏହି ନିର୍ଦ୍ଦେଶାବଳୀ ୨୦୨୩ ନଭେମ୍ବର ୩୦ରେ କାର୍ଯ୍ୟକାରୀ ହୋଇଥିଲା।

ଗ୍ରାହକ ବ୍ୟାପାର ବିଭାଗ ଚଳିତବର୍ଷ ଜୁନ୍‌ରେ ଏକ ପରାମର୍ଶ ଜାରି କରିଥିଲା, ଯେଉଁଥିରେ ଇ-କମର୍ସ କମ୍ପାନୀଗୁଡ଼ିକୁ ଏକ ଆତ୍ମ-ସମୀକ୍ଷା କରିବାକୁ ଏବଂ ତିନି ମାସ ମଧ୍ୟରେ ଏକ ଘୋଷଣାପତ୍ର ଦାଖଲ କରିବାକୁ ବାଧ୍ୟ କରାଯାଇଥିଲା। ଗ୍ରାହକମାନଙ୍କୁ ଡାର୍କ ପାଟର୍ନ ଚିହ୍ନଟ କରିବାରେ ଏବଂ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବା ପାଇଁ ଜାତୀୟ ଗ୍ରାହକ ହେଲ୍ପଲାଇନ୍ ମାଧ୍ୟମରେ ସୋସିଆଲ ମିଡିଆ ଅଭିଯାନ, ସୂଚନାମୂଳକ ଭିଡିଓ ଏବଂ କର୍ମଶାଳା କରାଯାଇଥିଲା।

ସିସିପିଏ ଏହାକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଛି ଏବଂ ଅନ୍ୟ ଡିଜିଟାଲ୍ କମ୍ପାନୀମାନଙ୍କୁ ଏହାକୁ ଅନୁସରଣ କରିବାକୁ ଅନୁରୋଧ କରିଛି। ଯଦି କୌଣସି କମ୍ପାନୀ ସମୟସୀମା ହରାଏ, ତେବେ ନିୟାମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି। ବର୍ତ୍ତମାନ, କମ୍ପାନୀଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ଡାର୍କ ପ୍ୟାଟର୍ନ ଅଭ୍ୟାସ ନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ସରକାର ଭବିଷ୍ୟତରେ ଏହାକୁ କଡ଼ାକଡ଼ି ଲାଗୁ କରିପାରନ୍ତି। ଏହା ନିଶ୍ଚିତ କରିବ ଯେ ଗ୍ରାହକମାନେ ସର୍ଫିଂ ଆପ୍ ବ୍ୟବହାର କରିବା ସମୟରେ କମ୍ ଠକେଇର ସମ୍ମୁଖୀନ ହେବେ, ଯାହା ଏକ ନିରାପଦ ଏବଂ ସ୍ୱଚ୍ଛ ଅଭିଜ୍ଞତା ଆଣିବ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଦିନରେ

- ୧୯୦୬-ଚୀନ୍ ଅଫିମ ବ୍ୟବସାୟ ଉପରେ ରୋକ୍ ଲଗାଗଲା।
- ୧୯୪୭-ସ୍ୱାଧୀନତା ପରେ ଦେଶରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୦- ଭାରତର ପ୍ରସିଦ୍ଧ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦେହାନ୍ତ।
- ୧୯୯୯- ଚୀନ୍ ପ୍ରଥମ ମାନବ ରହିତ ମହାକାଶଯାନ 'ଶେନ୍‌ଝୁ'କୁ ପ୍ରକ୍ଷେପଣ କଲା।



# ବିଶ୍ୱ ଟେଲିଭିଜନ ଦିବସ

ଆଜି ବିଶ୍ୱ ଟେଲିଭିଜନ ଦିବସ। କଳାଧଳା ଯୁଗରୁ ଆରମ୍ଭ ହୋଇଥିବା ଟେଲିଭିଜନ ଏବେ ସ୍ମାର୍ଟ ଟିଭିରେ ପହଞ୍ଚିଲାଣି। ମନୋରଞ୍ଜନର ଏକ ପ୍ରମୁଖ ଅଂଶ ଟେଲିଭିଜନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ କରାଯାଏ। ୧୯୯୬ ମସିହା ନଭେମ୍ବର ୨୧ ଓ ୨୨ ତାରିଖ ଦିନ, ବିଶ୍ୱର ପ୍ରଥମ ଟେଲିଭିଜନ ଫୋରମ୍ ଆୟୋଜନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ସେହି ବର୍ଷ ଡିସେମ୍ବର ୧୭ ତାରିଖରେ, ୨୧ ନଭେମ୍ବରକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ ପାଇଁ ଘୋଷଣା କରିଥିଲା। ଜାତିସଂଘ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରି ବିଶ୍ୱର ସବୁଦେଶ ମଧ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଏହା ମାଧ୍ୟମରେ କିପରି ବିଶ୍ୱର ଅର୍ଥନୀତି, ସୁରକ୍ଷା, ସାମାଜିକ ବିକାଶ,ଶାନ୍ତି ଓ ସାଂସ୍କୃତିକ ପରିବର୍ତ୍ତନକୁ ଆଗକୁ ନେଇହେବ, ତା'ଉପରେ ଗୁରୁତ୍ୱାରୋପ କରିଥିଲା। ସେବେଠାରୁ ବିଶ୍ୱ ଟେଲିଭିଜନ ଦିବସ ଅବସରରେ ଏହି ସବୁ ଲକ୍ଷ୍ୟ ପୂରଣ ନିମନ୍ତେ ଟେଲିଭିଜନ କେତେ ସକ୍ଷମ ହୋଇ ପାରିଛି, ତା'ର ସମୀକ୍ଷା କରାଯାଏ। ଟେଲିଭିଜନ ରେଡିଓର ଏକ ବିକଶିତ ରୂପ କହିଲେ କିଛି ଭୁଲ୍ ହେବ ନାହିଁ। ଭାରତରେ ପ୍ରଥମେ ଦୂରଦର୍ଶନ ଆକାଶବାଣୀ ସହିତ ସଂଲଗ୍ନ ଥିଲା, ଅବଶ୍ୟ ପରେ ଏହା ଅଲଗା ହୋଇଯାଇଥିଲା। ଟେଲିଭିଜନ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱରେ ଯେଉଁ ସମସ୍ୟା ଲୋକମାନଙ୍କୁ ବେଶି ପ୍ରଭାବିତ କରୁଛି, ତାହାକୁ ଟେଲିଭିଜନ ଦ୍ୱାରା କିପରି ଦୂର କରାଯାଇପାରିବ, ତାହା ଏହି ଦିବସର ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ଟେଲିଭିଜନ ଏକ ଗଣମାଧ୍ୟମ, ଯାହା ମନୋରଞ୍ଜନ, ଶିକ୍ଷା, ରାଜନୀତି, ସ୍ୱାସ୍ଥ୍ୟ, ଦେଶ ବିଦେଶର ଘଟଣାବଳୀ ବିଷୟରେ ଲୋକଙ୍କୁ ଅବଗତ କରାଇଥାଏ। ୧୯୨୪ ମସିହାରେ ଜନ୍ ଲୋଜି ବଏଡ୍ ଟେଲିଭିଜନର ଉଦ୍ଭାବନ କରିଥିଲେ। ତାପରେ ଏହାର ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଆମ ଦେଶରେ ଟେଲିଭିଜନ ବା ଟିଭି ଏକ ଉପକରଣ ନୁହେଁ, ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ। ଯେତେବେଳେ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିଲା, ଯାହା ଘରକୁ ଟିଭି ଆସୁଥିଲା, କେବଳ ପାଖ ପଡ଼ୋଶୀ ନୁହଁନ୍ତି, ଆଖପାଖ ଅଞ୍ଚଳରେ ଲୋକେ ଦେଖିବା ପାଇଁ ପହଞ୍ଚୁଥିଲେ। ଏବେ କିନ୍ତୁ ଘରେ ଘରେ ଟିଭି। ସ୍ମାର୍ଟଫୋନ୍‌ର ଅଭିବୃଦ୍ଧି ଏବେ ଟେଲିଭିଜନର ଲୋକପ୍ରିୟତାକୁ କିଛି ମାତ୍ରାରେ ହ୍ରାସ କରିଛି। ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଟିଭି ସାମନାରେ ବସିବାର ସମୟ ପାଉନାହାନ୍ତି। ଏପରିସ୍ଥିତିରେ ଟିଭି ଯୁଗ ଖୁବଶୀଘ୍ର ଶେଷ ହୋଇଯିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣ ଏବଂ ଲକ୍‌ଡାଉନ୍‌ରେ ଟିଭି ଦର୍ଶକଙ୍କ ସଂଖ୍ୟା ବଢ଼ିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଆଜି ବି ସାମାଜିକ ଗଣମାଧ୍ୟମର ଭିଡ଼ ମଧ୍ୟରେ ବି ଟିଭି ତାର ଲୋକପ୍ରିୟତା ହରାଇ ନାହିଁ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ଟେଲିଭିଜନର ବିକାଶ ଯାତ୍ରା ଓ ଡିଜାଟାଲ ଯୁଗରେ ଏହାର ଭବିଷ୍ୟତକୁ ନେଇ କର୍ମଶାଳା ଆୟୋଜନ କରାଯାଏ।



# କାନ୍ଥରେ ଚାଷ

କୃଷି କ୍ଷେତ୍ରରେ ଉନ୍ନତମାନର ଶସ୍ୟ ଉତ୍ପାଦନ ପାଇଁ ଆଧୁନିକ ଶୈଳୀ ସବୁ ଆପଣାଯାଉଛି। ଏହାଦ୍ୱାରା ଅମଳ ଭଲ ହେବା ସହ ଚାଷକାର୍ଯ୍ୟ ସହଜ ହୋଇପାରୁଛି। ଏହି କ୍ରମରେ ଏପରି ଏକ ଦେଶ ରହିଛି, ଯେଉଁଠି ଲୋକେ ଜମି ବଦଳରେ କାନ୍ଥରେ ଚାଷ କରନ୍ତି। ତେବେ ଇସ୍ରାଏଲ୍‌ରେ ଏହି ନିଆରା ଶୈଳୀରେ ଚାଷକାର୍ଯ୍ୟ କରାଯାଉଛି। ଏଠାରେ ଧାନ, ଗହମ ଓ ପନିପରିବା ମଧ୍ୟ ଏହି ପ୍ରକ୍ରିୟାରେ ଚାଷ କରାଯାଉଛି। ଏହି ନିଆରା ଚାଷ ପ୍ରଣାଳୀକୁ ଭର୍ଟିକାଲ ଫାର୍ମି ଅର୍ଥାତ୍ କାନ୍ଥରେ ଚାଷ କରିବା କୁହାଯାଏ। ଏହି ପଦ୍ଧତିରେ ଗଛଗୁଡ଼ିକୁ ଫୁଲକୁଣ୍ଡରେ ଛୋଟ ୟୁନିଟ୍‌ରେ ଲଗାଯାଏ। ଏହାପରେ ଗଛଗୁଡ଼ିକୁ କାନ୍ଥରେ ସେଟ୍ କରାଯାଏ। କାନ୍ଥରୁ ଫୁଲକୁଣ୍ଡଗୁଡ଼ିକ ଯେମିତି ପଡ଼ି ନ ଯାଏ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଅବଶ୍ୟ ଗଛକୁ ଯେମିତି ପାଣି ଓ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ ସେବ୍ୟବସ୍ଥା ମଧ କରାଯାଇଥାଏ। କିଛି ସମୟ ପାଇଁ ଗଛକୁ କାନ୍ଥରୁ ବାହାର କରାଯାଇଥାଏଏବଂ ପୁନର୍ବାର କାନ୍ଥରେ ରଖାଯାଏ। ଇସ୍ରାଏଲରେ ଚାଷଜମିର ଅଭାବ ଦେଖାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକେ ଭର୍ଟିକାଲ ଫାର୍ମି ସାହାଯ୍ୟ ନେଉଛନ୍ତି। ଇସ୍ରାଏଲ୍ ବ୍ୟତୀତ ଏହି ଚାଷ ପଦ୍ଧତି ଆମେରିକା, ଚୀନ୍ ଓ ଇଉରୋପରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହିଭଳି ଉପାୟରେ ଚାଷ କରିବାର ସବୁଠୁ ବଡ଼ ଫାଏଦା ହେଉଛି କାନ୍ଥରେ ଗଛଲତା ରହିବା ଦ୍ୱାରା ଘରର ତାପମାତ୍ରା ବୃଦ୍ଧିପାଏ ନାହିଁ। ଏହାବାଦ୍ ଶବ୍ଦ ପ୍ରଦୂଷଣର ପ୍ରଭାବ ମଧ ହ୍ରାସ ପାଏ। ଏନେଇ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଗାମୀ ଦିନରେ ଚାଷଜମି ନ ଥିବା ଦେଶଗୁଡ଼ିକ ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

# ଦୁଇଟି ପାର୍ଟରେ ଆସିବ 'ଧୁରନ୍ଧର'

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ରଣବୀରଙ୍କର ଜବରଦସ୍ତ ଲୁକ୍ ଓ ଆକ୍ସନ୍ ଦର୍ଶନଙ୍କ ମନ ଜିଣିଛି। ଏହି ଫିଲ୍ମ ପାଇଁ ରଣବୀର ୩୦ରୁ ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ, ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍ ମାଧବନ୍ ଦେଖାଯିବେ। ଏହା ଡିସେମ୍ବର ୫ରେ ମୁକ୍ତିଲାଭ କରିବ। ଫିଲ୍ମର କାହାଣୀ ଏକ ସିକ୍ରେଟ୍ ମିଶନ ଉପରେ ଆଧାରିତ। ଧୂଆଁଧାର ଆକ୍ସନ, ଜବରଦସ୍ତ ସଂଳାପ ସହ ଦମ୍‌ଦାର୍ ସିନ୍ ଏଥିରେ ଦେଖିବାକୁ ମିଳିବ। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ପ୍ରଥମ ପାର୍ଟ ଡିସେମ୍ବର ୫ରେ ଆସିବ ଓ ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଆସିବ। ପ୍ରଥମ ପାର୍ଟର ଶେଷରେ ଦ୍ୱିତୀୟ ପାର୍ଟ କଥା ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।






## 'ସକାଳ'ର ସ୍ୱାସ୍ଥ୍ୟ

# ଆଲ୍‌ଫା-ଗାଲ୍-ସିଣ୍ଡ୍ରୋମ



**ଆଲ୍‌ଫା –ଗାଲ୍ ସିଣ୍ଡ୍ରୋମ ଏକ ବିରଳ ଆଲର୍ଜି, ଯାହାକି ଏକ ସ୍ୱତନ୍ତ୍ର ଟିକ୍ଙ୍କ କାମୁଡ଼ିବା ଓ ରେଡମିଟ୍ ଖାଇବା ଯୋଗୁ ହୋଇଥାଏ। ୨୦୨୪ରେ ନ୍ୟୁ ଜର୍ସିର ଜଣେ ୪୭ ବର୍ଷୀୟ ବ୍ୟକ୍ତି ବର୍ଗର ଖାଇବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ନାନା ଗବେଷଣା ପରେ ତାଙ୍କ ମୃତ୍ୟୁର କାରଣ ରେଡ ମିଟ୍ ଆଲର୍ଜି ବୋଲି ଜଣାପଡ଼ିଛି। ଏହାକୁ ଆଲଫା-ଗାଲ୍ ସିଣ୍ଡ୍ରୋମ କୁହାଯାଏ। ତେବେ ଏହି ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର କ'ଣ ଜାଣିବା।**

ଆଲ୍‌ଫା-ଗାଲ୍ ଏକ କାର୍ବୋହାଇଡ୍ରେଟ୍ ଅଣୁ। ଏହା ସ୍ତନ୍ୟପାୟୀ ପ୍ରାଣୀ (ମାନବ ବ୍ୟତୀତ) ଏବଂ ଏକ ଟିକ୍‌ର ଲାଳରୁ ମିଳିଥାଏ। ଏହି ଟିକ୍ଙ୍କ କାମୁଡିବା ଦ୍ୱାରା ଶରୀରରେ ଆଲର୍ଜି ସୃଷ୍ଟି ହୁଏ। ଏହାକୁ ଆଲଫା-ଗାଲ୍ ଆଲର୍ଜି କୁହାଯାଏ। ଏହା ଏକ ପ୍ରକାରର ଖାଦ୍ୟ ଆଲର୍ଜି। ମୁଖ୍ୟତଃ ରେଡ୍‌ମିଟ(ବିଫ୍, ପର୍କ, ମଟନ) ପ୍ରସ୍ତୁତ ଉତ୍ପାଦ ପ୍ରତି ଏହା ଅଧିକ ପ୍ରତିକ୍ରିୟା କରେ। ଆମେରିକାର ଦକ୍ଷିଣ ପୂର୍ବ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ଅଧିକାଂଶ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। 'ଲୋନ ଷ୍ଟାର' ଟିକ୍ଙ୍କ କାମୁଡିଲେ ଏହାର ଲାଳର ବିଷାକ୍ତ ମନୁଷ୍ୟ ଶରୀରକୁ ପ୍ରବେଶ କରି ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରେ। ସେହି ସମୟରେ ଜଣେ ଯଦି ରେଡମିଟ୍ ଖାଆନ୍ତି ଆଲର୍ଜି ପ୍ରତିକ୍ରିୟା ଅଧିକ ହୁଏ।

**ପ୍ରଭାବିତ ହୁଏ ପାଚନପ୍ରଣାଳୀ:** ଏହି ରୋଗରେ ପୀଡ଼ିତଙ୍କ ଶରୀରରେ କିଛି ଲକ୍ଷଣ ଯଥା- ଚର୍ମ ପରିବର୍ତ୍ତନ, ଲାଲ୍ ଲାଲ୍ ପଡ଼ିଯିବା, ଓଠ, ଆଖିପତା, ଗଳା, ଜିଭ କିମ୍ବା ମୁହଁ ଫୁଲିଯିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ, ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଏବଂ ମୁଣ୍ଡବୁଲାଇବା ଲକ୍ଷଣ ଆଦି ଦେଖାଯାଏ। ଏହି ଲକ୍ଷଣ ଦେଖି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତପରୀକ୍ଷା କରାଯାଏ।

**ପ୍ରତିକାର:** ରୋଗୀର ଲକ୍ଷଣ ଆଧାରରେ ଡାକ୍ତର ଚିକିତ୍ସା କରନ୍ତି। ତେଣୁ ରୋଗୀ ରେଡ ମିଟ୍‌ଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଆଲର୍ଜି ଗମ୍ଭୀର ରୂପ ନେଲେ ଡାକ୍ତର ଆଣ୍ଟି ଆଲର୍ଜିକ ଔଷଧ ଉପଯୋଗ କରନ୍ତି। ଏଥିରୁ ବର୍ତ୍ତିବାକୁ ହେଲେ ଜଙ୍ଗଲ ଅଞ୍ଚଳକୁ ଯିବା ଅନୁଚିତ। ବାହାରକୁ ଯିବା ସମୟରେ ଚର୍ମକୁ ଘୋଡାଇ ରଖିବା ଭଲ। ଆଲର୍ଜି ସୃଷ୍ଟି ହେଉଥିବା ଖାଦ୍ୟ ଛାଡ଼ି ପାରିବେ। ଘରେ ଗୃହପାଳିତ ପ୍ରାଣୀ ଥିଲେ, ନିୟମିତ ବ୍ୟବଧାନରେ ତାଙ୍କ ଶରୀରରେ ଟିକ୍ ସଫା କରିବା ଆବଶ୍ୟକ।

# ମସ୍ତିଷ୍କ କର୍କଟ ପାଇଁ ଟିକା

ମସ୍ତିଷ୍କ କର୍କଟ ହେଉଛି ମସ୍ତିଷ୍କ ସମ୍ବନ୍ଧୀୟ ଏକ ରୋଗ। ଏହି କର୍କଟରେ ମସ୍ତିଷ୍କ ମଧ୍ୟରେ ଅସ୍ୱାଭାବିକ କୋଷ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ କାର୍ଯ୍ୟକ୍ଷମତା ପ୍ରଭାବିତ ହୁଏ। ଏହାଦ୍ୱାରା ପ୍ରବଳ ମୁଣ୍ଡବିନ୍ଧା, ବାନ୍ତି, ଦୃଷ୍ଟିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଏହା ପକ୍ଷାଘାତର କାରଣ ସାଜିଥାଏ। ଏହି ରୋଗର ସଫଳ ଚିକିତ୍ସା ପାଇଁ ଶୀଘ୍ର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ରୋଗର ସ୍ଥିତି ଅନୁସାରେ ଚିକିତ୍ସା ଯୋଗାନ୍ତି। ଜାଣି ଖୁସି ହେବେ ଯେ, ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମସ୍ତିଷ୍କ କର୍କଟ(ଗ୍ଲାଓବ୍ଲାଷ୍ଟମା) ଚିକିତ୍ସା ପାଇଁ ଏକ ନୂତନ ଏମ୍‌ଆର୍‌ଏନ୍‌ଏ ଟିକା ବିକଶିତ କରିଛନ୍ତି। ଟିକାର ପ୍ରାରମ୍ଭିକ ପରୀକ୍ଷାରୁ ଉତ୍ସାହଜନକ ପରିଣାମ ଦେଖିବାକୁ ମିଳିଥିଲା। ଟିକାଟି ରୋଗୀର ଟ୍ୟୁମର କୋଷିକାରୁ ମିଳିଥିବା ଏମ୍‌ଆରଏନ୍‌ଏକୁ ଉପଯୋଗ କରି ତିଆରି କରାଯାଇଛି। ଏହା ଶରୀରରେ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ କୋଷକୁ ଚିହ୍ନି ତାକୁ ନଷ୍ଟ କରିବାରେ ସାହାଯ୍ୟ କରିବାକୁ ପୁନଃକାର୍ଯ୍ୟକ୍ଷମ କରିଥାଏ। ପ୍ରଥମେ ମୂଷା ଏବଂ କୁକୁରଙ୍କ ଉପରେ ଏହାର ପରୀକ୍ଷା କରାଯାଇଥିଲା। ଏହି ଟିକାଟି ସେମାନଙ୍କ ମସ୍ତିଷ୍କର ଟ୍ୟୁମରକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। ନୂତନ କୋଷ ସୃଷ୍ଟି କରିବାକୁ ଦେଇ ନ ଥିଲା। ଏହି ଟିକା ପାରମ୍ପରିକ ଉପଚାର କେମୋଥେରାପି ଏବଂ ବିକିରଣଠାରୁ ଭିନ୍ନ। ଏଥିରେ ପାର୍ଶ୍ୱପ୍ରତିକ୍ରିୟା କମ୍ ହୋଇଥାଏ। ପ୍ରତିରକ୍ଷା ପ୍ରଣାଳୀକୁ ଦୀର୍ଘ ସମୟ କର୍କଟ ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ। ତେବେ ଟିକାଟି ସମସ୍ତ ପରୀକ୍ଷଣରେ ସଫଳ ହେଲେ ଏହା ମସ୍ତିଷ୍କ କର୍କଟ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଅନ୍ୟପଟେ ଋଷ୍‌ର ବୈଜ୍ଞାନିକମାନେ ଏମ୍‌ଆର୍‌ଏନ୍‌ଏ କୌଶଳରେ ନୂଆ ଟିକା 'ଏଣ୍ଟରୋମିକ୍ସ' ବିକଶିତ କରିଛନ୍ତି। ଏହାର ଡାକ୍ତରୀ ପରୀକ୍ଷଣ ସଫଳ ହୋଇଛି। ଏହି ଟିକା କୋଲନ କର୍କଟ ସମେତ ମସ୍ତିଷ୍କ କର୍କଟ, ଚର୍ମ କର୍କଟ ଚିକିତ୍ସାରେ ପ୍ରଭାବୀ ହେବ।



# କଅଁଳ ବୟସରୁ ପରିପକ୍ୱ

**ଆଧୁନିକ ଜୀବନଶୈଳୀ, ଦୀର୍ଘ ସମୟ ଫୋନ୍ ବ୍ୟବହାର ଆଦି ଅଭ୍ୟାସ ଯୋଗୁଁ ଏବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ହେଉଛି। ସେଥିରୁ ପ୍ରିକୋସିୟସ୍ ପ୍ୟୁବର୍ଟି ଯୋଗୁଁ ପିଲାମାନେ କଅଁଳ ବୟସରୁ ପରିପକ୍ୱ ହେଉଛନ୍ତି। ମାତ୍ର ୭ରୁ ୮ ବର୍ଷରୁ ପୁଅ ଓ ଝିଅଙ୍କ ଶାରୀରିକ ଓ ମାନସିକ ପରିବର୍ତ୍ତନ ହେଉଛି। ଏହା ପ୍ରାୟତଃ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ତେଣୁ ଏହି ସମସ୍ୟା କାହିଁକି ହେଉଛି, ଏହାର ସମାଧାନ କ'ଣ ତାହାକୁ ନେଇ ଏହି ଆଲେଖ୍ୟ।**



ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହା ୧୨ରୁ ୧୪ବର୍ଷ ବୟସରେ ଆରମ୍ଭ ହୋଇଯାଏ। ଏବେ କିନ୍ତୁ ୮ରୁ ୯ ବର୍ଷୀୟା ଝିଅମାନେ ଋତୁସ୍ରାବକୁ ସାମ୍ନା କରୁଛନ୍ତି। ଝିଅଙ୍କ ପରି ପୁଅମାନଙ୍କର କମ୍ ବୟସରୁ ଯୌନାଙ୍ଗବୃଦ୍ଧି, ସ୍ୱରରେ ପରିବର୍ତ୍ତନ, ନିଶ ଉଠିବା ଆଦି ଲକ୍ଷଣ ଦେଖାଯାଉଛି। ତେବେ କମ୍ ବୟସରୁ ଏହି ପରିପକ୍ୱତା ସେମାନଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଫଳରେ ସେମାନଙ୍କ ସ୍ୱଭାବ ଚିଡ଼ିଚିଡ଼ା ହେଉଛି।

**ଅନିୟନ୍ତ୍ରିତ ଜୀବନଶୈଳୀ**

ରାସାୟନିକଯୁକ୍ତ ଖାଦ୍ୟ, ଗର୍ଭବସ୍ଥାରୁ ଇଞ୍ଜେକସନ୍ ଏବଂ ଔଷଧ ସେବନ ଅଭ୍ୟାସରୁ ପିଲାମାନେ ଶୀଘ୍ର ରାସାୟନିକ ସମ୍ପର୍କରେ ଆସିଯାଉଛନ୍ତି। ଜନ୍ମ ପରେ ଖାଦ୍ୟଠୁ ନେଇ ଶାରୀରିକ ବୃଦ୍ଧି ପାଇଁ ଖାଦ୍ୟରେ ଗ୍ରୋଥ୍ ହରମୋନ୍ ଉପଯୋଗ ଯୋଗୁଁ ହରମୋନ୍ ଅସନ୍ତୁଳନ ହେଉଛି। ଅଧିକ ଜଙ୍କଫୁଡ ସେବନ ଦ୍ୱାରା କମ୍ ବୟସରୁ ପିଲା ପରିପକ୍ୱ ହେଉଛନ୍ତି।

**ମେଦବହୁଳତା ଏବଂ ଚିନ୍ତା:** ପ୍ରିଜରଭେଟିଭ ଖାଦ୍ୟଗ୍ରହଣ, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ପିଲାମାନେ ମେଦବହୁଳତାରେ ପୀଡ଼ିତ ହେଉଛନ୍ତି। ଏହା ଦ୍ୱାରା ଚିନ୍ତା ଓ ଓଜନ ବୃଦ୍ଧି ସମସ୍ୟା ଅଧିକ ବଢ଼ୁଛି। ଏହା ମଧ୍ୟ ପ୍ରିକୋସିୟସ୍ ପ୍ୟୁବର୍ଟିର ମୂଳ କାରଣ।

**କାଳ ସାଜୁଛି ମୋବାଇଲ୍ ଫୋନ୍:** ପଢ଼ାକୁ ନେଇ ଅଧିକାଂଶ ପିଲା ଚାପଗ୍ରସ୍ତ ରହୁଛନ୍ତି। ଘଣ୍ଟା ଘଣ୍ଟା ଡିଜିଟାଲ ସ୍କ୍ରିନ୍ ବ୍ୟବହାର ଯୋଗୁଁ ଫୋନ୍‌ର ନୀଳ ଆଲୋକ ମସ୍ତିଷ୍କକୁ ନିଦ ସଙ୍କେତ ଦିଏ ନାହିଁ। ବିଳମ୍ବିତ ରାତିଯାଏଁ ସେମାନେ ଅନିଦ୍ରା ରହୁଥିବାରୁ ହରମୋନ ଅସନ୍ତୁଳନ ହେଉଛି। ଫଳରେ କମ୍ ବୟସରୁ ପରିପକ୍ୱ ହେଉଛନ୍ତି।

**ଖାଦ୍ୟପେୟରେ ସତର୍କତା:** ପିଲାମାନେ ସନ୍ତୁଳିତ ଖାଦ୍ୟ ସେବନ ସହିତ ବ୍ୟାୟାମ କରିବା ନିତାନ୍ତ ଜରୁରି। ଶୋଇବାର ଘଣ୍ଟାକ ପୂର୍ବରୁ ମୋବାଇଲ୍ ବନ୍ଦ କରିବା ଉଚିତ। ୮ରୁ ୯ ବର୍ଷ ବୟସରେ ପୁଅଝିଅ ପରିପକ୍ୱ ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

# ରକ୍ତଚାପ ନିୟନ୍ତ୍ରଣକାରୀ ଲାଉ ଜୁସ୍

**ଆୟୁର୍ବେଦରେ ଲାଉର ଅନେକ ଔଷଧୀୟ ଗୁଣ ଭରି ରହିଛି। ଲାଉରୁ ପ୍ରସ୍ତୁତ ଜୁସ୍ ପିଇଲେ ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଲାଉ ଜୁସ୍‌ରେ ଭିଟାମିନ୍, ମିନେରାଲ ଅନେକ ପୋଷକତତ୍ତ୍ୱ ରହିଛି। ତେଣୁ ନିୟମିତ ରୂପେ ସଠିକ ମାତ୍ରାରେ ଏହାକୁ ସେବନ କଲେ, ଶରୀରର ବିଭିନ୍ନ ରୋଗ ଦୂର ହୋଇପାରେ। ଶୀତଦିନେ ଲାଉ ଜୁସ୍ ପିଇବା ଅତ୍ୟନ୍ତ ହିତକର।**

- ଲାଉରେ ଥିବା ପଟାସିୟମ ରକ୍ତଚାପକୁ ନିୟନ୍ତ୍ରିତ ରଖେ। ପାଚନତନ୍ତ୍ରକୁ ସକ୍ରିୟ ରଖିବାରେ ଏହାର ଭୂମିକା ରହିଛି। ସେହିପରି ଲାଉରେ ଭିଟାମିନ-ସି, ପଟାସିୟମ, ମ୍ୟାଗ୍ନେସିୟମ, ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦୟକୁ ସୁସ୍ଥ ରଖେ। ଶରୀରରେ ଜଳୀୟଅଂଶ ସନ୍ତୁଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ।
- ମୁଣ୍ଡବିନ୍ଧା ସମସ୍ୟାରୁ ରକ୍ଷା ପାଇବାକୁ ପ୍ରତିଦିନ ଲାଉ ଜୁସ୍ ପିଇବା ହିତକର। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। କେବଳ ସେତିକି ନୁହେଁ, ଏହା ଓଜନ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ନିଭାଏ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇପାରିବେ। ନିୟମିତ ରୂପେ ୧୦୦ରୁ ୧୫୦ ମିଲି ଟଟକା ଲାଉ ଜୁସ୍ ପିଇବାକୁ ପରାମର୍ଶ ଦିଆଯାଏ। ଯଦି କାହାର ସ୍ୱାସ୍ଥ୍ୟ ସମସ୍ୟା ରହିଥାଏ, ସେମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଲାଉ ଜୁସ୍ ସେବନ କରିବା ଅନୁଚିତ।



### ଶନିବାରରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ଭାରତ ସାମ୍ନାରେ ଚୂଡ଼ାନ୍ତ ଏକାଦଶ ଚୟନ ଦ୍ୱନ୍ଦ୍ୱ

ଗୌହାଟୀ,୨୦।୧୧(ଏଜେନ୍ସି):

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ସିରିଜ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍ ଶନିବାରଠୁ ଖେଳାଯିବ। ଭାରତର ୨୮ତମ ଟେଷ୍ଟ ଭେନ୍ୟୁଭାବେ ଏଠାରେ ପ୍ରଥମ ଟେଷ୍ଟ ଖେଳାଯିବ। ଆଜି ଖୋଲାଯାଇଥିବା ବର୍ଷାପଡ଼ା ପିଚ୍‌ରେ ପ୍ରବଳ ଘାସ ଥିବାର ଦେଖାଯାଇଛି। କିନ୍ତୁ ଆସନ୍ତାକାଲି ଏହା ନ ଥିବ। ଏହା ସତ୍ତ୍ୱେ ପିଚ୍ କିପରି ବ୍ୟବହାର କରିବ, ଭାରତ କେଉଁଭଳି ପିଚ୍ ପସନ୍ଦ କରିବ ଏହା ଉପରେ ସବୁକିଛି ନିର୍ଭର କରୁଛି। କୋଲକାତାର ଅନ୍‌ଇଭିନ ବାଉନ୍ସ ଓ ଟର୍ଣ୍ଣିଂ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରିପାରିଲା ନାହିଁ। ଏଣୁ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ବର୍ଷାପଡ଼ା ଷ୍ଟାଡିୟମ୍‌ର ଭେନ୍ୟୁ କିପରି ହେବ ତାହା ଏବେଠାରୁ କହିବା କଷ୍ଟକର।

ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଶିବିରରେ ମନ୍ଥନ ପରେ ମନ୍ଥନ ଚାଲିଛି। ବିଚାର ବିମର୍ଷ, ଅଭ୍ୟାସ, ଯୋଜନା ଓ ରଣନୀତିକୁ ନେଇ କ୍ରିକେଟ ମହଲ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବିଶେଷ କରି ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ୨ଟି ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ ନ ହେବାକୁ ସମସ୍ତେ ନିଶ୍ଚିତ ଚେଷ୍ଟା କରିବେ। କିନ୍ତୁ ଏଥିଲାଗି କେଉଁ ରଣନୀତି ଗ୍ରହଣ କରାଯିବ, କିଭଳି ପିଚ୍ ରହିବ ଓ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ ଓ କାହାକୁ ବାଦ୍ ଦିଆଯିବ ତାହାକୁ ନେଇ ଟିମ୍ ମ୍ୟାନେଜ୍‌ମେଣ୍ଟ ଦ୍ୱନ୍ଦ୍ୱରେ ପଡ଼ିଛି। ଏହା ସତ ଯେ, ଆହତ ଅଧିନାୟକ ଶୁବମନ ଗିଲଙ୍କ ଖେଳିବା ଉପରେ ଟିମ୍ ମ୍ୟାନେଜମେଣ୍ଟ ଶେଷ ମୂହୂର୍ତ୍ତଯାଏ ଅପେକ୍ଷା କରିବ। ମେଡିକାଲ ଟିମ୍‌ର ସାର୍ଟିଫିକେଟ ଏବଂ ଗିଲ ନିଜେ ସହଜ ଅନୁଭବ କଲେ ଖେଳିବେ କି ନାହିଁ ସ୍ଥିର ହେବ। ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି, ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ। ଶନିବାର ଖେଳ ଆରମ୍ଭ ହେବା ପରେ ତାଙ୍କୁ ନିଜ ଘରକୁ କିମ୍ବା ବେଙ୍ଗାଲୁରୁ ପଠାଇଦିଆଯିବ। ସେଠାରେ ତାଙ୍କର ଚିକିତ୍ସା ହେବ ଓ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ସେ ଫିଟ୍ ହୁଅନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି।

ଗିଲଙ୍କ ଯଦି ଦ୍ୱିତୀୟ ଟେଷ୍ଟ ନ ଖେଳିବେ ତେବେ ଉପଅଧିନାୟକ ତଥା ୱିକେଟରକ୍ଷକ ଋଷଭ ପନ୍ତ୍ ଦଳର ନେତୃତ୍ୱନେବେ। କିନ୍ତୁ ତାଙ୍କ ଅନୁପସ୍ଥିତିରେ ଭାରତର ଚୂଡ଼ାନ୍ତ ଏକାଦଶ ଚୟନକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପଡ଼ାରେ ଭାରତ ତାଙ୍କ ସ୍ଥାନରେ କାହାକୁ ଖେଳାଇବ ତାହାକୁ ନେଇ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ। ଗତ କିଛିଦିନ ଯେପରି ସାଇ ସୁଦର୍ଶନଙ୍କୁ ପ୍ରୋଜେକ୍ଟ କରାଯାଉଛି, ସେଥିରୁ ଜଣାଯାଉଛି ଗିଲ୍‌ଙ୍କ ସ୍ଥାନ ସେ ପୂରଣ କରିବେ। ଅର୍ଥାତ୍ ୱାଶିଂଟନ ସୁନ୍ଦର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ତାଙ୍କ ପରେ ସୁଦର୍ଶନ ଆସିବେ। ସେହିପରି କୋଲକାତାରେ ବିଶେଷ ପ୍ରଭାବ ପକାଇପାରି ନ ଥିବା ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦେବାର ଆଶଙ୍କା ରହିଛି। ଏପରି ହେଲେ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯିବ। ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷ ଦିନିକିଆ ସିରିଜ୍ ଖେଳୁଥିଲାବେଳେ ନୀତୀଶଙ୍କୁ ଦଳକୁ ଫେରାଇ ଅଣାଯାଇଛି। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ସାମିଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।


ବର୍ଷାପଡ଼ା ଷ୍ଟାଡିୟମରେ ଅପରାହ୍ଣ ୪ଟା ୪୦ ମିନିଟରେ ସ୍ଥିତି

**ଦ୍ୱିତୀୟ ଟେଷ୍ଟର ଖେଳ ସମୟ**

| | |
|---|---|
| ପ୍ରଥମ ସେସନ | ସକାଳ ୯ଟାରୁ ୧୧ଟା |
| ଟି (ଚା’ ପାନ) | ୧୧ଟାରୁ ୧୧ଟା ୨୦ମିନିଟ୍ |
| ଦ୍ୱିତୀୟ ସେସନ | ପୂର୍ବାହ୍ଣ ୧୧.୨୦ରୁ ୧.୨୦ |
| ଲଞ୍ଚ୍ (ମଧ୍ୟାହ୍ନ ଭୋଜନ) | ଅପରାହ୍ଣ ୧.୨୦ରୁ ୨ଟା |
| ତୃତୀୟ ସେସନ | ଅପରାହ୍ଣ ୨ଟାରୁ ୪ଟା |

### ଆଜିଠୁ ଆସେସ୍ ସିରିଜ

## ଟ୍ରଫି ବଜାୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

ପର୍ଥ, ୨୦।୧୧ (ଏଜେନ୍ସି): ଟେଷ୍ଟ କ୍ରିକେଟ୍ ଇତିହାସର ସବୁଠୁ ପୁରୁଣା ଓ ସମ୍ମାନଜନକ ସିରିଜ ‘ଦି ଆସେସ୍’ର ୭୪ତମ ସଂସ୍କରଣ ଶୁକ୍ରବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁଯାଉଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମୁକାବିଲା ପର୍ଥ ଷ୍ଟାଡିୟମରେ ଖେଳାଯିବ। ଅଭିଜ୍ଞ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଭ୍ରମଣକାରୀ ଇଂଲଣ୍ଡଦଳରନେତୃତ୍ୱନେଉଛନ୍ତି। ଦଳରେ ଜୋ ରୁଟ୍, ଓଲି ପୋପ୍, ବେନ୍ ଡକେଟ୍, ହ୍ୟାରୀ ବ୍ରୁକ୍, ଜୋଫ୍ରା ଆର୍ଚର, ମାର୍କ ଉଡ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଇଂଲଣ୍ଡ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଆସେସ୍ ସିରିଜ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଷ୍ଟିଭ ସ୍ମିଥଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଘରୋଇ ମାଟିରେ କୌଣସି ସୁଯୋଗ ନ ଦେଇ ସିରିଜ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ସ୍ମିଥଙ୍କ ସମେତ ମାର୍ନସ ଲାବୁଶେନ, ଟ୍ରାଭିସ ହେଡ, ମିଚେଲ ଷ୍ଟାର୍କ, ନାଥନ ଲିୟନଙ୍କ ଭଳି ଅଭିଜ୍ଞ ଖେଳାଳି ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛନ୍ତି।

**ଆଜିଠୁ ପ୍ରଥମ ଟେଷ୍ଟ**
ଆରମ୍ଭ: ସକାଳ ୭ଟା ୫୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ



**ଅଙ୍କରେ ଆସେସ୍**
- ପ୍ରଥମ ସିରିଜ: ୧୮୭୬-୭୭
- ମୋଟ୍ ସିରିଜ: ୭୩
- ଅଷ୍ଟ୍ରେଲିଆ ବିଜୟ: ୩୪ଥର
- ଇଂଲଣ୍ଡ ବିଜୟ: ୩୨ଥର
- ଡ୍ର: ୭ଥର
- ମୋଟ୍ ଟେଷ୍ଟ ମ୍ୟାଚ୍: ୩୪୦ଟି
- ଅଷ୍ଟ୍ରେଲିଆ ଜିତିଛି: ୧୪୦ଟି
- ଇଂଲଣ୍ଡ ଜିତିଛି: ୧୦୮ଟି

## ଏଏଫ୍‌ଆଇରେ ଜିଏସ୍ ପଟ୍ଟନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ

ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏସନ (ଓଏଏ)ର ସଭାପତି ଜିଏସ୍ ପଟ୍ଟନାୟକଙ୍କୁ ଜାତୀୟ ସଂଘରେ ଏକ ବଡ଼ ଦାୟିତ୍ୱ ମିଳିଛି। ସେ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଅଫିସିଏଟିଂ ସେକ୍ରେଟାରୀ (କାର୍ଯ୍ୟାଳୟ ପରିଚାଳନା ସମ୍ପାଦକ) ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଏଏଫ୍‌ଆଇର ବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିଲେ। ଓଡ଼ିଶା ଇତିହାସରେ ଶ୍ରୀ ପଟ୍ଟନାୟକ ପ୍ରଥମ ବ୍ୟକ୍ତି ଭାବେ ଏଏଫ୍‌ଆଇର ଅଫିସିଏଟିଂ ସେକ୍ରେଟାରୀ ପଦ ମଣ୍ଡନ କରିଛନ୍ତି। ଏହି ଅବସରରେ ଓଏର ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସମ୍ପାଦକ ଅଭିଜିତ୍ ପାଲ୍‌ଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଜିଏସ୍ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

## ବିଶେଷଙ୍କୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୨୦।୧୧(ସମିସ): ରାଜ୍ୟ ଜୁନିଅର ବିଲିଆର୍ଡ୍ସ ଚାମ୍ପିଅନ୍ ବିଶେଷ ସିଂଘାଲ ରାଜ୍ୟ ଜୁନିଅର ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସ୍ନୁକରରେ ଏହା ତାଙ୍କର ହ୍ୟାଟ୍ରିକ୍ ଟାଇଟଲ। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେ ୨-୦ ଫ୍ରେମ୍‌ରେ ସାଇ ସଙ୍କଳ୍ପଙ୍କୁ ହରାଇ କ୍ରମାଗତ ତୃତୀୟ ଟାଇଟଲ ଜିତିଥିଲେ। ଗତକାଲି ଅନୁଷ୍ଠିତ ସିନିଅର ବିଲିଆର୍ଡ୍ସରେ ବିଶେଷ ପୂର୍ବତନ ଜାତୀୟ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସିନିଅର ସ୍ନୁକର ବିଭାଗରେ ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଅନୁଜ ପଣ୍ଡା ଓ ସୁଦୀପ୍ତ ଦାଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



## ୱାର୍ଲ୍ଡ ବକ୍ସିଂ କପ୍: ଭାରତକୁ ୯ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ୱାର୍ଲ୍ଡ ବକ୍ସିଂ କପ୍‌ରେ ଭାରତକୁ ୯ସ୍ୱର୍ଣ୍ଣ, ୬ରୌପ୍ୟ ଓ ୫କାଂସ୍ୟ ସହ ୨୦ଟି ପଦକ ଜିତି ରେକର୍ଡ ସୃଷ୍ଟି କରିଛି। ଗୁରୁବାର କେବଳ ୭ଟି ସ୍ୱର୍ଣ୍ଣ ଜିତିଛି। ଏମାନଙ୍କ ମଧ୍ୟରୁ ମହିଳା ବିଭାଗ ୪୮ କେଜିରେ ମିନାକ୍ଷୀ, ୫୪ କେଜିରେ ପ୍ରୀତି, ୭୦ କେଜିରେ ଅରୁନ୍ଧତି, ୫୧ କେଜିରେ ନିଖତ ଜରୀନ, ୫୭ କେଜିରେ ଯସ୍ମିନ୍, ୬୬ କେଜିରେ ପରବିନ୍ ଓ ୮୦ରୁ ଉର୍ଦ୍ଧ୍ୱ କେଜିରେ ନୁପୁର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପୁରୁଷ ବିଭାଗରେ ଯଦୁମଣି ସିଂ, ପୱନ ବାର୍ତ୍ତୱାଲ, ଅବିନାଶ ଜାମୱାଲ୍ ଓ ଅଙ୍କୁଶ ପାଙ୍ଘଲ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

## ଡିସେମ୍ବର ୨୮ରୁ ମହିଳା, ଜାନୁଆରୀ ୩ରୁ ପୁରୁଷ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ ପୁଣିଥରେ ଫେରୁଛି। ହକି ଇଣ୍ଡିଆ ପକ୍ଷରୁ ରାଞ୍ଚିରେ ଡିସେମ୍ବର ୨୮ରୁ ଜାନୁଆରୀ ୧୦ ଯାଏ ମହିଳା ଲିଗ୍ ଏବଂ ଚେନ୍ନାଇ, ରାଞ୍ଚି ଓ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ଯାଏ ପୁରୁଷ ଲିଗ୍ ଖେଳାଯିବାକୁ ସ୍ଥିର ହୋଇଛି। ବିଗ୍ ଇଜ୍ ବ୍ୟାକ୍ ନାମରେ ହକି ଇଣ୍ଡିଆ ଲିଗ୍‌ର ଅଫିସିଆଲ ପ୍ରୋମୋ ଆଜି ଉନ୍ମୋଚିତ ହୋଇଛି। ଏହି ଲୋକପ୍ରିୟ ପ୍ରତିଯୋଗିତା ଲାଗି ହକି ସମର୍ଥକ ପ୍ରସ୍ତୁତ ହୋଇ ରହିଛନ୍ତି।

## ମହିଳା କବାଡ଼ି ବିଶ୍ୱକପ୍: ସେମିରେ ଭାରତ

ଢାକା, ୨୦।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଭାରତୀୟ ମହିଳା ଦଳ ଏହାର ୩ୟ ଗ୍ରୁପ୍ ମ୍ୟାଚରେ ଜର୍ମାନୀକୁ ୬୩-୨୨ ପଏଣ୍ଟରେ ହରାଇଥିଲା। ବିଶ୍ୱକପ୍‌ରେ ଭାରତର ଏହା ହ୍ୟାଟ୍ରିକ ବିଜୟ ଥିଲା। ନଭେମ୍ବର ୨୩ରେ ସେମିଫାଇନାଲ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ଶେଷ ପରେ ଭାରତ ସେମିଫାଇନାଲରେ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ୨୦୧୨ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ଏଥର ମଧ୍ୟ ଦଳ ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି।

## ଶତକ ଟେଷ୍ଟରେ ଶତକ: ରହିମଙ୍କ ବିରଳ କୀର୍ତ୍ତିମାନ

ମୀରପୁର, ୨୦।୧୧ (ଏଜେନ୍ସି): ବାଂଲାଦେଶର ବରିଷ୍ଠ କ୍ରିକେଟର୍ ମୁସଫିକର ରହିମ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱର ୧୧ତମ ବ୍ୟାଟର୍ ଭାବେ ୩୮ ବର୍ଷୀୟ ରହିମ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପ୍ରଥମ ପାଳିରେ ରହିମ ୧୦୬ ରନ ସଂଗ୍ରହ କରିଥିଲେ। ରହିମଙ୍କ ଏହା ୧୦୦ତମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବରୁ ବିଶ୍ୱର ୧୦ଜଣ କ୍ରିକେଟର୍ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିଛନ୍ତି। ସେମାନେ ହେଲେ ଇଂଲଣ୍ଡର କଲିନ କାଓଡ୍ରେ, ଜାଭେଦ ମିଆଁଦାଦ, ଗର୍ଡନ ଗ୍ରିନିଜ୍, ଆଲେକ୍ ଷ୍ଟିୱାର୍ଟ, ଇଞ୍ଜାମାମ-ଉଲ୍-ହକ, ରିକି ପଣ୍ଟିଂ, ଗ୍ରାଏମ ସ୍ମିଥ, ହାସିମ ଅମଲା, ଜୋ ରୁଟ୍, ଡେଭିଡ୍ ୱାର୍ଣ୍ଣର। ଏହି ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୪୭୬ ରନରେ ସୀମିତ ରହିଥିଲା। ଜବାବରେ ଆୟର୍ଲାଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୫ ୱିକେଟରେ ୯୮ ରନ ସଂଗ୍ରହ କରିଛି।




ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

Presented by:
BHARAT MASALA
The Taste of New India

In Association with:
CBSE-XI & XII SRI VINAYAKA Concept School BHUBANESWAR

5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୭୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୭୫୧୭୭୧୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୨୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୭୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୭୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଟୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ୍) | ଶରତ ଦାସ - ୬୩୭୨୧୧୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS